RNI No.ODIODI/2010/33031
୧୬ ବର୍ଷ Volume-16
ISSUE -186 ସଂଖ୍ୟା-୧୮୬
ଭୁବନେଶ୍ୱର, ବୁଧବାର ୦୮ ଅକ୍ଟୋବର ୨୦୨୫
Bhubaneswar, Wednesday 08 October, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ସରକାର ମୁଖ୍ୟ ଭାବରେ ୨୫ବର୍ଷ ପୂରଣ କଲେ ମୋଦୀ

ନୂଆଦିଲ୍ଲୀ,୭।୧୦: ସରକାରର ମୁଖ୍ୟ ଭାବରେ ୨୫ବର୍ଷ ପୂରଣ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏକ୍ସରେ ଫଟୋ ପୋଷ୍ଟ କରି ବାଣ୍ଟିଲେ ଖୁସି। ୨୦୦୧ ମସିହାରେ ଦାୟିତ୍ୱ ଗ୍ରହଣ କରିବା ଦିନର ଏକ ଫଟୋ ସେୟାର କରି ପ୍ରଧାନମନ୍ତ୍ରୀ ଭାରତର ଜନସାଧାରଣଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି।



ଫଟୋ ପୋଷ୍ଟ କରି ସେ କ୍ୟାପସନରେ ଲେଖିଛନ୍ତି, '୨୦୦୧ ମସିହାର ଏହି ଦିନରେ, ମୁଁ ପ୍ରଥମ ଥର ପାଇଁ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇଥିଲି। ମୋର ସାଥୀ ଭାରତୀୟମାନଙ୍କ ନିରନ୍ତର ଆଶୀର୍ବାଦ ପାଇଁ ମୁଁ ସରକାରର ମୁଖ୍ୟ ଭାବରେ ମୋର ୨୫ତମ ବର୍ଷରେ ପ୍ରବେଶ କରୁଛି। ଭାରତର ଜନସାଧାରଣଙ୍କ ପ୍ରତି ମୋର କୃତଜ୍ଞତା। ଏହି ସବୁ ବର୍ଷ ମଧ୍ୟରେ, ଆମ ଲୋକଙ୍କ ଜୀବନକୁ ଉନ୍ନତ କରିବା ଏବଂ ଏହି ମହାନ ରାଷ୍ଟ୍ରର ପ୍ରଗତିରେ ଯୋଗଦାନ ଦେବା ପାଇଁ ମୋର ନିରନ୍ତର ପ୍ରୟାସ ଜାରି ରହିଛି।' ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବାର ପୁରୁଣା ଫଟୋ ସହିତ, ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ଭବନରେ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେବାର ଏକ ଫଟୋ ମଧ୍ୟ ସେୟାର କରିଛନ୍ତି।

# କଟକ ଘଟଣାରୁ ସମ୍ବଲପୁରରେ ହାଇଆଲର୍ଟ

## ସମ୍ବେଦନଶୀଳ ଅଞ୍ଚଳରେ ୨୪ ଘଣ୍ଟିଆ ପହରା, ସଜାଗ ଦଙ୍ଗା ନିୟନ୍ତ୍ରଣକାରୀ ଫୋର୍ସ

ସମ୍ବଲପୁର,୦୭।୧୦(ନି.ପ୍ର.): କଟକ ଅଶାନ୍ତି ପରେ ସମ୍ବଲପୁରରେ ହାଇଆଲର୍ଟ। ସହରର



ପ୍ରବେଶ ପଥକୁ ନାକାବନ୍ଦୀ କରାଯାଇଛି। ଯାଞ୍ଚକୁ କଡାକଡି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଜଣା ତଥା ସନ୍ଦେହଜନକ ବ୍ୟକ୍ତିଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ବସଷ୍ଟାଣ୍ଡ, ରେଳ ଷ୍ଟେସନ ଏବଂ ଟୋଲ୍‌ଗେଟ୍‌ରେ ପାଟ୍ରୋଲିଂ ଟିମ୍‌କୁ ନିୟୋଜିତ କରାଯାଇଛି। ସହରର ସମ୍ବେଦନଶୀଳ ଅଞ୍ଚଳରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ହୋଇଛି। ସେହିଭଳି ଦଙ୍ଗା ନିୟନ୍ତ୍ରଣ ପାଇଁ ଗୋଟିଏ ପ୍ଲାଟୁନ୍ ଫୋର୍ସକୁ ମଧ୍ୟ ସଜାଗ କରି ସହର ମଧ୍ୟରେ ରଖାଯାଇଛି। ସହରର ବିଭିନ୍ନ ସ୍ଥାନରେ ଆଉ ୭ ପ୍ଲାଟୁନ୍ ଫୋର୍ସ ମୁତୟନ ଅଛନ୍ତି। ସ୍ଥିତି ନିୟନ୍ତ୍ରଣାଧୀନ ଥିଲେ ମଧ୍ୟ ସମ୍ବଲପୁରର ସୁରକ୍ଷା ବ୍ୟବସ୍ଥା ବ୍ୟାପକ ବୃଦ୍ଧି କରାଯିବା ସହ ସମସ୍ତ ପୁଲିସ୍ ଅଧିକାରୀ ଓ କର୍ମଚାରୀଙ୍କୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏସ୍‌ପି ମୁକେଶ ଭାମ। ସମ୍ବଲପୁର ଏସ୍‌ପିଙ୍କ ଦ୍ୱାରା ଜାରି ନିର୍ଦ୍ଦେଶନାମା ଅନୁସାରେ, ସହରର ୫ଟି ସ୍ଥାନରେ ୨୪ ଘଣ୍ଟିଆ ପହରା ଦିଆଯାଉଛି। ଏସ୍‌ଆଇ, ଏଏସ୍‌ଆଇଙ୍କ ଅଧିନରେ ଏହି ଟିମ୍ ଲୋକଙ୍କ ଗତିବିଧି ଉପରେ ନଜର ରଖିବ। ସେହିଭଳି ଜିଲ୍ଲା ସ୍କୁଲ ଛକ-ପେନସନପଡା-ପୀରବାବା ଛକ-ମ୍ୟୁନିସପାଲଟି ଛକ-ଦଲେଇପଡା-ଟିନବାଡି, ମୁଦିପଡା ଅଞ୍ଚଳରେ ପାଟ୍ରୋଲିଂ ଗାଡି ପଇଁତରା ମାରିବ। ଆଉ ଗୋଟିଏ ଗାଡି ଭୁତାପଡା-ମୋତିଝରଣ-ସୁନାପାଲି-ଖେତିପଡା-ଧନକଉଡା-ସାକ୍ଷୀପଡା ଅଞ୍ଚଳରେ ପାଟ୍ରୋଲିଂ କରିବ। ମନ୍ଦିର, ମସଜିଦ ଥିବା ସ୍ଥାନରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ପ୍ରତ୍ୟେକ ପ୍ରବେଶ ପଥରେ ସ୍ଥାନୀୟ ଥାନା ଦ୍ୱାରା ନାକାବନ୍ଦୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସହର ପ୍ରବେଶ ପଥରେ ନାକାବନ୍ଦୀ କରାଯିବା ସହ ସ୍କାନରରେ ରଖାଯାଇଛି।

ସେହିଭଳି କ୍ଷେତରାଜପୁର ଜଙ୍କସନ୍, ସିଟି ରେଳ ଷ୍ଟେସନ, ଅଇଁଠାପାଲି ବସ୍ ଟର୍ମିନାଲ୍, ଲକ୍ଷ୍ମୀଟକିଜ ଛକ ଏବଂ ନୀଲଡୁଙ୍ଗୁରୀ ଓ ହାତୀବାରି ଟୋଲ୍ ଗେଟ୍‌ରେ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି। ସମ୍ବଲପୁର ପୁଲିସ୍ ଓ ଓଏପିଏଫ୍‌ର ମିଳିତ ଟିମ୍ ସନ୍ଦିଗ୍ଧଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ସମସ୍ତ ଅଧିକାରୀଙ୍କୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ବେଦନଶୀଳ ଅଞ୍ଚଳ କୁହାଯାଉଥିବା ଧନୁପାଲି, ଟାଉନ ଏବଂ କ୍ଷେତରାଜପୁର ଅଞ୍ଚଳକୁ ସ୍ୱତନ୍ତ୍ର ଭାବେ ୨ ଜଣ ଅତିରିକ୍ତ ଏସ୍‌ପିଙ୍କୁ ଦାୟିତ୍ୱ ଦିଆଯାଇଛି। ସମ୍ବଲପୁର ଏସ୍‌ଡିପିଓ ତୋଫାନ୍ ବାଗଙ୍କୁ ଆଇନଶୃଙ୍ଖଳା ଉପରେ ନଜର ରଖିବାକୁ ନିର୍ଦ୍ଦେଶ ରହିଛି।

# କଟକରେ କୋହଳ ହେଲା କର୍ଫ୍ୟୁ କଟକଣା

କଟକ,୭।୧୦ : କଟକ ସହରକୁ ଫେରୁଛି ଶାନ୍ତି। କୋହଳା କର୍ଫ୍ୟୁ କଟକଣା। ସହରରେ ଜୀବନଯାତ୍ରା ସ୍ୱାଭାବିକ ହୋଇଛି। ପୂର୍ବ ଘୋଷଣା ଅନୁଯାୟୀ ଆଜି ସକାଳ ୧୦ଟା ପର୍ଯ୍ୟନ୍ତ କର୍ଫ୍ୟୁ ଥିଲା। ଦରଘାବଜାର ସମେତ ୧୩ଟି ଥାନା ଅଞ୍ଚଳରେ କର୍ଫ୍ୟୁ ଲାଗିଥିଲା। ମଙ୍ଗଳାବାଗ୍, କ୍ୟାଣ୍ଟନ୍‌ମେଣ୍ଟ, ପୁରୀଘାଟ, ବାଦାମବାଡ଼ି, ଲାଲ୍‌ବାଗ୍, ବିଡ଼ାନାସୀ, ମର୍କତନଗର, ଉଡଇ ଫେଜ୍-୨, ମାଲ୍‌ଗୋଦାମ, ଜଗତପୁର, ବୟାଳିଶି ମୌଜା, ସଦର ଥାନା ଅଞ୍ଚଳରେ କର୍ଫ୍ୟୁ ଥିଲାଅବଧି ବୃଦ୍ଧି ନହେବାରୁ କଟକଣା ଉଠାଯାଇଛି। ତେବେ ଆଜି ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍ କଟକଣା ବଳବତ୍ତର ରହିବ।



ଭାଇଚାରା'ର ସହର କଟକକୁ ଶାନ୍ତି ଫେରୁଛି। ସହରର ଜୀବନଯାତ୍ରାରେ ସ୍ୱାଭାବିକତା ଫେରାଇ ଆଣିବାକୁ ସବୁ ସ୍ତରରେ, ସବୁ ମହଲରେ ଉଦ୍ୟମ ଜାରି ରହିଛି। ବିଗିଡି ଯାଇଥିବା ଆଇନ ଶୃଙ୍ଖଳା ସ୍ଥିତିରେ ବେଶ ସୁଧାର ମଧ୍ୟ ଆସିଛି। ସାରା ସହର ପୁଲିସ ଫୋର୍ସ ବଳୟରେ ରହିଥିବା ବେଳେ ପୁଲିସ ଡିଜି ୱାଇ. ବି. ଖୁରାନିଆ, ପୁଲିସ କମିସନର ଏସ୍. ଦେବଦତ୍ତ ସିଂଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ କଟକରେ କ୍ୟାମ୍ପ କରି ସ୍ଥିତି ଉପରେ ନଜର ରଖିଛନ୍ତି। ଅନ୍ୟପକ୍ଷରେ, ରବିବାର ସନ୍ଧ୍ୟା ୭ଟାରୁ କଟକ ସହରରେ ଇଣ୍ଟରନେଟ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏହି କଟକଣାକୁ ବୃଦ୍ଧି କରାଯାଇଛି।

କର୍ଫ୍ୟୁ ଯୋଗୁଁ ବ୍ୟବସାୟିକ ନଗରୀ କଟକ ପୂରା ଶୂନ୍‌ଶାନ୍ ପାଲଟି ଯାଇଛି। ଛକବଜାର ସବୁଠି ନିରବତା। ମୁଖ୍ୟରାସ୍ତା ଠାରୁ ଆରମ୍ଭ କରି ଗଳିକନ୍ଦି ସବୁଠି ପୁଲିସ ପଇଁତରା ମାରୁଥିବା ବେଳେ ଲୋକେ ମଧ୍ୟ ପ୍ରଶାସନିକ କଟକଣାକୁ ମାନି ଘରେ ବନ୍ଦୀ ରହିଛନ୍ତି। କର୍ଫ୍ୟୁ ଯୋଗୁଁ ସହରରେ ନିଆଁ ଲଗାଇବା, ବାଣ ଫୁଟାଇବା ଉପରେ କଟକଣା ଜାରି କରାଯାଇଛି। କର୍ଫ୍ୟୁ ଯୋଗୁଁ କଟକରେ ସ୍ୱାସ୍ଥ୍ୟ ଓ ଚିକିତ୍ସା ସେବା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଏସ୍‌ସିବି ମେଡିକାଲ୍ ଠାରୁ ଆରମ୍ଭ କରି ଶିଶୁଭବନ, ସିଟି ହସ୍‌ପିଟାଲ୍ ଏବଂ ସହରରେ ରହିଥିବା ବିଭିନ୍ନ ଘରୋଇ ହସ୍‌ପିଟାଲ୍, ନର୍ସିଂହୋମ୍‌ରେ ରୋଗୀସେବା ପ୍ରଭାବିତ ହୋଇଛି। ଇଣ୍ଟରନେଟ୍ ବ୍ୟବସ୍ଥା ନଥିବାରୁ ବୀମା କାର୍ଡ କାମ କରୁନାହିଁ। ଯାହା ଫଳରେ ଘରୋଇ ହସ୍‌ପିଟାଲ ଓ ନର୍ସିଂହୋମ୍ ପକ୍ଷରୁ ବୀମା କାର୍ଡରେ ଆଡ୍‌ମିସନ୍ କରାଯାଇ ପାରୁନଥିବା ଦେଖିବାକୁ ମିଳିଛି। ନେତାଜୀ ବସ୍ ଟର୍ମିନାଲରେ ବସ୍ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି।

କଟକ ସହରରେ ସରକାରୀ ଅଫିସ୍, ବ୍ୟାଙ୍କ ଆଦି ଖୋଲା ରହିଥିଲେ ମଧ୍ୟ ନିତିଦିନିଆ କାମ ପ୍ରଭାବିତ ହୋଇଛି। ଇଣ୍ଟରନେଟ୍ ସମସ୍ୟା ଥିବାରୁ ସରକାରୀ କାର୍ଯ୍ୟ ସ୍ୱାଭାବିକ ଢଙ୍ଗରେ ହୋଇପାରିନାହିଁ। ମାଲଗୋଦାମ, ଛତ୍ରବଜାର, ଚୌଧୁରୀବଜାର, ପିଠାପୁର ଆଦି ହୋଲସେଲ୍ ମଣ୍ଡି ବନ୍ଦ ରହିଥିବାରୁ ବଡ ଧରଣର ବ୍ୟବସାୟିକ କ୍ଷତି ହୋଇଛି। ଅନ୍‌ଲାଇନ୍ କାରବାର ବନ୍ଦ ରହିଥିବାରୁ ଟଙ୍କା ପଠାଇବା, ଆଣିବା ଭଳି କାମ ହୋଇ ପାରିନାହିଁ। ଏମିତିକି ପ୍ରାୟ ଅଧିକାଂଶ ଏଟିଏମ୍ କାର୍ଯ୍ୟ କରୁନଥିବାରୁ ଲୋକଙ୍କ ଆର୍ଥିକ ଦେଣନେଣ ସମସ୍ୟା ବିଯାଇଛି। ସେହିପରି ଗୁଜବ ଓ କାନକୁହା କଥାକୁ ବିଶ୍ୱାସକୁ ନନେବାକୁ ପୁଲିସ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଗୁଜବ ଖେଳାଉଥିବା ଲୋକଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଚେତାବନୀ ଦିଆଯାଇଛି। ସାଦା ପୋଷାକରେ ପୁଲିସ ଗଳିକନ୍ଦିରେ ବୁଲୁଥିବା ବେଳେ ଗୁଜବକାରୀଙ୍କୁ ଉଠାଇବାକୁ ମଧ୍ୟ ଯୋଜନା ରହିଥିବା ସୂଚନା ମିଳିଛି।

## ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୧୦: ବ୍ରହ୍ମପୁର ସହରର ବ୍ରହ୍ମାନଗର ଅଞ୍ଚଳରେ ଭାଜପା ନେତା ତଥା ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଶୋକ ପ୍ରକାଶ କରିଛନ୍ତି। ଏହା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ଜଘନ୍ୟ ଓ ଅମାନୁଷିକ ହତ୍ୟାକାଣ୍ଡକୁ ଦୃଢ଼ ନିନ୍ଦା କରିବା ସହ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ପୋଲିସ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ଭଳି ଶାନ୍ତିପୂର୍ଣ୍ଣ ରାଜ୍ୟରେ ହତ୍ୟାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।



ସୋମବାର ବ୍ରହ୍ମପୁର ସହରର ବ୍ରହ୍ମାନଗର ଅଞ୍ଚଳରେ ଭାଜପା ନେତା ତଥା ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଦୁର୍ବୃତ୍ତମାନେ ଗୁଳିମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା, କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଘଟଣାସ୍ଥଳରେ ଦୁଇ ଦୁର୍ବୃତ୍ତ ତାଙ୍କ ଘର ବାହାରେ ଗୁଳିମାଡ଼ କରି ଫେରାର ହୋଇଯାଇଥିବା ଜଣାପଡ଼ିଛି। ପୀତବାସ ପଣ୍ଡା ରାଜ୍ୟ ଆଇନଜୀବୀ ପରିଷଦର ଜଣେ ସକ୍ରିୟ ସଦସ୍ୟ ଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଅକ୍ଟୋବର ୨୦ରୁ ଯୁକ୍ତ ଦୁଇ ପରୀକ୍ଷା ପାଇଁ ଫର୍ମ ପୂରଣ

## ନଭେମ୍ବର ୬ ଯାଏ ରେଗୁଲାର ପରୀକ୍ଷାର୍ଥୀଙ୍କୁ ଫର୍ମ ପୂରଣ ସୁଯୋଗ

ଭୁବନେଶ୍ୱର,୦୭/୧୦: ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ଦୁଇ (ଦ୍ୱାଦଶ ଶ୍ରେଣୀ) ପରୀକ୍ଷା ପାଇଁ ଫର୍ମ ପୂରଣ ତାରିଖ ଘୋଷଣା ହୋଇଛି। ଆସନ୍ତା ୨୦ ତାରିଖରୁ ନଭେମ୍ବର ୬ ଯାଏ ରେଗୁଲାର ପରୀକ୍ଷାର୍ଥୀମାନେ ଫର୍ମ ପୂରଣ କରିପାରିବେ। ଏକ୍ସ ରେଗୁଲାର ପରୀକ୍ଷାର୍ଥୀମାନେ ଚଳିତମାସ ୧୩ ତାରିଖରୁ ୨୫ ତାରିଖ ମଧ୍ୟରେ ଫର୍ମ ପୂରଣ କରିପାରିବେ। କିନ୍ତୁ ଏହି ସମୟସୀମା ମଧ୍ୟରେ ଫର୍ମ ପୂରଣ କରିପାରି ନଥିବା ପରୀକ୍ଷାର୍ଥୀମାନେ ୨୦୦ ଟଙ୍କା ଜରିମାନା ଦେଇ ନଭେମ୍ବର ୧୦ରୁ ୧୪ ଯାଏ ଫର୍ମପୂରଣ କରିବାକୁ ସୁଯୋଗ ପାଇବେ। ଯଦି ଏହି ସମୟ ସୀମା ମଧ୍ୟ କେହି ରହିଯାଇଥାନ୍ତି ସେମାନଙ୍କୁ ଏକ ଶେଷ ସୁଯୋଗ ମିଳିବ। ଯାହା ୬୦୦ ଟଙ୍କା ଜରିମାନା ଦାଖଲ କରି ନଭେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ ଫର୍ମ ପୂରଣ କରିପାରିବେ। ଏନେଇ ସିଏଚ୍‌ଏସ୍‌ଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୬ ଫେବ୍ରୁଆରୀ ୧୨ ତାରିଖରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ କରିବାକୁ ଯୋଜନା କରାଯାଇଛି। ସିଏଚ୍‌ଏସ୍‌ଇ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ପରୀକ୍ଷା ଫର୍ମ ପୂରଣ ପାଇଁ ପ୍ରତି ପରୀକ୍ଷାର୍ଥୀ ୮୦୦ ଟଙ୍କା ଦାଖଲ କରିବେ। ଏଥିରେ ଫର୍ମପୂରଣ ପାଇଁ ୬୦୦ ଟଙ୍କା, ମାଇଗ୍ରେସନ୍ ସାର୍ଟିଫିକେଟ୍ ପାଇଁ ୧୦୦ ଟଙ୍କା ଓ ପାସ୍ ସାର୍ଟିଫିକେଟ୍ ପାଇଁ ୧୦୦ ଟଙ୍କା ଫି ରଖାଯାଇଛି। ବାଣିଜ୍ୟ ଛାତ୍ରଛାତ୍ରୀ ପ୍ରୋଜେକ୍ଟ ୱାର୍କ ପାଇଁ ପ୍ରତି ପେପର ପିଛା ୪୦ ଟଙ୍କା ଅତିରିକ୍ତ ଦାଖଲ କରିବେ। ସେହିପରି ଯେଉଁ ପରୀକ୍ଷାର୍ଥୀଙ୍କର ପ୍ରାକ୍ଟିକାଲ ବିଷୟ ଥିବା ସେମାନେ ପ୍ରତି ପେପର ପିଛା ୪୦ ଟଙ୍କା ଦେବେ, ଇଣ୍ଟରନାଲ୍ ପରୀକ୍ଷା ପାଇଁ ପ୍ରତି ପେପର ପିଛା ୪୦ ଟଙ୍କା ଦେବେ। ବାୟୋଲୋଜି ବିଷୟର ପ୍ରାକ୍ଟିକାଲ୍‌ପାଇଁ ୮୦ ଟଙ୍କା ଏଥିସହ ଆଡିସିନାଲ ସେଣ୍ଟର ଚାର୍ଜ ପ୍ରତି ପରୀକ୍ଷାର୍ଥୀଙ୍କଠୁ ୫୦ ଟଙ୍କା ଲେଖାଏଁ ଆଦାୟ କରାଯିବ। ପରୀକ୍ଷା କେନ୍ଦ୍ର ବଦଳାଇବା ପାଇଁ ୫୦୦ ଟଙ୍କା ଦେବାକୁ ହେବ। ଏହିଫର୍ମପୂରଣ ନେଇ ଛାତ୍ରଛାତ୍ରୀଙ୍କୁ ଜଣାଇବା ଲାଗି ସମସ୍ତ କଲେଜର ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ହୋଇଛି। ଫର୍ମପୂରଣ ଶେଷ ହେବା ପରେ ସିଏଚ୍‌ଏସ୍‌ଇର ୱେବ୍‌ସାଇଟ୍‌ରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ।

## ଫେରିଯିବ ମୌସୁମୀ

ନୂଆଦିଲ୍ଲୀ,୭।୧୦(ନି.ପ୍ର.): ଆଗାମୀ ୩ ରୁ ୪ ଦିନ ମଧ୍ୟରେ ଦେଶର ପଶ୍ଚିମାଞ୍ଚଳରେ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ଫେରିବା ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ ପାଗ ଅନୁକୂଳ ହୋଇଛି। ସାମୁଦ୍ରିକ ଘୂର୍ଣ୍ଣିଝଡ଼ ଶକ୍ତି ପ୍ରଭାବର ମୌସୁମୀ ଫେରିବାରେ ସାମାନ୍ୟ ବିଳମ୍ବ ହୋଇଥିବା ଭାରତୀୟ ପାଣିପାଗ ବିଭାଗ କହିଛି। ଆଇଏମଡି ଅଧିକାରୀଙ୍କ ମୁତାବକ, ଗୁଜରାଟ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶର କିଛି ସ୍ଥାନ ଏବଂ ମହାରାଷ୍ଟ୍ରରୁ ଆଗାମୀ ୩ରୁ ୪ ଦିନ ମଧ୍ୟରେ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନୁକୂଳ ହୋଇଛି। ସାଧାରଣତଃ ଅକ୍ଟୋବର ୫ ତାରିଖ ବେଳକୁ ମହାରାଷ୍ଟ୍ରରେ ମୌସୁମୀ ଫେରିଯାଏ, କିନ୍ତୁ ଚଳିତବର୍ଷ ସେପ୍ଟେମ୍ବର ୨୬ରୁ ଅଟକି ରହିଛି। ତେଣୁ ଅକ୍ଟୋବର ୮-୯ ବେଳକୁ ମୌସୁମୀ ଫେରିବାର ସମ୍ଭାବନା ରହିଛି। ଆରବ ସାଗରେ ଘୂର୍ଣ୍ଣିଝଡ଼ ଏବ ବଙ୍ଗୋପସାଗରରେ ଅବପାତ ଯୋଗୁଁ ମୌସୁମୀ ଫେରିବାରେ ବିଳମ୍ବ ହେବ। ବଙ୍ଗୋପସାରରେ ଲଗାତର ଲଘୁଚାପ ଯୋଗୁଁ ମୌସୁମୀ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଉପରେ ପ୍ରଭାବ ପକାଇଛି। ଆରବ ସାଗରେ ସୃଷ୍ଟ ବାତ୍ୟା ଶକ୍ତି ଆଜି ସୁଦ୍ଧା ଧିରେ ଧିରେ ଦୁର୍ବଳ ହୋଇ ଅବପାତରେ ପରିଣତ ହେବ। ବାତ୍ୟା ଟଳିବା ପରେ ଖୁବଶୀଘ୍ର ମୌସୁମୀ ଫେରିବା ପ୍ରକ୍ରିୟା ଆରମ୍ଭ ହୋଇଯିବ।

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ବିମାନ


ନୂଆଦିଲ୍ଲୀ,୭।୧୦: ଏୟାର ଇଣ୍ଡିଆର ଏକ ବିମାନ ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇ ଯାଇଛି। ମଙ୍ଗଳବାର ମଝି ଆକାଶରେ ଚେନ୍ନାଇ-କଲମ୍ବୋ ବିମାନରେ ଏକ ପକ୍ଷୀ ମାଡ ହେବା ପାଇଲଟ ବିମାନଟିର ଜରୁରୀକାଳିନ ଅବତରଣ କରିଥିଲେ। ଚେନ୍ନାଇରୁ କଲମ୍ବୋ ଯାଉଥିବା ଏୟାର ଇଣ୍ଡିଆର ବିମାନ ଏଆଇ-୨୭୩ ସହିତ ଏକ ପକ୍ଷୀ ଧକ୍କା ହେବାପରେ ଜରୁରୀ ଅବତରଣ କରିଥିଲା। ଅବତରଣ ପରେ ବିମାନକୁ ଉଡ଼ାଣ ପାଇଁ ଅନୁମତି ଦିଆଯାଇଥିଲା, କାରଣ ଘଟଣାଟି ସାମାନ୍ୟ ବୋଲି ଅଧିକାରୀମାନେ ବିବେଚନା କରିଥିଲେ। ପରବର୍ତ୍ତୀ ସମୟରେ ଯେତେବେଳେ ଏଆଇ-୨୭୪ ବିମାନ ସକାଳ ୪:୩୪ରେ କଲମ୍ବୋରୁ ଚେନ୍ନାଇକୁ ଫେରିଥିଲା, ସେତେବେଳେ ବୈଷୟିକ ଦଳ ଏକ ନିୟମିତ ଯାଞ୍ଚ କରିଥିଲେ ଏବଂ ଏକ କ୍ଷତିଗ୍ରସ୍ତ ଫ୍ୟାନ୍ ବ୍ଲେଡ୍ ପାଇଥିଲେ। ଏହାପରେ ବିମାନଟିକୁ ବର୍ତ୍ତମାନ ପାଇଁ ଏୟାରକ୍ରାଫ୍ଟ ଅନଗ୍ରାଉଣ୍ଡ ଘୋଷଣା କରାଯାଇଛି। ଏହି ଘୋଷଣା ପରେ ବିମାନଟି ସେବାରୁ ବାହାରେ ରହିଛି। ମରାମତି ଏବଂ ସମ୍ପୂର୍ଣ୍ଣ ଯାଞ୍ଚ ପରେ ଏହାକୁ ବ୍ୟବହାର କରାଯିବ ବୋଲି ଯାଞ୍ଚ ଅଧିକାରୀମାନେ ସୂଚନା ଦେଇ କହିଛନ୍ତି।

# ୪ ରେଳ ପ୍ରକଳ୍ପକୁ ମିଳିଲା ମଞ୍ଜୁରୀ

ନୂଆଦିଲ୍ଲୀ,୭।୧୦: କେନ୍ଦ୍ର କ୍ୟାବିନେଟ ୪ଟି ରେଳ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି। କ୍ୟାବିନେଟ ବୈଠକ ପରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି, ୭ଟି ରେଳ କରିଡର ମୋଟ ରେଳ ଟ୍ରାଫିକର ୪୧ ପ୍ରତିଶତ ବହନ କରେ। ଆମେ ଏହି କରିଡରଗୁଡ଼ିକୁ ସୁଦୃଢ଼ ଏବଂ ଆହୁରି ସଂଯୋଗ କରିବା ପାଇଁ ସମ୍ପ୍ରତି ଅନେକ ପ୍ରକଳ୍ପ ଆରମ୍ଭ କରିଛୁ। ବର୍ତ୍ତମାନ ଏହି କରିଡରଗୁଡ଼ିକୁ ଚାରି ଲେନ ଏବଂ ଛଅ ଲେନ ପର୍ଯ୍ୟନ୍ତ ବିସ୍ତାର କରିବାକୁ ନିଷ୍ପତ୍ତି ନିଆଯାଇଛି।

କେନ୍ଦ୍ର କ୍ୟାବିନେଟ ପ୍ରାୟ ୨୪,୬୩୪ କୋଟି ଟଙ୍କାର ମୋଟ ମୂଲ୍ୟ ସହିତ ୪ଟି ରେଳ ପ୍ରକଳ୍ପକୁ ଅନୁମୋଦନ କରିଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ:ୱାର୍ଦ୍ଧା-ଭୁସାୱଲ ମଧ୍ୟରେ ତିନି ଲେନ ଏବଂ ଚାରି ଲେନ ବିଶିଷ୍ଟ ରେଳ ଲାଇନ ପାଇଁ ଅନୁମୋଦନ, ମୋଟ ୩୧୪ କିଲୋମିଟର (ମହାରାଷ୍ଟ୍ର) ଦୂରତା ଅତିକ୍ରମ କରିବ।

ଗୋଣ୍ଡିଆ-ଡୋଙ୍ଗରଗଡ଼ ମଧ୍ୟରେ ଚାରି ଲେନ ବିଶିଷ୍ଟ ରେଳ ଲାଇନ ପାଇଁ ଅନୁମୋଦନ, ମୋଟ ୮୪ କିଲୋମିଟର (ମହାରାଷ୍ଟ୍ର ଏବଂ ଛତିଶଗଡ଼) ଦୂରତା ଅତିକ୍ରମ କରିବ।



ଭଦୋଦରା-ତାଲାମ୍ବା ମଧ୍ୟରେ ତିନି ଲେନ ଏବଂ ଚାରି ଲେନ ବିଶିଷ୍ଟ ରେଳ ଲାଇନ ପାଇଁ ଅନୁମୋଦନ, ମୋଟ ୨୫୯ କିଲୋମିଟର (ଗୁଜରାଟ ଏବଂ ମଧ୍ୟପ୍ରଦେଶ) ଦୂରତା ଅତିକ୍ରମ କରିବ।

ଇଟାରସି-ଭୋପାଳ-ବିନାଲ ମଧ୍ୟରେ ଏକ ଚାରି ଲାଇନ ବିଶିଷ୍ଟ ରେଳପଥ ପାଇଁ ଅନୁମୋଦନ, ଯାହା ମୋଟ ୨୩୭ କିଲୋମିଟର ଦୂରତା ଅତିକ୍ରମ କରିବ। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଯେତେବେଳେ ଅଧିକ ରେଳ ପ୍ରକଳ୍ପ ଆସୁଛି, ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ ପାଉଛି। ଆମ ପରି ଅନେକ ଦେଶ, ସେମାନଙ୍କର ଜନସଂଖ୍ୟା ଏବଂ ଅର୍ଥନୀତି ସହିତ, ରେଳପଥ ଉପରେ ଗୁରୁତ୍ୱ ଦେଇଛନ୍ତି। କାରଣ ଏହା ପରିବେଶ ଅନୁକୂଳ ଏବଂ ଖର୍ଚ୍ଚ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରେ।

ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଗୁଜରାଟ ଏବଂ ଛତିଶଗଡ଼ ରାଜ୍ୟର ୧୮ଟି ଜିଲାକୁ କଭର କରୁଥିବା ଏହି ଚାରୋଟି ପ୍ରକଳ୍ପ, ଭାରତୀୟ ରେଳପଥର ବିଦ୍ୟମାନ ନେଟୱାର୍କକୁ ପ୍ରାୟ ୮୯୪ କିଲୋମିଟର ବିସ୍ତାର କରିବ। କେନ୍ଦ୍ର ଦ୍ୱାରା ଅନୁମୋଦିତ ମଲ୍ଟି-ଟ୍ରାକିଂ ପ୍ରକଳ୍ପ ପ୍ରାୟ ୮୫.୮୪ ଲକ୍ଷ ଜନସଂଖ୍ୟା ସହିତ ପ୍ରାୟ ୩,୬୩୩ ଗ୍ରାମ ଏବଂ ଦୁଇଟି ଜିଲା (ବିଦିଶା ଏବଂ ରାଜନନ୍ଦଗାଓଁ) ସହିତ ସଂଯୋଗକୁ ବୃଦ୍ଧି କରିବ।

କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ବର୍ତ୍ତମାନ ପରିସ୍ଥିତି ପରିବର୍ତ୍ତନ ହେଉଛି। ଆମେ ଲୋକୋମୋଟିଭ ଉତ୍ପାଦନକୁ ଯଥେଷ୍ଟ ବୃଦ୍ଧି କରିଛୁ। ଆମେ ପ୍ରତିବର୍ଷ ୧,୬୦୦ ଲୋକୋମୋଟିଭ ଉତ୍ପାଦନ କରୁଛୁ, ଯାହା ୟୁରୋପ ଏବଂ ଉତ୍ତର ଆମେରିକାର ମିଳିତ ଉତ୍ପାଦନ ଅପେକ୍ଷା ଅଧିକ। ଆମେ ପ୍ରତିବର୍ଷ ୭,୦୦୦ କୋଚ୍ ଉତ୍ପାଦନ କରୁଛୁ, ଯାହା ୟୁରୋପ, ଉତ୍ତର ଆମେରିକା ଏବଂ ଜାପାନର ମିଳିତ ଉତ୍ପାଦନ ଅପେକ୍ଷା ଅଧିକ।

# ନୂଆପଡ଼ାରେ ଏଥର ତ୍ରିକୋଣୀ ମୁକାବିଲା

ଭୁବନେଶ୍ୱର,୦୭/୧୦: ନୂଆପଡା ଉପନିର୍ବାଚନ ବିଗୁଲ୍ ବାଜିସାରିଛି। ଗତ ସାଧାରଣ ନିର୍ବାଚନ ପରି ଏଥର ମଧ୍ୟ ତ୍ରିକୋଣୀ ମୁକାବିଲା ହେବ। ବିଜେଡି ପକ୍ଷରୁ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଓ କଂଗ୍ରେସରୁ ଘାସିରାମ ମାଝୀଙ୍କ ନାମ ଘୋଷଣା ହୋଇନଥିଲେ ମଧ୍ୟ ଏକରକମ ଚୂଡାନ୍ତ ବୋଲି କୁହାଯାଉଛି। ଗତଥର ପ୍ରାର୍ଥୀ ଅଭିନନ୍ଦନ ପଣ୍ଡାଙ୍କୁ ବିଜେପି ରିପିଟ୍ କରିବ କି ନୂଆ ମୁହଁ ଦେବ ତାହା ସ୍ପଷ୍ଟ ହୋଇନି।

ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ପ୍ରଥମ ପରୀକ୍ଷା ଦେବାକୁ ଯାଉଛି। ନୂଆପଡା ବିଧାନସଭା ଉପନିର୍ବାଚନ ମୋହନ ସରକାର ପାଇଁ ଏବେ ସମ୍ମାନର ପ୍ରଶ୍ନ। ଗତ ଦେ ବର୍ଷରେ ବିଜେପି ଶାସନ ଓ ଦଳର ଲୋକପ୍ରିୟତା ମାପିବେ ନୂଆପଡା ଭୋଟର୍। ୨୫ ବର୍ଷ କ୍ଷମତାରୁ ଯିବା ପରେ ପ୍ରଥମ ଥର ବିରୋଧୀ ଦଳ ଭୂମିକାରେ ବସିଥିବା ବିଜୁ ଜନତା ଦଳ ପାଇଁ ମଧ୍ୟ ଏହି ଉପନିର୍ବାଚନ ଅତି ଗୁରୁତ୍ୱପୂର୍ଣ୍ଣ।

ନଭେମ୍ବର ୧୧ରେ ହେବାକୁ ଯାଉଥିବା ନୂଆପଡା ଭୋଟ୍ ଫଳାଫଳ କହିବ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ବିଛି ନା କମିଛି ଏମିତି ବି ଏହି ଆସନ ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ କବଜାରେ ଥିଲା। ତେଣୁ ଏଠାରେ ବିଜେଡିର ହାରଜିତ୍ ଉପରେ ଦଳର ଭବିଷ୍ୟତ ନିର୍ଭର କରୁଛି। ସେପଟେ ନୂଆପଡା ବାଜି ଜିତିବାକୁ ସବୁ ବଳ ଖଟାଇଲାଣି କଂଗ୍ରେସ। ପିସିସି ସଭାପତି ଦାୟିତ୍ୱ ନେବା ପରେ ଭକ୍ତଚରଣ ଦାସଙ୍କ ପାଇଁ ଏହା ସବୁଠୁ ବଡ ପରୀକ୍ଷା। ଭକ୍ତଙ୍କ ନିଜ ଲୋକସଭା ନିର୍ବାଚନ ମଣ୍ଡଳୀ କଳାହାଣ୍ଡି ଅଧୀନରେ ଏହା ଯାଉଥିବାରୁ ଏଠାରେ ବିଜୟ ଟୀକା ପିନ୍ଧିବାକୁ କଂଗ୍ରେସ ଆଶାବାଦୀ। ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ଆସନ୍ତା ନଭେମ୍ବର ୧୧ ତାରିଖରେ ହେବ ଭୋଟ୍। ସ୍ୱାଧୀନତା ପରେ ନୂଆପଡା ବିଧାନସଭା ଆସନ ଦେଖିବାକୁ ଯାଉଛି ଚତୁର୍ଥ ଉପନିର୍ବାଚନ। ନୂଆପଡା ବ୍ଲକ, କୋମନା ବ୍ଲକ୍ ଓ ଖରିଆର ରୋଡ୍ ଏନଏସିକୁ ନେଇ ଗଠିତ ଏହି ବିଧାନସଭା ଆସନ। ଏଠାରେ ୨ ଲକ୍ଷ ୪୮ ହଜାର ଭୋଟରଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ହେଲେ ଆଦିବାସୀ। ମୁଖ୍ୟତଃ ଗଣ୍ଡ ଓ ଶବର ସମ୍ପ୍ରଦାୟର ଏହି ଭୋଟ୍ ବ୍ୟାଙ୍କ ମୁଖ୍ୟତଃ କଂଗ୍ରେସ ହାତରେ ରହି ଆସିଥିଲା। ତେବେ ଗତ ଦଶନ୍ଧି ଭିତରେ ବିଜେଡି ଓ ବିଜେପି ମଧ୍ୟ ଏହା ଭିତରକୁ ଧସେଇ ପଶିଛନ୍ତି। ଅର୍ଥାତ ପ୍ରାୟ ୧ ଲକ୍ଷ ଆଦିବାସୀ ଭୋଟ୍‌ରେ ୩ ରାଜନୈତିକ ଦଳର କିଛି କିଛି ଭାଗ ରହିଛି।

୨୦୨୪ ନିର୍ବାଚନରେ ଏହି ଆଦିବାସୀ ଭୋଟ୍ ଧ୍ରୁବୀକରଣ ହୋଇଥିଲା ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀଙ୍କ ପାଇଁ। କଂଗ୍ରେସରୁ ଟିକେଟ୍ ନ ମିଳିବାରୁ ଘାସିରାମ ସ୍ୱାଧୀନ ଭାବେ ଲି ୫୦ ହଜାର ୯୪୧ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଅଧିକାଂଶ ନେତା ଘାସିରାମଙ୍କୁ ସମର୍ଥନ କରିଥିଲେ। ସଂଘରେ ଥିବା ବିଜେଡି ଓ ବିଜେପିର କିଛି ନେତା ମଧ୍ୟ ପରୋକ୍ଷରେ ସମର୍ଥନ ଯୋଗାଇ ଦେଇଥିଲେ। ଫଳରେ ଘାସିରାମ ଏତେ ଭୋଟ୍ ହାସଲ କରିବାରେ ସଫଳ ହୋଇଥିଲେ।

ନିର୍ବାଚନ ପରେ କଂଗ୍ରେସକୁ ଫେରି ଆସିଛନ୍ତି ଘାସିରାମ। ଏଥର କଂଗ୍ରେସ ତାଙ୍କୁ ପ୍ରାର୍ଥୀ କରିବା ନିଶ୍ଚିତ। ପିସିସି ସଭାପତି ଭକ୍ତଚରଣ ଦାସ ସୋମବାର ନୂଆପଡାରେ ନ୍ୟାୟ ସମାବେଶ ଆୟୋଜନ କରି ପ୍ରଚାର ଆରମ୍ଭ କରି ଦେଇଛନ୍ତି। ଆଜି କଂଗ୍ରେସ ପ୍ରାର୍ଥୀଙ୍କ ନାମ ଘୋଷଣା ହେବ ବୋଲି ଭକ୍ତ ସୂଚନା ଦେଇଛନ୍ତି। ତେବେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ମଧ୍ୟରେ ବିବାଦ ଯୋଗୁଁ ଉପନିର୍ବାଚନରେ ସବୁ ଆଦିବାସୀ ଭୋଟ୍ କଂଗ୍ରେସ ପକେଟକୁ ଯିବାର ସମ୍ଭାବନା କ୍ଷୀଣ। ତେବେ ଗତଥର ଚତୁର୍ଥ ସ୍ଥାନରେ ଥିବା କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକ ପାଇଥିବା ୧୫ ହଜାର ଭୋଟ୍ ଏଥର ଘାସିରାମଙ୍କ ପଟକୁ ଯିବ।

ଦିବଙ୍ଗତ ବିଧାୟକ ରାଜେନ୍ଦ୍ର ଲକିଆ ଏଠାରୁ ୪ ଥର ଜିତିଥିଲେ। ତାଙ୍କ ପୁଅ ଜୟ ଲକିଆ ଏଥର ବିଜେଡି ପ୍ରାର୍ଥୀ ହେବା ଏକରକମ ନିଶ୍ଚିତ। ୨୦୨୪ରେ ବାପା ୬୧ ହଜାର ୮୨୨ ଭୋଟ୍ ପାଇ ବିଜୟୀ ହୋଇଥିଲେ। ନୂଆପଡା ଓ ଖରିଆର ରୋଡ୍‌ରେ ସ୍ୱର୍ଗତ ଲକିଆଙ୍କ ଲୋକପ୍ରିୟତା ଓ ସଂଗଠନ ରହିଛି। ଜୟଙ୍କ ସପକ୍ଷରେ ସମବେଦନା ଭୋଟ୍ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ବିଜେଡିର ବହୁ ଟାଣୁଆ ନେତା ଇତି ମଧ୍ୟରେ ଘନ ଘନ ନୂଆପଡା ଗସ୍ତ କରି ସଂଗଠନ ସଜାଡୁଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରଚାର ମଙ୍ଗ ଧରିଲେ ଏହା ଜୟଙ୍କୁ ସହାୟକ ହେବ। ଅନ୍ୟ ପଟେ ୨୦୨୪ରେ ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ୪୪ ହଜାର ୮୧୪ ଭୋଟ୍ ପାଇ ତୃତୀୟ ସ୍ଥାନରେ ଥିଲେ। ୨୦୦୦ ଓ ୨୦୧୪ରେ ଏଠାରୁ ବିଜେପି ବିଧାୟକ ଥିବା ବସନ୍ତ ପଣ୍ଡାଙ୍କ ପୁଅ ହେଲେ ଅଭିନନ୍ଦନ। ପ୍ରଥମ ପଦାର୍ପଣରେ ପରାଜିତ ହୋଇଥିବା ଅଭିନନ୍ଦନ ଏଥର ଜିତିବାକୁ ଅଣ୍ଟା ଭିଡିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୧୫ ଦିନରେ ଦୁଇ ଥର ନୂଆପଡା ଗସ୍ତ କରି ବହୁ ପ୍ରକଳ୍ପ ଭେଟି ଦେଇଛନ୍ତି।



# କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ



କେନ୍ଦୁଝର,୭।୧୦: ସୋମବାର ଦିନ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ।ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୯୧ ଅଭିଯୋଗ ଗ୍ରହଣ କରାଯାଇଥିଲା ସମୁଦାୟ ଅଭିଯୋଗ ମଧ୍ୟରୁ ୧୨ ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୭୯ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା ସେଥିମଧ୍ୟରୁ ୧୭ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ସହାୟତା ପାଇଁ ୯ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଅତିରିକ୍ତ ଜିଲ୍ଲାପାଳ, ମନ୍ଦରଧର ମହାଲିକ, ରବୀନ୍ଦ୍ର କୁମାର ପ୍ରଧାନ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ବିନୋଦ ବିହାରୀ ମିଶ୍ର, ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ ସୂଚନାଯୋଗ୍ୟ ଚଳିତ ମାସ ୧୩, ୨୦,୨୭ ତାରିଖରେ ଯଥାକ୍ରମେ ତେଲକୋଇ, ହରିଚନ୍ଦନପୁର ଓ ଘଷିପୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ।

## ଲୁଗା ବ୍ୟବସାୟୀଙ୍କ ହୃଦଘାତରେ ପରଲୋକ

ଧୁସୁରୀ,୭।୧୦ ଧାମନଗର ଏନ୍..ଏ.ସି ଅନ୍ତର୍ଗତ ପଠାନମହଲା ଗ୍ରାମର ସମସ୍ତଙ୍କର ସୁପରିଚିତ, ମିଷ୍ଟଭାଷି ଦୀର୍ଘଦିନର ବିଶିଷ୍ଟ ଲୁଗା ବ୍ୟବସାୟୀ ଆଲହାଜ ସେକ ଅବଦୁଲାଙ୍କ (୬୫) ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଛି ପ୍ରକାଶ ଥାଉକି ଦୀର୍ଘ ବର୍ଷ ଧରି ଧାମନଗର ବଜାର ଠାରେ ଲୁଗା ବ୍ୟବସାୟ କରିଥିଲେ ଗତକାଲି ନିଜ ଘରେ ଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ପରିବାର ଲୋକ ଧାମନଗର ଡାକ୍ତରଖାନାକୁ ନେଇଯାଇଥିଲେ ।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ଏହି ଦୁଃଖଦ ଖବର ଜାଣିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।ଖବର ପାଇ ଖାନକା ଉର୍ସ କମିଟିର କର୍ମକର୍ତ୍ତା, ସମାଜସେବୀ, ବୁଦ୍ଧିଜୀବୀ, ଶିକ୍ଷକ, ବନ୍ଧୁ ବାନ୍ଧବ, ସ୍ଥାନୀୟ ବ୍ୟବସାୟୀ, ଗ୍ରାମବାସୀ ଓ ବିଭିନ୍ନ ରାଜନୈତିକ ଦଳର ନେତା ପ୍ରମୁଖ ସ୍ୱର୍ଗତ ଅବଦୁଲ୍ଲାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ ମୁସଲମାନ ଧର୍ମର ନିତି ରୀତି ଅନୁସାରେ ଧାମନଗର ଖାନକା ସରିଫ ପରିସରରେ ଜନାଜା ନମାଜ ପାଠ ପରେ ନିଜ ଗ୍ରାମ କବରସ୍ଥାନରେ କବର ଦିଆଯାଇଥିଲା ।

# ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର କାର୍ଯ୍ୟକ୍ରମ



ଭଦ୍ରକ:୭।୧୦: ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି ଜିଲ୍ଲାପାଳ ଦିଲିପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଶୁଭେନ୍ଦ୍ର ସାମଲ, ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ସୁଧିରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜ୍ଞାନ ରଞ୍ଜନ ଦାସ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭଦ୍ରକ ରଶ୍ମିରଞ୍ଜନ ମଲ୍ଲିକ, ତହସିଲଦାର ଭଦ୍ରକ ସଂଗ୍ରାମ କେଶରୀ ଖୁଣ୍ଟିଆ। ଓ ଅନ୍ୟ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣୀ ଶିବିରରେ ମୋଟ ୧୧୬ ଆବେଦନ ପତ୍ର ଦାଖଲ ହୋଇଥିଲା। ସେଥିରୁ ୧୦୦ ଟି ବ୍ୟକ୍ତିଗତ ଥିଲାବେଳେ , ୧୬ ଟି ସାମୁହିକ ଥିଲା ୨୬ ଟି ର ସମାଧାନ ସଙ୍ଗେ ସଙ୍ଗେ ହୋଇଥିଲା ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ରୁ ୬ ଜଣଙ୍କୁ ଓ ରେଡକ୍ରସ ରୁ ୬ ଜଣଙ୍କୁ ମୋଟ ୧,୨୩,୦୦୦/- ଟଙ୍କା ପ୍ରଦାନ କରାଯାଇଥିଲା। ଆଜିର ଜନଶୁଣାଣୀ ରେ ମୁଖ୍ୟତଃ ଋଷୀ ପଞ୍ଜୀକରଣ, ମଧୁବାବୁ ପେନସନ, ପି ଏମ ଆବାସ ଯୋଜନା ରେ ଗୃହ ବଣ୍ଟନ, ଜମିଜମା ସଂପର୍କିତ, ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ଉଚ୍ଛେଦ ବଦଳରେ ଜମି/ଗୃହ ଆବଣ୍ଟନ ଅଭିଯୋଗ ସହିତ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦରଖାସ୍ତ ହସ୍ତଗତ ହୋଇଥିଲା ।

# ହବିଷ୍ୟାଳୀ କେନ୍ଦ୍ରରେ ତଦାରଖ କଲେ ଜିଲ୍ଲାପାଳ



ପୁରୀ ୭/୧୦: ଚଳିତ ବର୍ଷ ର କାର୍ତ୍ତିକ ବ୍ରତ ବା ରାଇଦାମୋଦର ବ୍ରତ ଅକ୍ଟୋବର ୭ ତାରିଖ ଠାରୁ ଆରମ୍ଭ ହେବଏହି ବ୍ରତ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଜାରି ରହିବଗତକାଲି ସଂଧ୍ୟା ଠାରୁ ଅନଲାଇନ ମାଧ୍ୟମରେ ଆବେଦନ କରି ଯୋଗ୍ୟ ବିବେଚିତ ହୋଇଥିବା ହବିଷ୍ୟାଳୀ ମା ମାନେ ନିର୍ଦ୍ଧାରିତ କେନ୍ଦ୍ର ମାନଙ୍କରେ ପଞ୍ଜିକରଣ କରାଇ ନିଜ ନିଜ ରୁମକୁ ଯାଇଥିଲେ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସକାଳୁ ସମସ୍ତ କେନ୍ଦ୍ର ପରିଦର୍ଶନ କରିଥିଲେ। ପଞ୍ଜିକରଣ କାର୍ଯ୍ୟ ସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା କୁ ଜିଲ୍ଲାପାଳ ଅନୁଧ୍ୟାନ କରି ଦାୟିତ୍ୱ ରେ ଥିବା ଅଧିକାରୀ ମାନଙ୍କୁ ବିବିଧ ପରାମର୍ଶ ଦେଇଥିଲେଯେପରି କୌଣସି କ୍ଷେତ୍ରରେ ହବିଷ୍ୟାଳୀ ମା ମାନଙ୍କ ର ଅସୁବିଧା ନ ହୁଏ ସେଥି ପ୍ରତି ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ ହବିଷ୍ୟାଳୀ ମା ମାନଙ୍କ ସହ, ସ୍ୱେଚ୍ଛାସେବୀ ମାନଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ। ବିଭିନ୍ନ କେନ୍ଦ୍ର ରେ ବରିଷ୍ଠ ଅଧିକାରୀ ମାନଙ୍କ ତତ୍ତ୍ୱାବଧାନରେ ଅନ୍ୟାନ୍ୟ ବିଭାଗର ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ, ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା ପ୍ରମୁଖ କାର୍ଯ୍ୟରତ ଅଛନ୍ତି। ଆଜି ସଂଧ୍ୟା ସୁଦ୍ଧା ୧୯୫୦ ଜଣ ହବିଷ୍ୟାଳୀ ମା ପଞ୍ଜିକରଣ କରି ବିଭିନ୍ନ କେନ୍ଦ୍ର ରେ ରହିଥିବାର ସୂଚନା ମିଳିଛି।

# ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣୀ ଶିବିର

**ଭଦ୍ରକ,୭।୧୦:** ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ସଦଭାବନା ସଭାଗୃହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଅଛି ଜିଲ୍ଲାପାଳ ଦିଲିପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ଶୁଭେନ୍ଦ୍ର ସାମଲ, ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ସୁଧିରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜ୍ଞାନ ରଞ୍ଜନ ଦାସ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭଦ୍ରକ ରଶ୍ମିରଞ୍ଜନ ମଲ୍ଲିକ, ତହସିଲଦାର ଭଦ୍ରକ ସଂଗ୍ରାମ କେଶରୀ ଖୁଣ୍ଟିଆ। ଓ ଅନ୍ୟ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣୀ ଶିବିରରେ ମୋଟ ୧୧୬ ଆବେଦନ ପତ୍ର ଦାଖଲ ହୋଇଥିଲା ସେଥିରୁ ୧୦୦ ଟି ବ୍ୟକ୍ତିଗତ ଥିଲାବେଳେ , ୧୬ ଟି ସାମୁହିକ ଥିଲା ୨୬ ଟି ର ସମାଧାନ ସଙ୍ଗେ ସଙ୍ଗେ ହୋଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ରୁ ୬ ଜଣଙ୍କୁ ଓ ରେଡକ୍ରସ ରୁ ୬ ଜଣଙ୍କୁ ମୋଟ ୧,୨୩,୦୦୦/- ଟଙ୍କା ପ୍ରଦାନ କରାଯାଇଥିଲା । ଆଜିର ଜନଶୁଣାଣୀ ରେ ମୁଖ୍ୟତଃ ଋଷୀ ପଞ୍ଜୀକରଣ, ମଧୁବାବୁ ପେନସନ, ପି ଏମ ଆବାସ ଯୋଜନା ରେ ଗୃହ ବଣ୍ଟନ, ଜମିଜମା ସଂପର୍କିତ, ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ଉଚ୍ଛେଦ ବଦଳରେ ଜମି/ଗୃହ ଆବଣ୍ଟନ ଅଭିଯୋଗ ସହିତ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦରଖାସ୍ତ ହସ୍ତଗତ ହୋଇଥିଲା ।

# ଡ଼. ନରହର ବେହେରା ଟ୍ରଷ୍ଟର ବାର୍ଷିକ ଉତ୍ସବ




ଭଦ୍ରକ, ୭/୧୦ :କାଳର କରାଳ ଚକ୍ରରେ ସାରସ୍ୱତ ସାଧକଙ୍କ ମରଶରୀର ବିଲୀନ ହୋଇଗଲେ ବି ତାଙ୍କର ସୃଷ୍ଟି, ରଚନା, କୃତି, କୀର୍ତ୍ତି ଓ ଯଶ କାଳଜୟୀ ହୋଇ ଅମର ରହେ ବୋଲି ଗତକାଲି ରବିବାର ସନ୍ଧ୍ୟା ରେ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଡ଼.ନରହରି ବେହେରା ଟ୍ରଷ୍ଟର ବାର୍ଷିକ ଉତ୍ସବ ଇ ସମ୍ବର୍ଦ୍ଧିତ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ସମ୍ମାନିତ ବକ୍ତା ସ୍ୱର୍ଗତ ଡ. ନରହରି ବେହେରା ଟ୍ରଷ୍ଟର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଭାକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଉଦ୍‌ଘାଟନ କରିଥିବା ବେଳେ ବିଶିଷ୍ଟ ଅତିଥି ଭାବରେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ମୁଖ୍ୟବକ୍ତା ଭାବରେ ସାମ୍ବାଦିକ ଦୋଳଗୋବିନ୍ଦ ପଣ୍ଡା, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ସାହିତ୍ୟିକ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଲେଇ, ଡ. ପ୍ରମୋଦ କୁମାର ନାୟକ, ସାହିତ୍ୟିକ ଗଗନ ବିହାରୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସାହିତ୍ୟିକ ଅଭୟ ସୂତାର ସଭାପତିତ୍ୱ କରିଥିବା ବେଳେ ଟ୍ରଷ୍ଟ ସମ୍ପାଦକ ଅଧ୍ୟକ୍ଷ ନିହାର ରଞ୍ଜନ କର ସଭା ସଂଯୋଜନା କରିଥିଲେ । କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ରବିନାରାୟଣ ଖିଲାର, ଆବାହକ ଦେବଦତ୍ତ ବେଦାନ୍ତ, ଖବରଦାତା ତପନ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ସଭାରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ଡ଼.ନରହରି ବେହେରା ୫ ବର୍ଷ ହେଲା ଅବର୍ତ୍ତମାନ ହୋଇଥିଲେ ବି ତାଙ୍କର ସାରସ୍ୱତ ପ୍ରତିଭା, କୀର୍ତ୍ତି, ଗବେଷଣା ତଥା ସୃଷ୍ଟି, ରଚନା ପାଇଁ ସେ ଚୀର ଅମର ହୋଇ ରହିବେ ବୋଲି ବକ୍ତା ମାନେ କହିଥିଲେ ।

# ୩ ଦିନ ଧରି କୁମାର ଉତ୍ସବ



ପୁରୀ, ୭/୧୦ ପୁରୀ କୁମାର ଉତ୍ସବ ସମିତି ପକ୍ଷରୁ ୫୮ ତମ କୁମାର ଉତ୍ସବ ଆସନ୍ତା ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ପୁରୀ ମୁକ୍ତାକାଶ ରଙ୍ଗମଞ୍ଚ ଠାରେ ଅନୁଷ୍ଠିତ ହେବ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଅନେକ ସାଂସ୍କୃତିକ ଅନୁଷ୍ଠାନ, ସମ୍ବଲପୁରୀ ଲୋକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବେ। ତେବେ କାର୍ଯ୍ୟକ୍ରମର ଅନ୍ତିମ ସଂନ୍ଧ୍ୟାରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଇରା ମହାନ୍ତି ଓ ତାଙ୍କ ଟିମ୍ ସଂଗୀତ ପରିବେଷଣ କରିବେ ସମସ୍ତ କାର୍ଯ୍ୟକୁ ପୁରୀବାସି ଉପଭୋଗ କରିବା ନିମନ୍ତେ ଅନୁଷ୍ଠାନର ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ଆୟୋଜିତ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଜଣାଇଛନ୍ତି। ଏଥିସହିତ ଚଳିତବର୍ଷ ଶ୍ରୀକ୍ଷେତ୍ର କୁମାର ଭାବେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଲଗ୍ନଲୋକିତ ତ୍ରିପାଠୀ ଏବଂ ଡିଏଭି ପବ୍ଲିକ ସ୍କୁଲର ଅରୋଶିଖା ରଥଙ୍କୁ ଶ୍ରୀକ୍ଷେତ୍ର କୁମାରୀ ଭାବେ ସମ୍ମାନିତ କରାଯିବ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର, ଚକ୍ରଧର ମହାପାତ୍ର, ଅମରେନ୍ଦ୍ର ପାଇକରାୟ, ଅନୁଷ୍ଠାନର ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ନରେନ୍ଦ୍ର ପୁଷ୍କରିଣୀରୁ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଜବତ

ପୁରୀ,୭।୧୦ :ନରେନ୍ଦ୍ର ପୁଷ୍କରିଣୀରୁ କୁମ୍ଭାରପଡା ଥାନା ପୁଲିସ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଜବତ କରିଛି । ବୃଦ୍ଧ ଜଣକ ନରେନ୍ଦ୍ର ପୁଷ୍କରିଣୀରେ ଭାସୁଥିବା ବେଳେ ସ୍ଥାନୀୟ ଲୋକେ ପୁଲିସକୁ ଜଣାଇଥିଲେ ଘଟଣା ସ୍ଥଳରେ ପୁଲିସ ମୃତଦେହକୁ ଜବତ କରିଥିଲେ ବୃଦ୍ଧଙ୍କ ପରିଚୟ ମିଳିପାରିନାହିଁ କୁମ୍ଭାରପଡା ଥାନା ପୁଲିସ ୩୪/୨୦୨୫ ନମ୍ବର ଏକ ଅପମୃତ୍ୟୁ ମାମଲା ରୁଜୁ କରି ଜିଲ୍ଲା ଚିକିତ୍ସାଳୟରେ ଶବ ସଂରକ୍ଷଣ ଗୃହରେ ଭର୍ତ୍ତି କରିଛି । ମୃତଦେହ ଚିହ୍ନଟ ଲାଗି ୯୬ ଘଣ୍ଟା ପର୍ଯ୍ୟନ୍ତ ସଂରକ୍ଷଣ ରଖାଯାଇଛି ରିପୋର୍ଟ ଲେଖାବେଳକୁ ବୃଦ୍ଧଙ୍କ ପରିଚୟ ମିଳିପାରିନଥିଲା ।

# ସରକାରୀ ମୋଟର କର୍ମଚାରୀ ସଂଘ କେନ୍ଦୁଝର ଶାଖା ପକ୍ଷରୁ ବନ୍ଧୁ ମିଳନ ଓ ନୂତନ କର୍ମକର୍ତ୍ତା ଚୟନ

କେନ୍ଦୁଝର, **୭।୧୦ :** ଆଜି ସରକାରୀ ମୋଟର କର୍ମଚାରୀ ସଂଘ କେନ୍ଦୁଝର ଜିଲ୍ଲା ଶାଖା ବିଶ୍ରାମ ଗୃହଠାରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି ଏହି ବୈଠକରେ ସର୍ବସମ୍ମତିକ୍ରମେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯିବା ସହ ଅବସରଗ୍ରହଣ କରିଥିବା ସଭ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।ପ୍ରାରମ୍ଭରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ସଭାପତି ଭାବେ ପର୍ଶୁରାମ ମହାନ୍ତି,ସମ୍ପାଦକ ଭାବେ ପ୍ରତାପ ଚନ୍ଦ୍ର ରାଜ,କୋଷାଧ୍ୟକ୍ଷ ଭାବେ ବଳରାମ ସାହୁ(ଦୀପୁ), ଉପସଭାପତି ଆନନ୍ଦପୁରର ସୁଜିତ କୁମାର ଲାଗୁରୀ, ଚମ୍ପୁଆରୁ ମହମ୍ମଦ ଖଲିଲ ଓ ସଦର ନିମନ୍ତେ ଜୟନ୍ତ କୁମାର ଦାସ ଏବଂ ଉପଦେଷ୍ଟା ଭାବେ ହେମନ୍ତ କୁମାର ନାଥ ଓ ରାଜେଶ କୁମାର ଦାସଙ୍କୁ ମନୋନୀତ କରାଯାଇଥିଲା। ପରେ ପରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଯୋଗ ଦେଇ ସଂଘର ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମାର୍କଣ୍ଡ ଗିରି, ଗଜେନ୍ଦ୍ର କୁମାର ବ୍ରହ୍ମ, ରମେଶ ଚନ୍ଦ୍ର ପାଲ, ଶେଖ ଫିରୋଜ୍, ଶିବେନ୍ଦ୍ର କୁମାର ରାମ, ତରଣୀସେନ ମାଝୀ, ଦେବାନନ୍ଦ ଦେଓ ଓ ବସନ୍ତ କୁମାର ସାହୁଙ୍କୁ ଶ୍ରୀ ରାୟ ପୁଷ୍ପ ଗୁଚ୍ଛ,ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।ମନୋଜ କୁମାର ଦାସ ସଭା ପରିଚାଳନା କରିଥିଲେ ଓ ରାଜେଶ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୀ ପୋଲିସର ଅପରେସନ ଚକ୍ର

## ଜୁଆଆଡ୍ଡା ଉପରେ ଚଢ଼ାଉ, ଯୁଆଡ଼ି ଗିରଫ, ଟଙ୍କା ଓ ଅନ୍ୟ ସାମଗ୍ରୀ ଜବତ

ପୁରୀ,୭।୧୦: ଏସପିଙ୍କ ନିର୍ଦ୍ଦେଶ କ୍ରମେ ଅପରେଶନ ଚକ୍ର ଅଭିଯାନକୁ ପୁଲିସ ପକ୍ଷରୁ ଜୋରଦାର କରାଯାଇଛି। ଏହି କ୍ରମରେ ବିଭିନ୍ନ ଥାନା ଅଞ୍ଚଳରେ ଚାଲିଥିବା ବେଆଇନ ଜୁଆ ଆଡ୍ଡା ଉପରେ ପୁଲିସ ଚଢ଼ାଉ କରିଛି ସତ୍ୟବାଦୀ ଓ ଚନ୍ଦନପୁର ଥାନା ପୋଲିସ ଦ୍ୱାରା ଅଲଗାଅଲଗା ଚଢ଼ାଉ କରାଯାଇ ମୋଟ ୭ ଜଣ ଜୁଆଡିଙ୍କୁ ଗିରଫ୍ କରାଯାଇଛି । ଚନ୍ଦନପୁର ଥାନା ପୋଲିସ ୫ ଜଣ ଜୁଆଡିଙ୍କୁ ଗିରଫ୍ କରି ୭୫୦ ଟଙ୍କା ଜବତ କରିବା ସହଜୁଆ। ଖେଳ ସାମଗ୍ରୀ ଜବତ କରିଛି ସେହିପରି ସତ୍ୟବାଦୀ ଥାନା ପୋଲିସ ମଧ୍ୟ ୨ ଜଣ ଜୁଆଡିଙ୍କୁ ଗିରଫ କରି ୮,୧୫୦ ଟଙ୍କା ଓ ଜୁଆ। ଖେଳର ସାମଗ୍ରୀ ଜବତ କରିଛି। ଜିଲ୍ଲାରେ ଚଳିତ ବର୍ଷ ମୋଟ ୧୩ ଟି ମାମଲା ରୁଜୁ ହୋଇଛି। ଚନ୍ଦନପୁର ଥାନାରେ ୩ ଟି, ସଦର ଥାନାରେ ୫ ଟି, ସତ୍ୟବାଦୀ ଥାନାରେ ୨ ଟି, ବାସେଳୀସାହି ଥାନାରେ ୧ ଟି ଓ ଚାଟିଜ୍ଞକ ଥାନାରେ ୨ ଟି ମାମଲା ରୁଜୁ କରାଯାଇଛି । ଏଥିସହ ମୋଟ ୬୭ ଜଣ ଜୁଆ। ଖେଳରେ ଜଡିତ ଅପରାଧିଙ୍କୁ ଗିରଫ୍ କରି ୪ ଲକ୍ଷ ୭୫ ହଜାର ୬୯୦ ଟଙ୍କା ଜବତ କରାଯାଇଥିବା ନେଇ ପୁଲିସ ସୂତ୍ରରୁ ଜଣାଯାଇଛି ।

# ପଞ୍ଚଭୂତ ରେ ବିଲୀନ ହେଲେ ସହିଦ ଯବାନ ଶ୍ୟାମସୁନ୍ଦର

ପୁରୀ,୦୭/୧୦ : ଜୀବନରେ କେବେ ହାରିବ ନାହିଁ କି ଡରିବ ନାହିଁ ଜୀବନରେ ଯେତେ ପ୍ରତିକୂଳ ଓ କଠିନ ପରିସ୍ଥିତି ଆସୁନା କାହିଁକି କ୍ରୋଧ କି ରାଗ ଦ୍ୱାରା ନୁହେଁ ବରଂ ସ୍ଥିର ଓ ଶାନ୍ତିର ସହ ଏହାର ମୁକାବିଲା କରାଯାଇପାରିବ ବୋଲି କୋହ ଭରା କଣ୍ଠରେ କହିଛନ୍ତି ସହିଦ ଶ୍ୟାମସୁନ୍ଦର କରଙ୍କ ପୁତ୍ର ଆଶୁତୋଷ। ଦଶହରା ଦିନ ଶେଷ ଥର ପାଇଁ ଆଶୁତୋଷ ବାପାଙ୍କ ସହ କଥା ହୋଇଥିଲେ। ସୁଯୋଗ ମିଳିଲେ ମୁଁ ମଧ୍ୟ ଦେଶ ସେବା କରିବି ବୋଲି କହିଥିଲେ ବୀର ଯବାନଙ୍କ ପୁଅ ଆଶୁତୋଷ। ଆଜି ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷ କୃତ୍ୟ ତାଙ୍କ ଜନ୍ମମାଟି ଅତିବଡ଼ି ଜଗନ୍ନାଥ ଦାସ ଙ୍କ ଜନ୍ମଭୂମି କପିଳେଶ୍ୱରପୁର ସ୍ମଶାନ ରେ ସଂପନ୍ନ ହୋଇଥିଲା। ଆଜି କେବଳ କପିଳେଶ୍ୱରପୁର ଗାଁ ନୁହଁ ସହିଦ ଯବାନଙ୍କୁ ଝୁରୁଛି। ସମ୍ପୂର୍ଣ୍ଣ ଶ୍ରୀକ୍ଷେତ୍ର ସହ ସମଗ୍ର ପୁରୀ ଜିଲ୍ଲା ଆସାମ ରାଇଫଲ ମଣିପୁରରେ ଯବାନ ଭାବେ କାର୍ଯ୍ୟରତ ଓଡ଼ିଆ। ଯୁବକ ସହୀଦ ଶ୍ୟାମସୁନ୍ଦର କର ତାଙ୍କ ଜନ୍ମମାଟି ହେଉଛି ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍ କପିଳେଶ୍ୱରପୁର ଦ୍ୱିତୀୟ ସ ଗାଁର ଦୀନବନ୍ଧୁ କରଙ୍କ ପୁଅ ଶ୍ୟାମସୁନ୍ଦର କର ତାଙ୍କ ପାର୍ଥିବ ଶରୀର ଆଜି ବିରାଟ ସମ୍ମାନ ଶୋଭାଯାତ୍ରାରେ ଗାଁରେ ଆସି ପହଞ୍ଚିଥିଲାପୁରୀ - ବ୍ରହ୍ମଗିରି ରାସ୍ତାର ଜଗନ୍ନାଥ ରୋଡ ଛକରୁ କପିଳେଶ୍ୱରପୁର ଗାଁ ଯାଏଁ ରାସ୍ତାର ଉଭୟ ପାର୍ଶ୍ୱରେ ଏକତ୍ରିତ ହୋଇଥିଲେ। ବନ୍ଧୁ, ଆତ୍ମୀୟସ୍ୱଜନ, ସାଙ୍ଗସାଥି ଏବଂ ଦେଶ କୁ ଭଲପାଉଥିବା ସହ ସହ ଲୋକ ଗାଁ ଶ୍ମଶାନରେ ଭାରତୀୟ ସ୍ଥଳ ସେନା ପକ୍ଷରୁ ଗାର୍ଡ ଅଫ ଅନର ଦିଆଯିବା ପରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା ପଞ୍ଚଭୂତରେ ବିଲୀନ ହୋଇଛି ଶ୍ୟାମସୁନ୍ଦରଙ୍କ ପାର୍ଥିବ ଶରୀର ଶ୍ୟାମସୁନ୍ଦରଙ୍କ ମୃତ୍ୟୁକୁ କେହି ମଧ୍ୟ ବିଶ୍ୱାସ କି ଗ୍ରହଣ କରିପାରିନାହାନ୍ତି ବ୍ରହ୍ମଗିରି ମାଟିର ଏହି ସୁଯୋଗ୍ୟ ସନ୍ତାନଙ୍କ ପାଇଁ କେବଳ କପିଳେଶ୍ୱରପୁର କି ପୁରୀ ନୁହେଁ ସମଗ୍ର ରାଜ୍ୟ ଆଜି ଗର୍ବିତ ବ୍ରହ୍ମଗିରି କପିଳେଶ୍ୱରପୁର ଦ୍ୱିତୀୟ ସହ ଗାଁର ଦୀନବନ୍ଧୁ କରଙ୍କ ଦୁଇ ପୁଅ ଶ୍ୟାମସୁନ୍ଦର କର ଓ ଜଗନ୍ନାଥ କର ଦୁଇ ଭାଇ ଭାରତୀୟ ସେନାରେ ଯୋଗ ଦେବା ପାଇଁ ଏକାଠି ପାଠ ପଢି ପ୍ରସ୍ତୁତ ହୋଇଥିଲେ। ୧୯୯୯ ମହାବାତ୍ୟା ପରେ ଶ୍ୟାମସୁନ୍ଦର ଆସାମ ରାଇଫଲ ମଣିପୁରରେ ଯବାନ ଭାବେ ଯୋଗ ଦେଇ ଭାରତମାତା ର ସେବା କରି ଆସୁଥିଲେ। ତେବେ ଦଶହରା ଦିନ ସ୍ତ୍ରୀ ସ୍ୱାତିପ୍ରଭା କର ଙ୍କ ସହ ମୋବାଇଲ ଯୋଗେ ବହୁତ ସମୟ କଥା ହୋଇଥିଲେ ଏବଂ କଥା ହେଉଥିବା ସମୟରେ କହିଥିଲେ। ମୋ ଦେହ ଆଜି କାହିଁକି ଭଲ ଲାଗୁନି କହି ଫୋନ୍ ଟିକୁ ରଖିଦେଇଥିଲେ। ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତୁରନ୍ତ ତାଙ୍କୁ ଭାରତୀୟ ସ୍ଥଳସେନା ଡାକ୍ତରଖାନା ନିଆଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗତକାଲି ତାଙ୍କ ମୃତ ଶରୀର ଭୁବନେଶ୍ୱର ବିମାନବନ୍ଦରରେ ପହଁଚିବା ପରେ ବାଟାଲିୟନ ପକ୍ଷରୁ ଶେଷ ସମ୍ମାନ ପ୍ରଦାନ କରାଯାଇ ଆଜି ସକାଳେ ପରିବାର ଲୋକଙ୍କୁ ସହିଦ ଯବାନଙ୍କ ମୃତ ଦେହ ହସ୍ତାନ୍ତର କରାଯାଇଥିଲା ।ଆଜି ପାର୍ଥିବ ଶରୀର ବିରାଟ ଶୋଭାଯାତ୍ରାରେ ପୁରୀ - ବ୍ରହ୍ମଗିରି ରାସ୍ତାର ଜଗନ୍ନାଥ ରୋଡ ଛକରୁ କପିଳେଶ୍ୱରପୁର ଗାଁକୁ ଅଣାଯାଇଥିଲାବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ସହ ବ୍ରହ୍ମଗିରି ବ୍ଲକ୍ ଅଧ୍ୟକ୍ଷା, ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଗାଁରେ ପହଞ୍ଚି ପାର୍ଥିବ ଶରୀର ନିକଟରେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ପରେ ଗାଁ ଶ୍ମଶାନରେ ଗାର୍ଡ ଅଫ ଅନର ପ୍ରଦାନ କରାଯାଇ ସମ୍ମାନ ସ୍ୱରୂପ ଜାତୀୟ ପତାକା ତାଙ୍କ ପୁଅକୁ ହସ୍ତାନ୍ତର କରାଯାଇଥିଲା ପୁଅ ଆଶୁତୋଷ କର ସହିଦ ବାପାଙ୍କ ମୁହଁରେ ମୁଖାଗ୍ନି ଦେଇଥିଲେ ଜଣେ ଯବାନ ଭାବେ ଦେଶ ମାତୃକାର ସେବା କରିବା ସହ ଜଣେ ପୁଅ ହିସାବରେ ଗାଁର ଓ ପରିବାର ପାଇଁ ସେ ସବୁ କିଛି କରିଯାଇଛନ୍ତି।





# ଯାଜପୁର ପୋଲିସର ସଫଳତା, ୩ଜଣିଆ ଚିନତାଇ ଗାଙ୍ଗକୁ ଗିରଫ

ଯାଜପୁର: ୭/୧୦ (ନି.ପ୍ର): ଯାଜପୁର ପୋଲିସର ସଫଳତା। ୩ଜଣିଆ ଚିନତାଇ ଗାଙ୍ଗକୁ ଗିରଫ କଲା ଯାଜପୁର ପୋଲିସ। ସେମାନଙ୍କ ଠାରୁ ଲକ୍ଷାଧିକ ଟଙ୍କାର ସୁନା ହାର ସମେତ ବ୍ୟବହୃତ ବାଇକ ଜବତ। ଯାଜପୁର ଥାନା ଅଞ୍ଚଳରେ ଅଳ୍ପ କିଛି ଦିନ ମଧ୍ୟରେ ବାରମ୍ବାର ଛିନତାଇ ଓ ଲୁଟ ଅଭିଯୋଗ ଆସିବା ପରେ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଏହା ଉପରେ ନଜର ରଖାଯାଇଥିଲା। ଆଜି ଯାଜପୁର ସଦର ଥାନା ଅନ୍ତର୍ଗତ ମାଳହାଟ ଅଞ୍ଚଳରୁ ଗିରଫ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କ ଠାରୁ ୪ଗୋଟି ହାର ଯାହାର ଆନୁମାନିକ ମୁଲ୍ୟ ୮ଲକ୍ଷରୁ ଉର୍ଦ୍ଧ୍ୱ ହେବ ଏବଂ ଚୋରି ସମୟରେ ବ୍ୟବହୃତ ତିନିଟି ଦୃତଗାମୀ ମଟର ସାଇକେଲ ଜବତ



କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଶଙ୍କର ଦଳାଇ, ଶ୍ରୀକୃଷ୍ଣ ଦଳାଇ ଓ ସତ୍ୟ ପ୍ରକାଶ ଦଳାଇ। ଏହି ଗ୍ୟାଙ୍ଗରେ ୪ଜଣଙ୍କ ମଧ୍ୟରୁ ତିନିଜଣ ଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯିବ ବୋଲି ଯାଜପୁର ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମାଝୀ। ଏହି ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଥାନା ଅଧିକାରୀ ଉପସ୍ଥିତ ରହି ଅନ୍ୟ ଜଣେ ଫେରାର ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀ ପରେ ଜବତ ହୋଇଥିବା ସୁନା ଚେନ କୁ ଅଭିଯୋଗକାରିଣୀ ମାନଙ୍କୁ ହସ୍ତାନ୍ତର କରିଥିଲା ପୋଲିସ। ସୁନାଚେନ ପାଇବା ପରେ ଯାଜପୁର ପୋଲିସକୁ ଧନ୍ୟବାଦ ଦେଇଥିଲେ ମହିଳା।

## ବିଜେପି ନେତା ଶାନ୍ତନୁ ପଟ୍ଟନାୟକଙ୍କ ମାତୃ ବିୟୋଗ

ଜଳେଶ୍ୱର,୭/୧୦(ନିପ୍ର)ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣନାଥ ନାଥ ପଞ୍ଚାୟତ,ବିରେଶ ପୁର ଗାଁର ମହିୟସୀ ମହିଳା ସେଫାଳୀ ପଟ୍ଟନାୟକ(୮୨)ଙ୍କ ପରଲୋକ ହୋଇଯାଇଛି।ସେ କିଛି ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। କିନ୍ତୁ ରବିବାର ଅପରାହ୍ନରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା।ସେ ଜଣେ ଧର୍ମପରାୟଣା, ଅତିଥି ପରାୟଣା ମିଷ୍ଟଭାଷୀ,ସ୍ନେହୀ ମହିଳା ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଜ୍ୟେଷ୍ଠ ପୁତ୍ର ବିଜେପି ନେତା ତଥା ବରିଷ୍ଠ ଆଇନଜୀବୀ ଶାନ୍ତନୁ ପଟ୍ଟନାୟକ, କନିଷ୍ଠ ପୁତ୍ର ଚିନ୍ମୟ ଦୁଲାଲ ପଟ୍ଟନାୟକ, କନ୍ୟା ତାମସା ପଟ୍ଟନାୟକ, ଜ୍ୟୋତିର୍ମୟୀ ପଟ୍ଟନାୟକ, ନାତି ପ୍ରୀତମ, ବାପୁନ, ମିଥୁନ,ନାତୁଣୀ ପ୍ରିୟଙ୍କା, ଆକାଂକ୍ଷା,ବିନି,ଅନି ଓ ଜ୍ଞାତି କୁଟୁମ୍ବ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ଅଶ୍ୱିନୀ କୁମାର ପାତ୍ର, ସଂଗ୍ରାମ କୁମାର ଜେନା,ତ୍ରିଦିବ ପ୍ରଧାନ, ସାମ୍ବାଦିକ ଜଗନ୍ନାଥ ଗୋଚ୍ଛାୟତ ପ୍ରମୁଖ ଶୋକ ବାର୍ତ୍ତା ଜଣାଇ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ପୂର୍ବତନ ଇଂରାଜୀ ଅଧ୍ୟାପକ ଛାୟାକାନ୍ତ ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର, ୭/୧୦(ନିପ୍ର): ସମଗ୍ର ବିଶ୍ୱରେ ଭାରତୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଆସିଛି କ୍ଷ ଆଜି ବି ଏହା କୌଣସି ଗୁଣରେ କମ ନୁହେଁ ବୋଲି ଦୀନକୃଷ୍ଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଛାୟାକାନ୍ତ ଷଡ଼ଙ୍ଗୀ ‘ଶିକ୍ଷା,ଶିକ୍ଷାର୍ଥୀ ଓ ଶିକ୍ଷକ ଆଲୋଚ଼ନାଚକ୍ର, ସମ୍ବର୍ଦ୍ଧନା ଓ ବନ୍ଧୁମିଳନ’ କାର୍ଯ୍ୟକ୍ରମକୁ ଉଦଘାଟନ କରି ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ମତ ପ୍ରକାଶ କରିଛନ୍ତି କ୍ଷ

ଜଳେଶ୍ୱର ବ୍ଲକ ଅନ୍ତର୍ଗତ କାଶୀଡିହା ମ.ଇ ବିଦ୍ୟାଳୟ ପରିସରରେ ଦୀନକୃଷ୍ଣ ମହାବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀଙ୍କର ଏକ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀନକୃଷ୍ଣ କଲେଜର ପୂର୍ବତନ ଇଂରାଜୀ ଅଧ୍ୟାପକ,ପ୍ରସିଦ୍ଧ ସ୍ତମ୍ଭକାର ତଥା ସମ୍ବର୍ଦ୍ଧିତ ପ୍ରତିଭା ଡ.




ଛାୟାକାନ୍ତ ଷଡ଼ଙ୍ଗୀଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଓ ମାନପତ୍ର ପ୍ରଦାନ କରାଯାଇ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଅବସରପ୍ରାପ୍ତ ପ୍ରାକ୍ତନ ଅଧ୍ୟକ୍ଷ ତଥା ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ କମଳାକାନ୍ତ ଚ଼ନ୍ଦଙ୍କ ସଭାପତିତ୍ୱରେ ଗୁରୁଗୌରବ ଡକ୍ଟର ଛାୟାକାନ୍ତ ଷଡଙ୍ଗୀ ମୁଖ୍ୟ ଅତିଥି-ଆଲୋଚ଼କ-ସଂବର୍ଦ୍ଧିତ ପ୍ରତିଭା ଭାବେ ଓ ଗୁରୁପତ୍ନୀ ଶ୍ରୀମତୀ ସ୍ନିଗ୍ଧା ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଏବଂ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ବରିଷ୍ଠ ପ୍ରାକ୍ତନ ଛାତ୍ର ଡକ୍ଟର ବିଜୟ କୁମାର ଦେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜର ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ।ଗୁରୁ ଡକ୍ଟର ଷଡଙ୍ଗୀ ଦୀର୍ଘ ଚ଼ାଳିଶ ବର୍ଷର ପ୍ରାକ୍ତନ ଛାତ୍ରଛାତ୍ରୀଗଣଙ୍କୁ ପାଇ ଭାବବିହ୍ୱଳ ହୋଇ ଯାଇଥିଲେ। ‘ଶିକ୍ଷା-ଶିକ୍ଷାର୍ଥୀ-ଶିକ୍ଷକ’ ପ୍ରସଙ୍ଗରେ ପ୍ରଭାବୀ ବକ୍ତବ୍ୟ ତଥା ପ୍ରାକ୍ତନ ଛାତ୍ରଛାତ୍ରୀଗଣଙ୍କ ସହିତ ସ୍ୱଅଭିଜ୍ଞତା ବିନିମୟ କରି ନିଜେ କୃତାର୍ଥ ମନେକରିବା ସହିତ ସଭାସଦବର୍ଗଙ୍କୁ ଭାବବିହ୍ୱଳ କରାଇ ଦେଇଥିଲେ।ଅନ୍ୟାନ୍ୟ ଅତିଥିଗଣ ଜ୍ଞାନଦାୟୀ ବକ୍ତବ୍ୟ ରଖିଥିଲେ।ପ୍ରାକ୍ତନ ଛାତ୍ର ଅରୁଣ କୁମାର ପରିଡା ମଞ୍ଚ ଆହ୍ୱାନ କରିଥିଲା ବେଳେ ଅନ୍ୟତମ ଛାତ୍ର ତଥା ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାସ ପ୍ରାରମ୍ଭିକ ସୂଚ଼ନା ଓ ଅତିଥି ପରିଚ଼ୟ ପ୍ରଦାନ କରିଥିଲେ।ପ୍ରାକ୍ତନ ଛାତ୍ର ତଥା ଓଡିଆ ଅଧ୍ୟାପକ ଡକ୍ଟର ନୀଳକଣ୍ଠ ଖଣ୍ଡା ପ୍ରାରମ୍ଭିକ ସଂଗୀତ ଗାନ କରିବା ସହିତ ଗୁରୁ ଡକ୍ଟର ଷଡଙ୍ଗୀଙ୍କ ଉଦ୍ଦେଶ୍ୟରେ ସ୍ୱରଚ଼ିତ ଏକ ସନେଟ୍ ‘ଗୁରୁପ୍ରତି’ ଆବୃତ୍ତି କରି ତାହା ଗୁରୁଙ୍କୁ ଭେଟି ଦେଇଥିଲେ।ଛାତ୍ରୀ ଜିଜ୍ଞାସା ପାଠୀ ଗୁରୁବନ୍ଦନା ଗାନ କରିଥିଲେ।

# ଯାଜପୁରର ପାଣିକୋଇଲିରେ ଟ୍ରମା କେୟାର ସୁବିଧାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ

ଯାଜପୁର: ୦୭/୧୦ (): ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ଠାରେ ଜିଲ୍ଲାପାଳ ଅମ୍ବର କୁମାର କର ଙ୍କ ଅଧ୍ୟକ୍ଷତାରେ , ଯାଜପୁର ପାଣିକୋଇଲି ଠାରେ ଟ୍ରମା କେୟାର ସେଂଟର କାର୍ଯ୍ୟକ୍ଷମ କରିବା ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ୦୪.୧୦.୨୦୨୫ତାରିଖରେ ରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଅତିରିକ୍ତ ଡିଏମଇଟି (ଓ), ବିବିଏସଆର, ଯିଏକି ଟ୍ରମା କେୟାର ସୁବିଧାର ଆନୁଷ୍ଠାନିକ ନୋଡାଲ ଅଧିକାରୀ, ପାଣିକୋଇଲି, ଯାଜପୁର, ତାଙ୍କୁ ଟ୍ରମା କେୟାର ସ୍ୱାସ୍ଥ୍ୟ ସୁବିଧାର କାର୍ଯ୍ୟକ୍ଷମତା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ପୂର୍ବରୁ ଅବଗତ କରାଯାଇଥିଲା, ସେମାନଙ୍କ ପରାମର୍ଶ ଅନୁଯାୟୀ ନିଷ୍ପତି ନିଆଯାଇଛି। ଜିଲ୍ଲାପାଳ ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଏବଂ କୋଠାବାଡ଼ି ବିଭାଗ, ପାଣିକୋଇଲି, ଯାଜପୁରଙ୍କୁ ଟ୍ରମା କେୟାର ସୁବିଧା ହସ୍ତାନ୍ତର ଏବଂ ଗ୍ରହଣ କରିବା ପାଇଁ ଶୀଘ୍ର ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏକକାଳୀନ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଯାଜପୁରଙ୍କୁ ପରାମର୍ଶ ଦେଇଥିଲେ, ଯଦିଓ ଡାକ୍ତରମାନଙ୍କୁ ମହାରାଜା ଯଯାତିକେଶରୀ ଭେଷଜ ମହାବିଦ୍ୟାଳୟ ଓ ଅଧ୍ୟାପନା ଚିକିତ୍ସାଳୟ , ଯାଜପୁରରୁ ବ୍ୟବସ୍ଥିତ କରାଯାଇପାରିବ କିନ୍ତୁ ଅଧିକ ପ୍ରମାଣପତ୍ର, ଉପକରଣ, ଯନ୍ତ୍ରପାତି, ଫର୍ଣ୍ଣିଚର, ଔଷଧ ଏବଂ ଅନ୍ୟାନ୍ୟ ସୁବିଧା ପାଇଁ ଯଥାଶୀଘ୍ର ଟ୍ରମା କେୟାର ସୁବିଧା ପରିଚାଳନା କରିବା ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ ଡା ସୀତାରାମ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ବିଜୟ କୁମାର ମିଶ୍ର, ଡି ଏଚ ଏଚ, ସୁପରିଣ୍ଟେଣ୍ଟ ଡା ମନୋଜ ସେନାପତି, ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ କୋଠାବାଡି,ଡି ପି ଏମ, ହସ୍ପିଟାଲ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ।

## ଯୁଗ୍ମଜନ ଅଭିଯୋଗ ଶୁଣାଣି

ଜଗତସିଂହପୁର, ୭।୧୦: ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଶ୍ରୀ ଜେ. ସୋନାଲ, ଭା.ପ୍ର.ସେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୫୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୯ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୫ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୪ ଟି, ଆବାସ ସମ୍ପର୍କୀୟ ୧୭ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୬ଟି,ପୋଲିସ ସହାୟତା ପାଇବା ପାଇଁ ୩ ଟି,ପେନସନ ପାଇବା ପାଇଁ ୨ ଟି,ରେଡକ୍ରସ ପାଣ୍ଠି ରୁ ସହାୟତା ପାଇବା ପାଇଁ ୧ ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇବା ପାଇଁ ୧ ଟି ଓ ଅନ୍ୟାନ୍ୟ ୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବିନାରାୟଣ ଜେଠୀ,ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାଲିକୁଦା, ଶ୍ରୀ ସାଗର କୁମାର ନନ୍ଦ, ତହସିଲଦାର,ବାଲିକୁଦା ଶ୍ରୀ ବିକାଶ ରଞ୍ଜନ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

# କିମ୍ସରେ ଅଢ଼େଇ ବର୍ଷ ଶିଶୁର ବିରଳ ଅସ୍ତ୍ରୋପଚାର

## ୭ ବିଭାଗର ୧୫ ଡାକ୍ତର ଶିଶୁକୁ ଦେଲେ ନୂଆ ଜୀବନ

ଭୁବନେଶ୍ୱର, ୭।୧୦: କିମ୍ସର ୭ଟି ବିଭାଗର ୧୫ଜଣ ଡାକ୍ତର ଓ ବିଶେଷଜ୍ଞଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ନୂଆ ଜୀବନ ପାଇଛି ଜଣେ ୨ ବର୍ଷ ୭ ମାସ ବୟସର ଶିଶୁ କନ୍ୟା। ପ୍ରଥମ ଥର ପାଇଁ ଓଡ଼ିଶାର କିମ୍ସରେ ଏଭଳି ଏକ ଜଟିଳ ଯକୃତ ଅସ୍ତ୍ରୋପଚାର ଉଦାହରଣ ସୃଷ୍ଟି କରିଛି। ଶିଶୁର ଯକୃତରେ ହେପାଟୋବ୍ଲାଷ୍ଟୋମା ନାମକ ଏକ ବିରଳ ଟ୍ୟୁମର ହୋଇଥିଲା। ଏହା ଶିଶୁଟିର ଫୁସ୍‌ଫୁସ୍ ପର୍ଯ୍ୟନ୍ତ ବ୍ୟାପିଯାଇଥିଲା। ଶିଶୁଟି ପେଟରେ ମାସ ମାସ ଧରି ଯନ୍ତ୍ରଣା ଅନୁଭବ କରିବା ସହ ପେଟ ଫୁଲି ରହୁଥିଲା ଏବଂ ତାର ଭୋକ କମିଯାଇଥିଲା। ବହୁ ଡାକ୍ତରଖାନାରେ ଚିକିତ୍ସା ପରାମର୍ଶ ନେଇଥିଲେ ମଧ୍ୟରେ ଶିଶୁଟିକୁ ଯନ୍ତ୍ରଣାରେ ଉପଶମ ମିଳି ନଥିଲା। ପରେ ଶିଶୁଟିର ବାପା ମା ତାକୁ କିମ୍ସକୁ ଆଣି ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ପରୀକ୍ଷା ନିରୀକ୍ଷା ପରେ ଶିଶୁଟିର ଯକୃତରେ ହେପାଟୋବ୍ଲାଷ୍ଟୋମା ନାମକ ବିରଳ ଟ୍ୟୁମର ହୋଇଥିବା ଜଣାପଡ଼ିଥିଲା। କିମ୍ସ ହେମାଟୋ ଅନ୍‌କୋଲୋଜିଷ୍ଟ ଡା ପଳାସ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତୁରନ୍ତ କେମୋଥେରାପି ଆରମ୍ଭ କରାଯାଇଥିଲା। କେମୋ ଦେବା ପରେ ଶିଶୁଟିର ଅବସ୍ଥାରେ ଉନ୍ନତି ଆସିଥିଲେ ମଧ୍ୟ ଅସ୍ତ୍ରୋପଚାର ଦୃଷ୍ଟିରୁ ଟ୍ୟୁମରଟି ବଡ଼ ଥିଲା। ଶିଶୁଟିର ଏଭଳି ଅବସ୍ଥାରେ କିମ୍ସର ଇଣ୍ଟରଭେନ୍‌ସନାଲ୍ ରେଡିଓଲୋଜିଷ୍ଟ



ଡା. ସ୍ୱାତୀ ଦାସଙ୍କ ପରାମର୍ଶ କ୍ରମେ ଟେସ୍ (ଟ୍ରାନ୍‌ସଆର୍ଟେରିଆଲ୍ କେମୋଏମ୍ବୋଲାଇଜେସନ୍) ପ୍ରକ୍ରିୟାରେ କେମୋ ପ୍ରଦାନ କରାଯାଇଥିଲା। ଏହି ପ୍ରକ୍ରିୟାରେ ଟ୍ୟୁମରକୁ ଯାଇଥିବା ରକ୍ତବାହୀ ନଳୀରେ କେମୋ ପ୍ରଦାନ କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବେ ଏହି ପ୍ରକ୍ରିୟାରେ ଟ୍ୟୁମରଟିର ଆକାର ହ୍ରାସ ପାଇଥିଲା। ଫଳରେ ଅସ୍ତ୍ରୋପଚାର ପାଇଁ ସହଜ ହୋଇଥିଲା। ପରେ ୭ଟି ବିଭାଗର ୧୫ଜଣ ଡାକ୍ତରଙ୍କ ମିଳିତ ସହଯୋଗରେ ଶିଶୁଟିର ଯକୃତ ଟ୍ୟୁମରର ଅସ୍ତ୍ରୋପଚାର କରାଯାଇଥିଲା।

ଏଥିରେ ଶିଶୁ ଶଲ୍ୟ ବିଭାଗ ମୁଖ୍ୟ ଡା. ପି. କେ ଜେନାଙ୍କ ନେତୃତ୍ୱରେ ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଶେଷଜ୍ଞ ଡା ବେଦବ୍ୟାସ ମହାପାତ୍ର, ଶିଶୁ ଶଲ୍ୟ ବିଶେଷଜ୍ଞ ଡା. ବର୍ଷା ଏମ୍ ତୋତାଦ୍ରିଙ୍କ ଦ୍ୱାରା ନିଶ୍ଚେତକ ଟିମ୍‌ର ସହଯୋଗରେ ଅସ୍ତ୍ରୋପଚାର କରାଯାଇଥିଲା। ଅସ୍ତ୍ରୋପଚାର ପରେ ଶିଶୁ ବିଭାଗ ଆସିୟୁରେ ଶିଶୁରୋଗ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଶେଷଜ୍ଞ ଡା. ଜିତେନ ସାହୁ ଓ ଆସିୟୁ ଟିମ୍ ଶିଶୁର ଉପଯୁକ୍ତ ଯତ୍ନ ନେଇଥିଲେ। ଏବେ ଶିଶୁଟି ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଖବରରେ ସନ୍ତୋଷ ପ୍ରକାଶ କରି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇବା ସହ ଶିଶୁର ସୁସ୍ଥ ଜୀବନ କାମନା କରିଛନ୍ତି।

# ତୀର୍ଥ ଯାତ୍ରାରେ ଗଲେ ୧୦୯ ଜଣ ବରିଷ୍ଠ ନାଗରିକ

ଅନୁଗୋଳ : ଆଜି ଅପରାହ୍ନରେ ସ୍ଥାନୀୟ ଶୈଳଶ୍ରୀକ୍ଷେତ୍ର ଠାରେ ଅନୁଗୋଳ ଜିଲ୍ଲା ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି । ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ, ଜିଲ୍ଲା ଆପାତତ କାଳିନ ଅଧିକାରୀ ଶ୍ରୀ ଶୁଭେନ୍ଦୁ କୁମାର ଜେନା, ଆସିଷ୍ଟାଣ୍ଟ କଲେକ୍ଟର ଶୁଭାଷିନୀ ନାୟକ ଓ ବୁଦ୍ଧିଜିବୀ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଅନ୍ତର୍ଗତ ଅନୁଗୋଳର ୧୦୯ ଜଣ ବରିଷ୍ଠ ନାଗରିକ ୩ଟି ବସରେ ଆଜି ସମ୍ବଲପୁର ଅଭିମୁଖେ ବାହାରିଛନ୍ତି । ଆସନ୍ତାକାଲି ସମ୍ବଲପୁର ରେଳ ଷ୍ଟେସନ ଠାରୁ ସେମାନେ ଅଯୋଧ୍ୟା – ବାରଣାସୀ ଅଭିମୁଖେ




ଯାତ୍ରା କରିବେ । ତୀର୍ଥ କ୍ଷେତ୍ର ପରିଭ୍ରମଣ ଶେଷ କରି ଆସନ୍ତା ୧୩ ତାରିଖରେ ଫେରିବାର କାର୍ଯ୍ୟକ୍ରମ ରହିଛି । ଜିଲ୍ଲା ପ୍ରଶାସନ ତରଫରୁ ୩ ଜଣ ଏସକର୍ଟ ଅଫିସର ତୀର୍ଥ ଯାତ୍ରୀମାନଙ୍କ ସାଙ୍ଗରେ ଯାଇଛନ୍ତି ।

# ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ୧୯୮୦ ବ୍ୟାଚ୍‌ର ୪୫ ତମ ବନ୍ଧୁମିଳନ ଉତ୍ସବ ପାଳିତ

ଜଗତସିଂହପୁର:-୫/୧୦(ମନ୍ମଥ)ରଘୁନାଥପୁର ସ୍ଥିତ ବହୁ ପୁରାତନ ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୮୦ ବ୍ୟାଚ୍ ଛାତ୍ରିଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଏଥିରେ ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁର ସଭାପତି ବିଜୟ କୁମାର ସ୍ୱାଇଁ ପୌରହିତ୍ୟ କରିଥିଲେ।ସେ ତାଙ୍କ ବକ୍ତବ୍ୟରେ ଉତ୍ତମ ବନ୍ଧୁର ନିଦର୍ଶନ ଦେବାକୁ ଯାଇ ଡ ସାମନ୍ତଙ୍କ ଭଳି ବ୍ୟକ୍ତିତ୍ୱଙ୍କ ତ୍ୟାଗ ଓ ଭଲପାଇବା ସମ୍ପର୍କରେ ଆଲୋକପାତ କରିଥିଲେ।ଡ ସାମନ୍ତ ଯେକି ୫୦ ରୁ ଉର୍ଦ୍ଧ୍ୱ ସହପାଠୀଙ୍କୁ କିଟ ଓ କିସ ଭଳି ଶିକ୍ଷାନୁଷ୍ଠାନରେ କର୍ମସଂସ୍ଥାନ ଦେବା,୪୦ ଜଣଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ପ୍ରଦାନ କରିବା ଓ ଯୋଗ୍ୟତା ଅନୁଯାଇ ୩୦ ରୁ ଉର୍ଦ୍ଧ୍ୱ ସହପାଠୀଙ୍କ ଝିଅପୁଅଙ୍କୁ ଚାକିରି ଦେଇଛନ୍ତି।ଯାହାକି ଡ ସାମନ୍ତଙ୍କ ଭଳି ବନ୍ଧୁ ବିରଳ ବୋଲି ସ୍ୱାଇଁ ପ୍ରକାଶ କରିଥିଲେ।ସମ୍ମାନୀତ ଅତିଥି ଭାବେ ଡ ସମାନ୍ତ ବନ୍ଧୁମାନଙ୍କ ଗହଣରେ ଉପସ୍ଥିତ ହୋଇ କହିଥିଲେ ଯେ ବିପଦ ଆପଦ ସମୟରେ ପରସ୍ପର ହାତ ବଢ଼ାଇବା ବନ୍ଧୁର କର୍ତ୍ତବ୍ୟ।କାରଣ ବନ୍ଧୁତ୍ୱ ସମ୍ପର୍କର ଡୋରିକୁ ଅତୁଟ ରଖେ ବୋଲି ସେ ବକ୍ତବ୍ୟ ରଖିଥିଲେ।ଏହାଛଡା ବିଦ୍ୟାଳୟରେ ଏକ ଅଡିଟରୀୟମ ନିର୍ମାଣ ପାଇଁ ଡ ସାମନ୍ତ ପ୍ରକାଶ କରିଥିଲେ।ଅନ୍ୟତମ ଅତିଥି ଭାବେ କିଟ ସମ୍ପାଦକ ମନୋରଞ୍ଜନ ପ୍ରଧାନ ଉପସ୍ଥିତ ହୋଇ ବକ୍ତବ୍ୟ ରଖିଥିଲେ।ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଡ ସାମନ୍ତଙ୍କୁ ରାଜ୍ୟସ୍ତରୀୟ ନାଗରିକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।କବି ଧର୍ମପଦ ମହାପାତ୍ରଙ୍କ ଦ୍ୱାରା ରଚ଼ିତ ‘କବିତାର ଧାରେ ଧାରେ’ ପୁସ୍ତକକୁ ଡ ସାମନ୍ତ ଉନ୍ମୋଚ଼ିତ କରିଥିଲେ।ଏହାଛଡା କବୟିତ୍ରୀ ପୂର୍ଣ୍ଣିମା ମିଶ୍ର କବିତା ପାଠ କରିଥିଲେ। ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ପିଲାଙ୍କୁ ପୁରସ୍କୃତ କରାଯିବା ସହ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଶିକ୍ଷକ ନିକୁଞ୍ଜ କିଶୋର ଦାଶଙ୍କୁ ମାନପତ୍ର ଦେଇ ଡ ସାମନ୍ତ ସମ୍ବର୍ଦ୍ଧିତ କରିଥିଲେ।

# ପାଞ୍ଚଟି ଚୋରା ଟ୍ରକ ଜବତ ସହିତ ଜଣେ ଡ୍ରାଇଭର ଅଟକ

ଯୋଡ଼,୭।୧୦(ନି.ପ୍ର.): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳରେ ଥମିବାର ନା ଧରୁନି ଆଇରନ, ମଙ୍ଗାନିଜ ଚୋରି।କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଅଧୀନରେ ଥିବା ଗୁଆଲି ପଞ୍ଚାୟତ ର ପାରମସାହି ଅଞ୍ଚଳରୁ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି, ଯେଉଁଠାରେ ରୁଗୁଡି ପୋଲିସ ବିଳମ୍ବିତ ରାତିରେ ଚ଼ଢାଉ କରି ପାଞ୍ଚଟି ଟ୍ରକ ଜବତ କରିଛି। ବିଶ୍ୱସ୍ତ ସୂତ୍ର ଅନୁଯାୟୀ, ପୋଲିସ ସୂଚ଼ନା ପାଇଥିଲା ଯେ କିଛି ଟ୍ରକ ବେଆଇନ ଭାବରେ ଲୁହାପଥର ପରିବହନ କରୁଛି। ସୂଚ଼ନା ପାଇ, ରୁଗୁଡି ପୋଲିସର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ସେଠାରେ ପାଞ୍ଚଟି ଟ୍ରକ କୁ ଜବତ କରିବାରେ ସଫଳ ହୋଇଥିଲେ କିନ୍ତୁ ଲୋଡିଙ୍ଗ ରେ ବ୍ୟବହାର ଜେସିବି ସେଠାରୁ ଚମ୍ପଟ ମାରିଥିଲା । ଏହି ଟ୍ରକଗୁଡ଼ିକ ମଧ୍ୟରୁ ଦୁଇଟି ଫାଇନ୍ସ



(ଲୁହାପଥର) ଲୋଡ୍ ହୋଇଥିଲା ଆଉ ତିନୋଟି ଖାଲି ଥିଲା।


ପୋଲିସ ପହଞ୍ଚିବା ଦେଖି ସେଠାରୁ ଡ୍ରାଇଭର ମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ, କିନ୍ତୁ ଜଣେ ଡ୍ରାଇଭରଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଥିଲା। ସମସ୍ତ ଟ୍ରକକୁ ଜବତ କରାଯାଇଛି, ଏବଂ ଡ୍ରାଇଭରଙ୍କୁ ବର୍ତ୍ତମାନ ପଚ଼ରାଉଚ଼ରା କରାଯାଉଛି। ସୂତ୍ରଗୁଡ଼ିକ ଏହା ମଧ୍ୟ ସୂଚ଼ିତ କରୁଛି ଯେ କେ ଜେ ଏସ ଆହଲୁୱାଲିଆ କମ୍ପାନୀର ବୋଲି ବିଶ୍ୱାସ କରାଯାଉଥିବା ଏହି ସାମଗ୍ରୀ, ଓ ଏ ମ ସି ର ତତ୍ତ୍ୱାବଧାନରେ ଜେ ଏସ ଦବ୍ଲ୍ୟୁ ର ଲିଜ ଅଞ୍ଚଳରେ ଗଚ୍ଛିତ ରଖାଯାଇଥିଲା । ରୁଗୁଡ଼ି ଥାନା ଅଧିକାରୀ କହିଛନ୍ତି ଯେ ଏହି ମାମଲାରେ ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ ଚ଼ାଲିଛି ଏବଂ ଖୁବ୍ ଶୀଘ୍ର ଏକ ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ କରାଯିବ।

# ୧୪୦ ତୀର୍ଥଯାତ୍ରୀ ଅଯୋଧ୍ୟା, ବାରାଣାସୀକୁ ଯାତ୍ରା

ବଲାଙ୍ଗୀର, ୦୭/୧୦ : ରାଜ୍ୟ ସରକାର ଙ୍କ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଅଯୋଧ୍ୟା-ବାରାଣସୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମ ରେ ଆଜି ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳ ରୁ ୧୪୦ ଜଣ ତୀର୍ଥଯାତ୍ରୀ ଅଯୋଧ୍ୟା, ବାରାଣାସୀ କୁ ଯାତ୍ରା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା, ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଡାଃ. ବିଜୟନନ୍ଦ ସେଠୀ ମୁଖ୍ୟ ଅତିଥି ଭାବେ ଏବଂ ଜିଲ୍ଲା ସୂଚ଼ନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ, ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସମସ୍ତ ବରିଷ୍ଠ ନାଗରିକ ତଥା ତୀର୍ଥଯାତ୍ରୀ ମାନଙ୍କୁ ଫୁଲମାଳ ପିନ୍ଧାଇ ଶୁଭକାମନା ଜଣାଇବା ସହ ସବୁଜ ପତାକା ଦେଖାଇ ବସ ଯାତ୍ରାର ଶୁଭାରମ୍ଭ କରିଥିଲେ, ଯାତ୍ରା ପୂର୍ବରୁ ସମସ୍ତ ତୀର୍ଥ ଯାତ୍ରୀଙ୍କର ସ୍ୱାସ୍ଥ୍ୟ ଯାଞ୍ଚ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟମାନୁସାରେ କରାଯାଇଥିଲା । ଉକ୍ତ ବସ ଗୁଡିକ ସମ୍ବଲପୁର ରେଳ ଷ୍ଟେସନ ଅଭିମୁଖେ ଯାତ୍ରା ଆରମ୍ଭ କରିଛି, ତୀର୍ଥ ଯାତ୍ରୀ ମାନେ ଆଜି ସମ୍ବଲପୁରରେ ରାତ୍ରୀ ଯାପନ କରି ଆସନ୍ତା କାଲି ସ୍ୱତନ୍ତ୍ର ଟ୍ରେନ୍ ରେ ଅଯୋଧ୍ୟା ବାରାଣସୀ ଅଭିମୁଖେ




ଯାତ୍ରା ଆରମ୍ଭ କରିବେ । ଏହି ତୀର୍ଥଯାତ୍ରାରେ ଏସ୍କର୍ଟ ଅଫିସର ଭାବେ ନୀଳାଚ଼ଳ ଦୀପ, ସୁବଳ ଖାର୍ସ ?ଲ, ଚ଼ିତ୍ତରଞ୍ଜନ ସାହୁ, ଏବଂ ତରୁଣକାନ୍ତି ପଧାନ ତୀର୍ଥ ଯାତ୍ରା କାର୍ଯ୍ୟ ସମ୍ପାଦନ ନିମନ୍ତେ ନିଯୁକ୍ତ ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ସନ୍ଦୀପ କୁମାର କୁଅଁର ସଂଯୋଜନା କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ଓ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କର୍ମଚ଼ାରୀ ସହଯୋଗ କରିଥିଲେ ଏବଂ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗଦାନ କରିଥିଲେ ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

### ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ଆତ୍ମ କାହାଣୀ ଅନ୍ତେ ବୈଷ୍ଣବ ପାଣି

### ନାଟ୍ୟସାରଥି ଅଭୟ କୁମାର ଦାସ

ପ୍ରତ୍ୟେକ ମହାପୁରୁଷଙ୍କ ଆତ୍ମକାହାଣୀ ସତ୍ୟ ଓ ତଥ୍ୟକୁ ନେଇ ଆଧାରିତ । ଏସବୁ ଆତ୍ମ ଲିପି ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ । ଗୀତିନାଟ୍ୟ ଜଗତର ମଉଡମଣି ଗଣକବି ବୈଷ୍ଣବ ପାଣି ନିଜେ ଲେଖିଥିବା 'ପାଣି କବିଙ୍କର ଆତ୍ମକାହାଣୀ' ୧୯୫୫ ମସିହାରେ ତାଙ୍କ ନାତୁଣୀ ଜାମାତା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ସହାୟତାରେ କଟକର ପ୍ରକାଶକ ଶ୍ରୀ ଗୋବିନ୍ଦ ସାହୁଙ୍କ ଦ୍ୱାରା ପ୍ରକାଶ ପାଇଥିଲା । ତାଙ୍କ ଆତ୍ମକାହାଣୀରେ ସେ ସେତେବେଳେ ଧର୍ମାନ୍ଧ ଓ ପ୍ରତିକ୍ରିୟାଶୀଳ ମୌଳବାଦୀ ସମାଜକୁ ଭୂକ୍ଷେପ ନକରି ସମସ୍ତ ଗୁପ୍ତ ଓ ଅଙ୍ଗେଲିଭା କାହାଣୀକୁ ପ୍ରକାଶ କରିଥିଲେ ଯାହାକି ତତ୍କାଳୀନ ସମ୍ଭ୍ରାନ୍ତ ସାହିତ୍ୟିକ ମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା । ମାତ୍ର ୧୯୫୫ ମସିହା ଅର୍ଥାତ୍ ବୈଷ୍ଣବ ପାଣିଙ୍କ ଆତ୍ମଜୀବନୀ ପ୍ରକାଶ ହେବା ପରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଯାହାକି ୧୯୫୬ ମସିହା ବୈଶାଖ ଅମାବାସ୍ୟା ପର୍ଯ୍ୟନ୍ତ ସ୍ଥାନୀୟ ଲୋକଙ୍କ ମୁଖରୁ ଯାହା ଶୁଣିବାକୁ ମିଳେ ତାହା ଅତି କରୁଣ ଓ ହୃଦୟ ବିଦାରକ ।

ବୈଷ୍ଣବ ପାଣି ବାପା-ମାଆଙ୍କ ଦ୍ୱାରା ଲୀଳା ପଣ୍ଡାଙ୍କୁ ବିବାହ କଲା ପରେ ବି ସେଇ ଗ୍ରାମର ଶ୍ରୀ ଦଧି ସେଠୀଙ୍କ କନ୍ୟା ହାରାମଣି ସହ ମିଳାମିଶାକୁ ବରଦାସ୍ତ ନକରି ଗ୍ରାମବାସୀମାନେ ଛତିଶିପାଟକ ସଭା ଡାକି ବୈଷ୍ଣବ ପାଣିଙ୍କ ଘରକୁ ବାଛନ୍ଦ କଲାପରେ ସେ ଜିଦିଖୋର ମନୋଭାବ ପୂର୍ବକ ହାରାମଣିକୁ ବରମାଳା ଦେଇ ବିବାହ କରି ବିରୂପା ନଈ କୂଳରେ ଘର କରି ରହିଲେ । ସେତେବେଳେ ବୈଷ୍ଣବ ପାଣି ନାଟ୍ୟ ଜଗତରେ ବେଶ ସୁନାମ ଅର୍ଜନ କରି ସାରିଥିଲେ ଓ ଅନେକ କଳାକାର, ବାଦ୍ୟକାର ତଥା ଯାତ୍ରା ପ୍ରେମୀଙ୍କର ତାଙ୍କ ଘରକୁ ଆତଯାତ ଥିଲା । ଏତଦବ୍ୟତୀତ ନିଜେ ହାରାମଣି ବୈଷ୍ଣବ ପାଣିଙ୍କୁ ବାଛନ୍ଦ ଜନିତ ବାଧାବିଘ୍ନକୁ ଅନୁଭବ କରାଇ ଦେଉ ନଥିଲେ । ମାତ୍ର ହାରାମଣିର ଦେହାନ୍ତ ପରେ 'ପାଣି-ହାରାମଣି' ସର୍ତ୍ତ ଅନୁସାରେ ବିରୂପା ନଦୀ କୂଳରେ ସମାଧିଟିଏ ଗଢ଼ି ବୈଷ୍ଣବ ନିଜ ପୈତୃକ ଗୃହକୁ ଚାଲି ଆସିଥିଲେ । ତା ପୂର୍ବରୁ ତାଙ୍କ ବାପା-ମାଆ ଓ ପ୍ରଥମ ସ୍ତ୍ରୀ ନୀଳାଦେବୀଙ୍କ ଦେହାନ୍ତ ହୋଇ ସାରିଥିଲା ।

ସେତେବେଳକୁ ତାଙ୍କ ବୟସ ଅପରାହ୍ନରେ ପହଞ୍ଚି ସାରିଥିଲା । ଯାତ୍ରା ଦଳରେ କାମ କରିବାକୁ ସେ ସକ୍ଷମ ନଥିଲେ । ଏଣୁ ଅର୍ଥାଭାବ ଓ ବାଛନ୍ଦ ତାଙ୍କୁ ରସାତଳକୁ ଠେଲି ଦେଇଥିଲା । ସେତେବେଳେ ସେ କେବଳ ପ୍ରେୟସୀ ହାରାମଣିଙ୍କୁ ଝୁରି ଝୁରି ପାଗଳ ପ୍ରାୟ ହୋଇଯାଇଥିଲେ । ଗାଁର କୌଣସି ଲୋକ ତାଙ୍କୁ ଛୁଇଁବା ତ ଦୂରର କଥା ଆଡ଼ ଆଖିରେ ବି ଚାହୁଁ ନଥିଲେ । ତାଙ୍କର ଅତିପ୍ରିୟ ଶିଷ୍ୟ ଶ୍ରୀ ଯୋଗେନ୍ଦ୍ର ମିଶ୍ର ଜାତି ଚାଲିଯିବା ଭୟରେ ପୂର୍ବଭଳି ତାଙ୍କ ଘରକୁ ଯିବା ଆସିବା ବନ୍ଦ କରିଦେଲେ । ଦିନ ଦିନ ଧରି ସେ ଖାଇବା ବିନା ଉପବାସ ରହୁଥିଲେ । ଦେହ ପାଇଁ ଔଷଧ କିଣିବାକୁ ପଇସାଟିଏ ପାଇଲେନି । ଇଚ୍ଛା ଥିଲେ ବି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ସାହାଯ୍ୟ ସହାନୁଭୂତି ପ୍ରଦାନ କରି ପାରିଲେନି । ଯେଉଁ ବୈଷ୍ଣବ ପାଣିଙ୍କୁ ଟିକେ ଦେଖିବା ପାଇଁ ଲୋକେ ଧାଡ଼ି ବାନ୍ଧୁଥିଲେ ବୈଷ୍ଣବ ପାଣି ଯାତ୍ରାକୁ ଦେଖିବା ପାଇଁ ରାତି ରାତି ଅନିଦ୍ରା ହୋଇ ରୁଣ୍ଡ ହେଉଥିଲେ । ସେ ହି ବୈଷ୍ଣବ ପାଣି କିନ୍ତୁ ସମାଜ ପାଇଁ ଅଲୋଡ଼ା ହୋଇଗଲେ । ସେ ଅଚଳ ଅବସ୍ଥାରେ ନିଜ ଖଣ୍ଡିଆ କୁଡ଼ିଆ ଘରେ ପଡ଼ିରହିଲେ ।

ଯୁଗେ ଯୁଗେ ଗୁରୁଶିଷ୍ୟ ସମ୍ପର୍କର ପବିତ୍ରତା ରହିଆସିଛି ଓ ରହିବ ମଧ୍ୟ । ସେହି ମର୍ମରେ ତାଙ୍କ ପ୍ରିୟ ଶିଷ୍ୟ ଯୋଗୀ ମିଶ୍ର ତାଙ୍କ ଗୁରୁ ବୈଷ୍ଣବ ପାଣିଙ୍କୁ ଛାଡ଼ି ସମ୍ଭାଳି ରହିଆନ୍ତେ କେମିତି ! ଗୁରୁଙ୍କର ଏ ଅବସ୍ଥା ସମ୍ବନ୍ଧୀୟ ଖବର ପାଇ ତତ୍କାଳୀନ କୋଠପଦା ମଠ ମହନ୍ତ ତପୋନିଧି ରାମନାଥ ପୁରୀ ଗୋସ୍ୱାମୀଙ୍କୁ ଧରି ବୈଷ୍ଣବଙ୍କ କୁଡ଼ିଆ ଘରେ ଆସି ପହଞ୍ଚିଛନ୍ତି ଓ ମଠ ପ୍ରସ୍ତୁତ ରଘୁନାଥଜୀଉଙ୍କ ପ୍ରସାଦ ସେବନ କରାଇ ମହନ୍ତ ଗୋସ୍ୱାମୀଙ୍କ ଦ୍ୱାରା ଅଛୁଆଁରୁ ମୁକ୍ତ ହୋ ଜାତିରେ ମିଶିଯିବାକୁ ପ୍ରସ୍ତାବ ଦେଇଛନ୍ତି । ଚାରିଦିନ ହେବ ଭୋକ ଉପବାସରେ ପଡ଼ି ରହିଥିବା ବୈଷ୍ଣବ ପ୍ରସାଦ ସେବନ କରି ପ୍ରିୟ ଶିଷ୍ୟ ଯୋଗେନ୍ଦ୍ର ମିଶ୍ରଙ୍କୁ ଅର୍ଜସ ଆଶୀର୍ବାଦ ଢ଼ାଳି ଦେବା ସହ ମହନ୍ତ ଗୋସ୍ୱାମୀଙ୍କୁ ଧନ୍ୟବାଦ ପ୍ରଦାନ କଲେ ସତ; ମାତ୍ର ଜାତି ଆଉ ଅଛୁଆଁ ବାବଦରେ ଥର ଥର କଣ୍ଠରେ କହିଲେ 'ଜାତି କାହାକୁ କହୁଛନ୍ତି ଗୋସେଇଁ ! ମୋ ମତରେ ତ ଜାତି ହେଉଛି ଦୁଇଟା, ଗୋଟାଏ ପୁରୁଷ ଜାତି ଅନ୍ୟଟି ନାରୀ ନାରୀ ଜାତି । ମୋ ବାପା ମା ଜନ୍ମ ଦିନରୁ ହିଁ ମୋତେ ପ୍ରଭୁ ଜଗନ୍ନାଥଙ୍କ ବଡ଼ ଛତା ତଳେ ବୈଷ୍ଣବ କରି ଦେଇଛନ୍ତି । କଥାରେ ପରା ଅଛି, ବାର ଜାତି ତେର ଗୋଳା ବୈଷ୍ଣବ ହେଲେ ସବୁ ଗଲା । ଏହାଛଡ଼ା ମଣିଷ, ଜୀବନରେ କେବଳ ଦୁଇଥର ଅଛୁଆଁ ହୋଇଥାଏ । ଥରେ ନିଜେ ଜନ୍ମ ହେଲା ବେଳେ ଆଉ ଥରେ ମରିଗଲା ବେଳେ । ମୁଁ ଲୋକମାନଙ୍କୁ ବହୁତ ଭଲ ପାଏ । ଏଇ ମାନଙ୍କ ପାଇଁ ମୁଁ କେତେ ଗୀତିନାଟ୍ୟ, ଭଜନ ଜଣାଣ, ଫାର୍ସ ଲେଖିଛି, ଗାଇଛି, ନାଚିଛି । ମୋର ଏ ଘରକୁ ପାଠାଗାର କରିବା ପାଇଁ ଶିକ୍ଷାମନ୍ତ୍ରୀ ଡ.ରାଧାନାଥ ରଥଙ୍କୁ ଚିଠି ଲେଖିଛି । ଆଜି ମୋର ଏ ଶେଷ ଅବସ୍ଥାରେ ମୋତେ କେହି ଆଡ଼ ଆଖିରେ ଚାହୁଁ ନାହାଁନ୍ତି । ସମସ୍ତେ ମୋତେ ଘୃଣା କରୁଛନ୍ତି । ମୁଁ ମଲା ପରେ ମୋତେ ବୋଧ ହୁଏ କେହ ମନେରଖିବେ ନାହିଁ । ମୋ ଗୀତିନାଟ୍ୟ, ଭଜନ, ଜଣାଣ କେହି ପଢ଼ିବେନି କି ଦେଖିବେନି!!!

ଲୋକଙ୍କୁ ହସଉଥିବା ମଜଉଥିବା ମନୋରଞ୍ଜନର ଖୋରାକ ଯୋଗାଉଥିବା ଏହି ମହାନ କବି କାନ୍ଦି କାନ୍ଦି ନିଜ କ୍ଷୋଭ ପ୍ରକାଶ କରି ଅଚେତ ହୋଇ ପଡ଼ିଲେ । ସେ ଦିନ ମଠ ମହନ୍ତ ଓ ଯୋଗୀ ମିଶ୍ରଙ୍କ ସହାୟତାରେ ଶଗଡ଼ ଯୋଗେ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଭେଷଜ ବିଭାଗରେ କିଛି ଦିନ ଚିକିତ୍ସିତ ହେଲାପରେ ୧୯୫୬ ମସିହା ମେ ମାସ ୧୦ ତାରିଖ ବୈଶାଖ ଅମାବାସ୍ୟା ଠିକ ଆଜିର ତିଥିରେ ଏହି ମହାନ ଗୀତିନାଟ୍ୟକାର, ବାଦ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଆଶୁକବି ଗଣକବି ବୈଷ୍ଣବ ପାଣିଙ୍କ ଦେହାନ୍ତ ହୋଇଥିଲା । କବି ମୁରାରୀ ମୋହନ ଜେନା, କାଳନ୍ଦୀ ପାଣିଗ୍ରାହୀ, ଗୋରାଚାନ୍ଦ ମିଶ୍ର, ନିତ୍ୟାନନ୍ଦ ମହାପାତ୍ର ଓ ସତ୍ୟାନନ୍ଦ ଚମ୍ପତିରାୟଙ୍କ ସହାୟତାରେ କଟକର ଖାନନଗର ଶ୍ମଶାନ ଆପଣେଇ ନେଇଥିଲା ଏହି କାଳଜୟୀ ମହାପ ପୁରୁଷ କବି ବୈଷ୍ଣବ ପାଣିଙ୍କ ପାର୍ଥୀବ ଶରୀରକୁ ।

ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ : ସଂଗଠନ ଓ ସେବାର ୧୦୦ ବର୍ଷ

୧୯୨୫ ମସିହା ବିଜୟାଦଶମୀ (ବିକ୍ରମ ସମ୍ବତ ୧୯୮୨)ରେ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ନିଜ ସ୍ଥାପନାର ୧୦୦ ବର୍ଷ ପୂର୍ଣ୍ଣ କରିଛି । ସଂଘ ଆଜି ବିଶ୍ୱର ସର୍ବବୃହତ ସାମାଜିକ ସଂଗଠନ ପାଲଟିଛି । ଏହି କାରଣରୁ ସ୍ୱାଭାବିକ ଭାବରେ ସଂଘକୁ ଜାଣିବାର ଉତ୍ସୁକତା ସମାଜରେ ବୃଦ୍ଧି ପାଇଛି । ସଂଘକୁ ଜାଣିବାକୁ ହେଲେ ସଂଘର ସଂସ୍ଥାପକ ଡା. କେଶବ ବଳିରାମ ହେଡଗେୱାରଜୀଙ୍କୁ ଜାଣିବା ଆବଶ୍ୟକ ଅଟେ । ଡକ୍ଟରଜୀ ଜନ୍ମଜାତ ଦେଶଭକ୍ତ ଥିଲେ । ସ୍ୱାଧୀନତା ଆନ୍ଦୋଳନର ସମସ୍ତ ପ୍ରୟାସରେ ସେ ସକ୍ରିୟ ଥିଲେ । ତେଣୁ ତାଙ୍କୁ ଦୁଇଥର (୧୯୨୧ ଓ ୧୯୩୦) କାରାବାସ ଭୋଗିବାକୁ ପଡ଼ିଥିଲା ।

ସଂଘ ସ୍ଥାପନା ସଂଘର ସ୍ଥାପନା-

ଏପରି ସମୟରେ ହୋଇଥିଲା, ଯେତେବେଳେ ଆମ ଦେଶ ସ୍ୱାଧୀନତା ପ୍ରାପ୍ତି ପାଇଁ ସଂଘର୍ଷ କରୁଥିଲା । ଡା.ହେଡଗେୱାରଙ୍କ ସ୍ପଷ୍ଟ ମତ ଥିଲା କି ରାଷ୍ଟ୍ରର ସ୍ୱତନ୍ତ୍ରତା, ତତ୍‌ପଶ୍ଚାତ୍ ପରମବୈଭବ ପ୍ରାପ୍ତି ତଥା ସମାଜର ବିଭିନ୍ନ ସମସ୍ୟା ଗୁଡ଼ିକର ସ୍ଥାୟୀ ସମାଧାନ କେବଳ ହିନ୍ଦୁ ସମାଜର ସଂଗଠିତ ହେବା ଦ୍ୱାରା ହୋଇପାରିବ । ଜାତି, ଭାଷା, ବେଶଭୂଷା, ପ୍ରାନ୍ତ ଆଦି ବିବିଧତାକୁ ଭେଦ ବିବେଚନା କରି ଅସଂଗଠିତ ହୋଇଥିବା ହିନ୍ଦୁ ସମାଜକୁ, ହିନ୍ଦୁତ୍ୱର ଆଧାରରେ ସଂଗଠିତ କରିବା ପାଇଁ ଡକ୍ଟରଜୀ ସଂଘର ପ୍ରତିଷ୍ଠା କରିଥିଲେ । ଆମ ପାଇଁ ହିନ୍ଦୁତ୍ୱ କୌଣସି ଉପାସନା ପଦ୍ଧତି କିମ୍ବା ରିଲିଜିଅନ ନୁହେଁ, ଏହା ଏକ ଉଚ୍ଚ ମୂଲ୍ୟବୋଧ ସମ୍ପନ୍ନ ଜୀବନ ଦୃଷ୍ଟି ଅଟେ ଏବଂ ଏହି ଦୃଷ୍ଟି ଆଧାରରେ ବିକଶିତ ହୋଇଥିବା ଜୀବନ ପଦ୍ଧତି ଅଟେ । ଏହି ଭଗୀରଥ ଏବଂ ମହତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ସେହିପରି ଗୁଣବାନ କାର୍ଯ୍ୟକର୍ତ୍ତା ଆବଶ୍ୟକ ଥିଲେ । ଏପରି କାର୍ଯ୍ୟକର୍ତ୍ତା ନିର୍ମାଣ କରିବା ପାଇଁ ଡା.ହେଡଗେୱାର ଏକ ସରଳ କିନ୍ତୁ ଅତ୍ୟନ୍ତ ପରିଣାମକାରକ ଦୈନିକ ଶାଖାର ପଦ୍ଧତି ସଂଘରେ ବିକଶିତ କଲେ ।

ବ୍ୟକ୍ତି ନିର୍ମାଣର କାର୍ଯ୍ୟପଦ୍ଧତି-

ସଂଘ କାର୍ଯ୍ୟର ପ୍ରଥମ ପର୍ଯ୍ୟାୟରେ ସଂଗଠନ ଛିଡ଼ା କରିବା ହିଁ ପ୍ରମୁଖ କାର୍ଯ୍ୟ ଥିଲା ଏବଂ ଏଥିପାଇଁ ବ୍ୟକ୍ତି ନିର୍ମାଣର ପ୍ରକ୍ରିୟାକୁ ଗତିଶୀଳ କରିବା ଆବଶ୍ୟକ ଥିଲା । ବ୍ୟକ୍ତି ନିର୍ମାଣ ହେତୁ ଚାଲୁଥିବା ନିତ୍ୟ ଶାଖାରେ ସ୍ୱୟଂସେବକ ମାନେ ଅତ୍ୟନ୍ତ ସାମାନ୍ୟ ଦେଖାଯାଉଥିବା କାର୍ଯ୍ୟକ୍ରମ- ଖେଳ, ବ୍ୟାୟାମ, ଯୋଗାସନ, ଗୀତ, କାହାଣୀ, ପ୍ରାର୍ଥନା ଆଦି କରିଥାନ୍ତି, ଯାହା ଶାଖା ବାହାରେ ମଧ୍ୟ ସମାଜରେ କରାଯାଇଥାଏ । ଏସବୁ କାର୍ଯ୍ୟକ୍ରମ ଗୁଡିକ ହିଁ ସ୍ୱୟଂସେବକ ମାନଙ୍କ ମଧ୍ୟରେ ସାହାସ, ଧୈର୍ଯ୍ୟ, ଶକ୍ତି, ରାଷ୍ଟ୍ରୀୟ ଚରିତ୍ର, ଅନୁଶାସନ, ଦେଶଭକ୍ତି, ସେବା ପ୍ରଭୃତି ଗୁଣର ନିର୍ମାଣ କରିଥାଏ । ଏହି କାର୍ଯ୍ୟକ୍ରମ ଗୁଡ଼ିକର ନିରନ୍ତରତା ହିଁ ସ୍ୱୟଂସେବକ ମାନଙ୍କର ସମ୍ପୂର୍ଣ୍ଣ ଜୀବନର ଦିଗ ଓ ପ୍ରାଥମିକତା ଗୁଡିକୁ ବଦଳାଇ ଦେଇଥାଏ । ଏଥିପାଇଁ ତ ସଂଘ ସାମାନ୍ୟ ଲୋକଙ୍କର ଅସାମାନ୍ୟ ସଂଗଠନ ପାଲଟିଛି । ଏହି କାର୍ଯ୍ୟ ପଦ୍ଧତି ଯୋଗୁଁ ଯେଉଁ ସ୍ୱୟଂସେବକ ମାନେ ନିର୍ମାଣ ହେଲେ, ତାଙ୍କ ଆଚରଣ ଦ୍ୱାରା ସଂଘର ସମାଜ ଜୀବନରେ ଏକ ସକାରାତ୍ମକ ଭାବମୂର୍ତ୍ତି ସୃଷ୍ଟି ହୋଇଛି । ସଂଘ ଅର୍ଥାତ୍ ଦେଶଭକ୍ତି, ନିଃସ୍ୱାର୍ଥ ସେବା, ଅନୁଶାସନ ଏହି ପରିଚୟ ସମାଜର ମନରେ ସ୍ଥାପିତ ହୋଇଛି ।

ସଂଘ କାର୍ଯ୍ୟର ବିସ୍ତାର-

କୌଣସି ବିଶେଷ କାର୍ଯ୍ୟକୁ ଉପହାସ, ଉପେକ୍ଷା, ବିରୋଧ ଏବଂ ପରେ ସ୍ୱୀକାର୍ଯ୍ୟତାର ପର୍ଯ୍ୟାୟ ଦେଇ ଗତି କରିବାକୁ ପଡିଥାଏ, ସେହିପରି ସଂଘକୁ ମଧ୍ୟ ଏହି ସମସ୍ତ ପର୍ଯ୍ୟାୟ ଦେଇ ଗତି କରିବାକୁ ପଡ଼ିଥିଲା । କିନ୍ତୁ ଶ୍ରେଷ୍ଠ ଅଧିଷ୍ଠାନ, ଉତ୍ତମ କାର୍ଯ୍ୟପଦ୍ଧତି ଏବଂ ସ୍ୱୟଂସେବକ ମାନଙ୍କ ନିଃସ୍ୱାର୍ଥ ଦେଶଭକ୍ତିରେ ପରିପୂର୍ଣ୍ଣ ସମରସତାଯୁକ୍ତ ଆଚରଣ ଯୋଗୁଁ ସଂଘ ସମାଜର ବିଶ୍ୱାସ ଜିତିବାରେ ସଫଳ ହୋଇଛି । ଆଜି ସଂଘର କାର୍ଯ୍ୟ କାଶ୍ମୀରରୁ କନ୍ୟାକୁମାରୀ ଏବଂ କଚ୍ଛରୁ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ଭାରତର ପ୍ରତ୍ୟେକ କୋଣରେ ପହଂଚିଛି । ଆଜି ସମ୍ପୂର୍ଣ୍ଣ ଭାରତର ମୋଟ ୯୨୪ ଜିଲ୍ଲା ମଧ୍ୟରୁ ୯୮.୩ ପ୍ରତିଶତ ଜିଲ୍ଲାର ସଂଘର ଶାଖା ଚାଲୁଅଛି । ମୋଟ ୬୬୧୮ ଖଣ୍ଡ ମଧ୍ୟରୁ ୯୨.୩ ପ୍ରତିଶତ ଖଣ୍ଡ (ତାଲୁକା)ରେ ମୋଟ ୫୮,୯୩୯ ମଣ୍ଡଳ ମଧ୍ୟରୁ ୫୨.୨ ପ୍ରତିଶତ ମଣ୍ଡଳରେ (ମଣ୍ଡଳ ଅର୍ଥାତ୍ ୧୦-୧୨ ଗ୍ରାମର ଏକ ସମୂହ), ୫୧,୭୪୦ ସ୍ଥାନରେ ୮୩,୧୨୯ ସଂଖ୍ୟକ ଦୈନିକ ଶାଖା ଗୁଡ଼ିକ ଚାଲୁଅଛି । ଏହା ସହିତ ଅନ୍ୟ ୨୬,୪୬୦ ସ୍ଥାନରେ ୩୨,୧୪୭ଟି ସାପ୍ତାହିକ ମିଳନର ମାଧ୍ୟମରେ ସଂଘକାର୍ଯ୍ୟର ଦେଶବ୍ୟାପ୍ତି ବିସ୍ତାର ହୋଇଛି, ଯାହା ଲଗାତାର ବଢ଼ିବାରେ ଲାଗିଛି । ଏହି ୮୩,୧୨୬ଟି ଦୈନିକ ଶାଖା ମାନଙ୍କ ମଧ୍ୟରୁ ୫୯ ପ୍ରତିଶତ ଶାଖା ହେଉଛି ବିଦ୍ୟାର୍ଥୀ ଶାଖା ଏବଂ ଅବଶିଷ୍ଟ ୪୧ ପ୍ରତିଶତ ବ୍ୟବସାୟୀ ସ୍ୱୟଂସେବକଙ୍କର ଶାଖା ଅଟେ ।ସେହିପରି ଓଡିଶା ପୂର୍ବ ପ୍ରାନ୍ତରେ୧୩୦୬ଟି ଶାଖା, ୩୪୬ଟି ମିଳନ ଏବଂ ୨୭୬ଟି ମଣ୍ଡଳି ଚାଲୁଅଛି । ଓଡିଶା ପଶ୍ଚିମ ପ୍ରାନ୍ତରେ୧୫୪୦ଟି ଶାଖା, ୧୦୦ଟି ମିଳନ ଏବଂ ୯୦ଟି ମଣ୍ଡଳି ଚାଲୁଅଛି ଏହିପରି ସମ୍ପୂର୍ଣ୍ଣ ଓଡିଶାରେ ୨୮୪୬ ଶାଖା, ୪୪୬ଟି ମିଳନ ଏବଂ ୩୬୬ଟି ମଣ୍ଡଳି ଚାଲୁଅଛି ।

ସେବା କାର୍ଯ୍ୟ-

ଦେଶଭକ୍ତିରେ ଓତଃପ୍ରୋତ ସ୍ୱୟଂସେବକ ମାନେ ସମାଜର କଷ୍ଟ ଦେଖିବା ମାତ୍ରେ ଦୌଡ଼ି ଯାଆନ୍ତି, ସେଥିପାଇଁ ଆଜି କୌଣସି ବି ପ୍ରାକୃତିକ କିମ୍ବା ଅନ୍ୟ ବିପର୍ଯ୍ୟୟ ସମୟରେ ସେଠାରେ ତୁରନ୍ତ ପହଂଚିଥାନ୍ତି । କେବଳ ବିପର୍ଯ୍ୟୟ ସମୟରେ ନୁହେଁ, ବରଂ ନିୟମିତ ରୂପେ ସମାଜରେ ଦେଖାଯାଉଥିବା ଅଭାବ, ପୀଡ଼ା, ଉପେକ୍ଷା ଦୂର କରିବା ପାଇଁ ସ୍ୱୟଂସେବକ ନିଜ କ୍ଷମତାନୁସାରେ ସର୍ବତ୍ର ପ୍ରୟାସ କରିଥାନ୍ତି । ଆଜି ସଂଘର ସ୍ୱୟଂସେବକ ମାନେ ସମାଜର ସହଯୋଗରେ ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କାର ଏବଂ ସ୍ୱାବଲମ୍ବନ ବିଷୟରେ ଗ୍ରାମୀଣ ଓ ନଗର କ୍ଷେତ୍ରରେ ୧,୨୯,୦୦୦ ସେବାକାର୍ଯ୍ୟ ଓ ଗତିବିଧି ମାନ ଚଳାଉଛନ୍ତି । ଏହା ବ୍ୟତୀତ ସ୍ୱୟଂସେବକ ମାନେ ପ୍ରଶାସନ ଅଥବା ସରକାର ଉପରେ ନିର୍ଭର ନକରି ନିଜ ଗ୍ରାମର ସର୍ବାଙ୍ଗୀନ ବିକାଶ ସମସ୍ତ ଗ୍ରାମବାସୀ ମିଳିମିଶି କରନ୍ତୁ, ଏହି ଉଦ୍ଦେଶ୍ୟରେ 'ଗ୍ରାମ ବିକାଶ'ର କାର୍ଯ୍ୟ ମଧ୍ୟ କରୁଛନ୍ତି । ଭାରତୀୟ ପ୍ରଜାତିର ଗାଈ ମାନଙ୍କ ସଂରକ୍ଷଣ, ସମ୍ବର୍ଦ୍ଧନା, ପ୍ରଜାତି ସୁଧାର କରିବା ସହ ଗୋବର ଆଧାରିତ ଜୈବିକ ଚାଷ ନିମିତ୍ତ କୃଷକ ମାନଙ୍କୁ ପ୍ରଶିକ୍ଷଣ, ପ୍ରବୋଧନ ଏବଂ ପ୍ରୋତ୍ସାହନ ଦେବା ଉପଲକ୍ଷ୍ୟରେ ଗୋସେବା-ଗୋ ସମ୍ବର୍ଦ୍ଧନର କାର୍ଯ୍ୟ ମଧ୍ୟ କରୁଛନ୍ତି ।

ପଂଚ ପରିବର୍ତ୍ତନ

ଯଦିଓ ସ୍ୱୟଂସେବକ ମାନେ ନିୟମିତ ଭାବରେ ସମାଜ ପରିବର୍ତ୍ତନ ଏବଂ ସମସ୍ୟାର ସମାଧାନ କରିବା ନିମନ୍ତେ ସତତ ସକ୍ରିୟ ରୁହନ୍ତି, କିନ୍ତୁ ଶତାବ୍ଦୀ ବର୍ଷ ପରେ ପାଂଚଟି ବିଷୟ ଉପରେ ସଜ୍ଜନ ଶକ୍ତିର ସହଯୋଗରେ ଜନଜାଗରଣ ପାଇଁ ବିଶେଷ ପ୍ରଯତ୍ନ କରିବେ । ଯାହାକୁ ପଂଚପରିବର୍ତ୍ତନ କୁହାଯାଉଛି, ସେହି ପାଂଚଟି ବିଷୟ ଏହି ପ୍ରକାରର ଅଟେ । ୧. ସାମାଜିକ ସମରସତା ଦୁର୍ଭାଗ୍ୟବଶତଃ ଆମ ସମାଜର କିଛି ବର୍ଗର ଲୋକଙ୍କୁ ଅଛୁଆଁ ମାନି ଶିକ୍ଷା, ସୁବିଧା ଏବଂ ସମ୍ମାନ ଠାରୁ ବଂଚିତ ରଖାଯାଇଛି ।

ଏହା ଅତ୍ୟନ୍ତ ଅନ୍ୟାୟପୂର୍ଣ୍ଣ ଏବଂ ଅମାନବୀୟ ଅଟେ । ଏହି ଅନ୍ୟାୟକୁ ଦୂରକରି, ସମସ୍ତଙ୍କୁ ସାଥିରେ ନେଇ ଆଗକୁ ବଢ଼ିବାର ପ୍ରୟାସ, ସାମାଜିକ ସମରସତାର ମାଧ୍ୟମରେ ଆରମ୍ଭ ହୋଇଛି । ଆମର ସମରସ ହିନ୍ଦୁ ସମାଜ ବିଭିନ୍ନ ଜାତି ମାନଙ୍କ ନାମରେ ଜଣାଯାଉଥିଲେ ମଧ୍ୟ ଏହି କାରଣରୁ କେବେ ବି ସମାଜର ଛୁଆଁ ଅଛୁଆଁ ଭେଦଭାବ ରହିନାହିଁ । ସଂଘର୍ଷ କାଳରେ ଆସିଥିବା ଏହି ବିକୃତିକୁ କିଛି ନିହିତ ସ୍ୱାର୍ଥୀ ତତ୍ତ୍ୱ, ଜାତିଗତ ବିଦ୍ୱେଷ ବଢ଼ାଇ ସମାଜକୁ ବିଭାଜିତ କରିବାର କାର୍ଯ୍ୟ କରିଥାନ୍ତି । ତେଣୁ ସମାଜରୁ ଛୁଆଁ ଅଛୁଆଁ ଓ ଭେଦଭାବ ଦୂର କରିବା ସକାଶେ ନିଜ ମିତ୍ର-ପରିବାରରେ ସମସ୍ତ ଜାତି-ସମ୍ପ୍ରଦାୟର ଲୋକଙ୍କୁ ସାମିଲ କରିବା ଏବଂ ସମୟ ସମୟରେ ପାରିବାରିକ କାର୍ଯ୍ୟକ୍ରମ ମାନଙ୍କରେ ସମସ୍ତଙ୍କୁ ସମ୍ମିଳିତ କରିବାର ପ୍ରୟାସ କରିବା ଉଚିତ୍ । ନିଜ ଗୃହ ଅଥବା କାର୍ଯ୍ୟସ୍ଥଳରେ ସହଯୋଗୀ ଓ ସେବା ପ୍ରଦାନ କରୁଥିବା ସମସ୍ତଙ୍କ ପ୍ରତି ଆମର ବ୍ୟବହାର ସ୍ନେହପୂର୍ଣ୍ଣ ରହୁ ତଥା ସେମାନଙ୍କୁ କୌଣସି ଉତ୍ସବରେ ସପରିବାର ସମ୍ମାନପୂର୍ବକ ଆମନ୍ତ୍ରିତ କରିବା ସହିତ ତାଙ୍କ ଘରକୁ ବି କେବେ ଯିବା ଆସିବା କରିବା ଉଚିତ୍ । ସମସ୍ତ ଜାତି ଏବଂ ସମ୍ପ୍ରଦାୟଙ୍କ ପ୍ରମୁଖ ମାନେ ଏକାଠି ବସି କିଛି ପାରସ୍ପରିକ ସମସ୍ୟା ଏବଂ ଆହ୍ୱାନ ଗୁଡ଼ିକ ଉପରେ ବିଚାରବିମର୍ଷ କରିବା ସହ ସେଥିରୁ ମୁକୁଳିବାର ସାମୂହିକ ପ୍ରୟାସ କରିବେ, ଏହା ଆବଶ୍ୟକ ଅଟେ ।

୨. ପର୍ଯ୍ୟାବରଣ ସଂରକ୍ଷଣ ସୃଷ୍ଟି ଆମ୍ଭ ମାନଙ୍କ ସମସ୍ତ ପ୍ରାଣୀଙ୍କର ମା ଅଟେ । କିନ୍ତୁ ଭୌତିକତାବାଦୀ ଜୀବନର ପ୍ରଭାବ ବୃଦ୍ଧି କାରଣରୁ ପ୍ରକୃତିର ଶୋଷଣ ହୋଇ ଆସୁଛି । ପଶ୍ଚିମର ବିକାଶର ମାନକ (କ୍ତ୍ୱବକ୍ସବୟସଶଙ୍କ) ଗୁଡ଼ିକର ଆଧାରରେ ଅନୁଷ୍ଠିତ ବିକାଶ ଦ୍ୱାରା କେବଳ ୫୦୦ ବର୍ଷରେ ହିଁ ସୃଷ୍ଟିର ପର୍ଯ୍ୟାବରଣୀୟ ସନ୍ତୁଳନ ବିଗଡ଼ି ଯାଇଛି । ସେହି ବିଗଡି ଯାଇଥିବା ସନ୍ତୁଳନକୁ ପୁଣି ଥରେ ଠିକ୍ କରିବାର ପ୍ରୟାସରେ ଜନସହଭାଗିତା ବୃଦ୍ଧି କରି ପର୍ଯ୍ୟାବରଣ ବିଷୟରେ ଜାଗୃତି ଏବଂ ସକ୍ରିୟତା ଆଣିବାର ଆବଶ୍ୟକତା ରହିଛି । ଆମ ଜୀବନରେ ନ୍ୟୁନତମ ତିନୋଟି କାର୍ଯ୍ୟ ଆମେ ସମସ୍ତେ କରି ହିଁ ପାରିବା । ପାଣି ବଂଚାଇବା, ସିଙ୍ଗଲ ୟୁଜ ପ୍ଲାଷ୍ଟିକର ବ୍ୟବହାର କରିବା ନାହିଁ ଏବଂ ସବୁଜିମା ପାଇଁ ଗଛ ଲଗେଇବା । ଏହାଦ୍ୱାରା ମନୁଷ୍ୟ ମାନଙ୍କ ଭିତରେ ଏକ ମାନବୀୟତା ମଧ୍ୟ ଆସିବ ଏବଂ ପର୍ଯ୍ୟାବରଣରେ ସୁଧାର ମଧ୍ୟ ହେବ । ଏଥିପାଇଁ ଯେଉଁ ସାମୁହିକ ଉପକ୍ରମ ଚାଲୁଅଛି ସେଥିରେ ଆମେ ଭାଗ ନେବା ଏବଂ ନିଜ ଘରେ ମଧ୍ୟ ଏହା ପାଳନ କରିବା ଉଚିତ୍ ।

୩. କୁଟୁମ୍ବ ପ୍ରବୋଧନ ଭାରତୀୟ ସଂସ୍କୃତି ଏବଂ ପରମ୍ପରାରେ କୁଟୁମ୍ବର ବିଶେଷ ମହତ୍ୱ ଅଛି । ଭାରତୀୟ ଆତ୍ମିକ ଦୃଷ୍ଟିରୁ ଏହି କୁଟୁମ୍ବ ଅର୍ଥାତ୍ ମୁଁ ରୁ ଆମେକୁ ଯାତ୍ରାର ପ୍ରଥମ ପାଦ ଅଟେ । ବର୍ତ୍ତମାନ ସହରୀକରଣ ଓ ଜୀବନର ବାସ୍ତବତା ବଢ଼ିବା ଯୋଗୁଁ କୁଟୁମ୍ବ ଛୋଟ ହୋଇଯାଇଛି । ତେଣୁ ପରିବାରର ସମସ୍ତ ଲୋକ ସପ୍ତାହରେ ଥରେ ଏକାଠି ବସିବା, ନିର୍ଦ୍ଧାରିତ ସମୟରେ ଘରେ ରହିବା, ଶ୍ରଦ୍ଧା ଅନୁସାରେ ଭଜନ କରିବା, ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଖାଇବା ଏବଂ ତା'ପରେ ୩-୪ ଘଂଟା ଗପସପ କରିବା । ସେଥିରେ ଆମେ କିଏ, ଆମ ପୂର୍ବପୁରୁଷ କିଏ ଥିଲେ, ଆମର କୁଳରୀତି କଣ, ଆମ ଘରର ରୀତି କଣ, କଣ ଭଦ୍ର ଏବଂ କଣ ଅଭଦ୍ର ଅଟେ ? ଆଜିର ସମୟରେ କଣ କଣ ଆବଶ୍ୟକ ଅଟେ ? ଏହି ଆଧାରରେ ନିଜ ଘରେ ସମସ୍ତେ ସହମତି ନିର୍ମାଣ କରି ସେହି କଥା ଗୁଡ଼ିକୁ ଲାଗୁ କରିବା ।

୪. ସ୍ୱ ଆଧାରିତ ଜୀବନ କୌଣସି ବି ଦେଶର ବିକାଶ ପାଇଁ, ସେହି ଦେଶର ଯେଉଁ ସଂସାଧନ, ସମ୍ବଳ ଅଛି, ତା ଆଧାରରେ ବିକାଶର ପଥକୁ ପ୍ରଶସ୍ତ କରିବା ଉଚିତ୍ । ସ୍ୱ ଆଧାରିତ ଜୀବନର ତାତ୍ପର୍ଯ୍ୟ ହେଉଛି, ଆର୍ଥିକ ଏବଂ ସାଂସ୍କୃତିକ ସମସ୍ତ ଆୟାମ ଗୁଡ଼ିକରେ ଆମକୁ ନିଜ ଗୋଡ଼ରେ ଛିଡ଼ା ହେବା ଉଚିତ୍ । ସ୍ୱଦେଶୀ ଜୀବନ ଶୈଳୀ ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ପରିବାର ସ୍ତରରେ ଆପଣେଇବାକୁ ହେବ, ତେବେ ଯାଇ ଭାରତ ଆତ୍ମନିର୍ଭର ହେବ । ନିଜର ମାତୃଭାଷା, ସ୍ୱଭୂଷା, ସଂସ୍କୃତି ଏବଂ ପରମ୍ପରା ଉପରେ ସ୍ୱାଭୀମାନ ରଖି ତାକୁ ବ୍ୟବହାରରେ ଆଣିବା ଉଚିତ୍ ।

୫. ନାଗରିକ କର୍ତବ୍ୟବୋଧ ପ୍ରତ୍ୟେକ ପରିସ୍ଥିତିରେ ସମ୍ବିଧାନ, ନିୟମ, କାନୁନ ଏବଂ ଅନୁଶାସନର ପାଳନ କରି ଚଳିବା । କୌଣସି ଉତେଜକ କଥା ହେଲେ ମଧ୍ୟ କାନୁନକୁ ନିଜ ହାତକୁ ନେବା ନାହିଁ । ବେଆଇନ ଆଚରଣ କରିବା ନାହିଁ । ଆଜି ଦେଶ ପାଇଁ ୨୪ ଘଂଟା ବଂଚିବାର ଆବଶ୍ୟକତା ଅଛି । ଛୋଟ ଛୋଟ କଥାରେ ମଧ୍ୟ ସମାଜର, ଦେଶର, ସମସ୍ତଙ୍କର ଧ୍ୟାନ ରଖିବା । ମୋଠାରୁ ଆରମ୍ଭ ହେବ, ମୋ ଘରୁ ଆରମ୍ଭ ହେବ, ତେବେ ଯାଇ ସମାଜରେ ପରିବର୍ତ୍ତନ ଆସିବ, ସମାଜରେ ଆସିଲେ ଭାରତରେ ଆସିବ, ତେବେ ଯାଇ ଭାରତ ଏକ ସଶକ୍ତ ରାଷ୍ଟ୍ର ହେବ ।

ଆବାହନ-

ଗତ ଶହେ ବର୍ଷ ଧରି ଏହି ମହାଯଜ୍ଞ ନିରନ୍ତର ଭାବେ ଚାଲୁଅଛି । ସମ୍ପୂର୍ଣ୍ଣ ସମାଜକୁ ସଂଗଠିତ କରି ଦେଶ ସାମ୍ନାରେ ଆସୁଥିବା ସମସ୍ତ ସମସ୍ୟା ଓ ଆହ୍ୱାନର ସମାଧାନ କରିବା, ସମାଜରେ ସ୍ଥାୟୀ ପରିବର୍ତନ ଆଣିବା ପାଇଁ ସମାଜର ବ୍ୟବସ୍ଥା ଗୁଡ଼ିକୁ ଯୁଗାନୁକୂଳ ଗଠନ କରିବା, ଏହା ସଂଘ କାର୍ଯ୍ୟର ପରବର୍ତୀ ପର୍ଯ୍ୟାୟ ଅଟେ । କିନ୍ତୁ ଆମ ଦେଶ ବହୁତ ବିଶାଳ ଅଟେ ଏବଂ କୌଣସି ଏକ ସଂଗଠନ ଏଥିରେ ସ୍ଥାୟୀ ପରିବର୍ତନ ଆଣିପାରିବ ନାହିଁ । ଏଥିପାଇଁ ସମସ୍ତ ମତଭେଦ ଭୁଲିଯାଇ, ସମସ୍ତଙ୍କୁ ଏକତ୍ର ଆସି କାମ କରିବାକୁ ହେବ । ଏଥିପାଇଁ ସଜ୍ଜନ ଶକ୍ତିର ସକ୍ରିୟତା ଏବଂ ସହଯୋଗ ଆବଶ୍ୟକ ଅଟେ । ଆମର ପବିତ୍ର ମାତୃଭୂମିକୁ ପୁନର୍ବାର ବିଶ୍ୱଗୁରୁ କରିବା ପାଇଁ ଆଜି ପୁରୁଷାର୍ଥ କରିବାର ସମୟ ଅଟେ । ଆପଣ ସମସ୍ତ ମାତା, ଭାଇ-ଭଉଣୀ ମାନଙ୍କ ଠାରୁ ଆଶା କରାଯାଏ ଯେ ଏହି ରାଷ୍ଟ୍ରକାର୍ଯ୍ୟରେ ଆପଣ ସମସ୍ତେ ନିଜର ରୁଚି ଓ କ୍ଷମତା ଅନୁସାରେ ସକ୍ରିୟ ଭୂମିକା ନିର୍ବାହ କରିବେ । ଭାରତ ମାତାର ଏହି ଜଗନ୍ନାଥ ରଥକୁ ଟାଣିବା ପାଇଁ ସମସ୍ତଙ୍କ ହାତ ଓ ଶକ୍ତି ଲାଗୁ । ଆସନ୍ତୁ ! ଏହି ଅମୃତ କାଳରେ ସମସ୍ତେ ମିଶି ନିଜର ଭଗୀରଥ ପ୍ରୟାସରେ ଭାରତମାତାଙ୍କୁ ପରମ ବୈଭବ ପର୍ଯ୍ୟନ୍ତ ପହଂଚାଇବା ।

ଭାରତ ମାତା କୀ ଜୟ !

# କୃତ୍ରିମ ବୁଦ୍ଧିମତା ଓ ସ୍ୱାସ୍ଥ୍ୟ

### ପ୍ରଫେସର ଡାକ୍ତର ସମ୍ରାଟ କର

କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆମ ଦିନଚର୍ଯ୍ୟାର ଏକ ଅଂଶ ପାଲଟିଗଲାଣି । ଆମେ କ'ଣ କାଇବା, କେତେବେଳେ କାହା ସହ ସାକ୍ଷାତ କରିବା ତାହା ନିଶ୍ଚିତ କରୁଛି ଏଆଇ । ଅନେକ ତ ଏବେ ନିଜକୁ ଫିଟ ରଖିବା ପାଇଁ ଜିମ ଯାଉନାହାନ୍ତି । ଆର୍ଟିଫିସିଆଲ ଇଣ୍ଟେଲଜେନ୍ସ ଆମର ଫିଟନେସ ଟ୍ରେନର ଦାୟିତ୍ୱ ମଧ ତୁଲାଉଛି । ତେବେ ଏହା ଆମ କାମକୁ, ଆମର ଜୀବନଶୈଳୀକୁ ଯେତେ ସହଜ କରୁଛି, ଏହା ଆମ ପାଇଁ ସେତିକି କ୍ଷତିକାରକ ବୋଲି ମଧ କହିଲେଣି ବିଶେଷଜ୍ଞ ।

ଧୀରେ ଧୀରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା ଆମ ଜୀବନ ଶୈଳୀକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଗଲାଣି । ଆମେ କେବେ କାହାକୁ ଭେଟିବୁ ? ଏହାକୁ ନେଇ ମିଟିଙ୍ଗ ନିର୍ଦ୍ଧାରଣ କରିବା ଠାରୁ ଖାଦ୍ୟପେୟ ଏଆଇ ଦ୍ୱାରା ନିଶ୍ଚିତ କରାଯାଉଛି । ଆଗାମୀ ସମୟରେ ଏହି ଟ୍ରେଣ୍ଡ ଅଧିକ ବ୍ୟାପକ ହେବାକୁ ଯାଉଛି । କାରଣ ଏଆଇ ଏବେ ଫିଟନେସ କୋଚର କାମ କରିବା ଆରମ୍ଭ କରିଛି । ବର୍ତ୍ତମାନର ବ୍ୟସ୍ତ ଜୀବନଶୈଳୀରେ ଜିମ ଯାଇ ୱାର୍କଆଉଟ କରିବାକୁ ସମୟ ନାହିଁ । ଏଥିରେ ସମୟ ମଧ ବର୍ବାଦ । ଏବେ ଅନେକ ଫିଟନେସ ଆପରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଯୋଡ଼ା ଯାଉଛି । ଏହି ଆପଗୁଡ଼ିକ ଆପଣଙ୍କ କ୍ଷମତା, ଲକ୍ଷ୍ୟ ଏବଂ ଉପକରଣକୁ ଧାନରେ ରଖି କଷ୍ଟମାଇଜଡ଼ ୱାର୍କଆଉଟ ଯୋଜନା ପ୍ରସ୍ତୁତ କରୁଛି । ଏହି ଏଆଇ ଆଧାରିତ ଆପ ଗୁଡ଼ିକର ସବୁଠୁ ବିଶେଷକଥା ହେଉଛି ଏହା ଉପଭୋକ୍ତାଙ୍କ ଡାଟାକୁ ନେଇ କହିପାରିଥାଏ କେଉଁ ୱାର୍କଆଉଟ ସେମାନଙ୍କ ପାଇଁ ଉପଯୋଗୀ ଏବଂ କେଉଁଟା ନୁହେଁ । ଗୋଟିଏ ୱାର୍କଆଉଟ ସର୍ତ୍ତକୁ ପୁରା କରିବା ପରେ ଏହି ଏଆଇ ଆଧାରିତ ଆପ ସ୍ୱୟଂ ଚାଳିତ ଭାବରେ ଆଗାମୀ ପ୍ରଶିକ୍ଷଣ ସର୍ତ୍ତକୁ କଷ୍ଟମାଇଜଡ଼ କରିଥାଏ । ଏହି ୱାର୍କଆଉଟ ଆପ ଗୁଡ଼ିକରେ ଅନେକ ଫିଚର୍ସ ସାମିଲ ଥାଏ । ୱାର୍କଆଉଟ କରିସାରିବା ପରେ ଫିଡବ୍ୟାକ ହିସାବରେ କହିବାକୁ ହୋଇଥାଏ, ବ୍ୟାୟାମ କରି ସାରିବା ପରେ ଆପଣ କିପରି ଅନୁଭବ କରୁଛନ୍ତି ? ଆପଣ କେତେ ସମୟରେ ୱାର୍କଆଉଟ ପୁରା କରିଛନ୍ତି ? ଆପଣ କେତେ ଓଜନ ଉଠାଇଛନ୍ତି ଆଦି ସାମିଲ ଥାଏ । ଫିଟନେସ ଏବଂ ୱାର୍କଆଉଟ ଉପରେ ନଜର ରଖିବା ପାଇଁ ସ୍ମାର୍ଟୱାଚର ଉପଯୋଗ ବହୁତ ବଢ଼ିଛି । ଏହା ସାହାଯ୍ୟରେ ଜଣେ ବ୍ୟକ୍ତି କଷ୍ଟମାଇଜଡ଼ ନୂଆ ୱାର୍କଆଉଟ ତିଆରି କରିବା ପାଇଁ ତାଙ୍କର ହାର୍ଟ ରେଟ ଏବଂ କ୍ୟାଲୋରି ବର୍ନ ପରି ଡାଟାର ସାହାଯ୍ୟ ନେଉଛନ୍ତି । ବର୍ତ୍ତମାନ ସମୟରେ ଏହି ୱାର୍କଆଉଟ ଆପସ୍ ଗୁଡ଼ିକ ପାଖରେ କୋଟି କୋଟି ସଂଖ୍ୟାର ୟୁଜର୍ସ ଅଛନ୍ତି । ଆଗାମୀ ସମୟରେ ଏହି ପ୍ରକାର ୱାର୍କଆଉଟ ଆପ୍ସ ଗୁଡ଼ିକ ଅଧିକ ଉନ୍ନତ ହେବ । ଯାହା ସାହାଯ୍ୟରେ ଜଣେ ବ୍ୟକ୍ତିକୁ ସେହି ଆଧାରରେ ଆହୁରି ଅଧିକ କଷ୍ଟମାଇଜଡ଼ ୱାର୍କଆଉଟ ତିଆରି କରିବାରେ ସାହାଯ୍ୟ କରିବ । ରିସର୍ଚ୍ଚ ରିପୋର୍ଟ ଏବଂ ପରିସଂଖ୍ୟାନ ଦର୍ଶାଉଛି ଯେ ୨୦୨୭ ସୁଦ୍ଧା ଫିଟନେସ ଆପ ବଜାର ୧୪.୬୪ କୋଟି ଡଲାରରେ ପହଞ୍ଚିବ ଏବଂ ୨୦୨୪ରେ ଫିଟନେସ ଆପ ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ୧୦.୦୨ କୋଟିରେ ପହଞ୍ଚି ପାରିବ । ଘରେ ୱାର୍କଆଉଟ କରିବା ହେଉ କିମ୍ବା ବିଭିନ୍ନ ଆପ୍ସ ସାହାଯ୍ୟରେ ସ୍ୱାସ୍ଥ୍ୟ ଉପରେ ନଜର ରଖିବା ଫିଟନେସ ପାଇଁ ଏବେ ଅନେକ ଲୋକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ନିର୍ଭର କରୁଛନ୍ତି ।

ବିଶେଷକରି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବା ବ୍ୟକ୍ତିଙ୍କୁ ଧ୍ୟାନରେ ରଖି ଏପରି ଏଆଇ ଥେରାପିଷ୍ଟ ତିଆରି କରାଯାଉଛି, ଯେଉଁଥିରେ ବ୍ୟକ୍ତି ନିଜ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିପାରୁଛି । ଏହାର ଅର୍ଥ ମାନସିକ ସ୍ୱାସ୍ଥ୍ୟ ସେବା ପାଇଁ ଆବଶ୍ୟକ ଥେରାପି ବି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି ମାଧ୍ୟମରେ ଉପଲବ୍ଧ ହେଉଛି । ମାନସିକ ସ୍ୱାସ୍ଥ୍ୟ ପାଇଁ ଏଆଇ ଉଇଜା, ହେ ଏବଂ ୱାବୋଟ ପରି ଆପ୍ସ ଜରିଆରେ ଥେରାପି କରାଯାଉଛି । ଯେତେବେଳେ ଏହିଆପ ଥେରାପି ପ୍ରୋସେସ ଆରମ୍ଭ କରିଥାଏ ଏହା କିଛି ପ୍ରଶ୍ନ ସେଟ କରିଥାଏ ଯାହାକୁ ଲୋକମାନେ ନିଜେ ବାଛିଥାନ୍ତି । ଏହି ଆପ୍ସ ଗୁଡ଼ିକ ସଂଜ୍ଞାତ୍ମକ ବ୍ୟବହାର ଥେରାପିରୁ ପ୍ରେରିତ । ଏହା ଚିନ୍ତା ଅବସାଦକୁ ଦୂର କରିବା ପାଇଁ ଲୋକଙ୍କ ଭାବିବା ଏବଂ ବ୍ୟବହାରର ଶୈଳୀକୁ ବଦଳିବାକୁ ପ୍ରେରିତ କରିଥାଏ । ତେବେ ଏହା ବ୍ୟତୀତ ମଧ ଆହୁରି ଏଆଇ ଥେରାପିଷ୍ଟ ଅଛି ଯାହା ଯୁବ ପିଢ଼ିଙ୍କ ଭିତରେ ଖୁବ ଲୋକପ୍ରିୟ ହୋଇପାରିଛି । ସେଥିରୁ ଗୋଟିଏ ହେଉଛି ସାଇକୋଲୋଜିଷ୍ଟ । ହ୍ୟାରିପୋଟର, ଏଲନ ମସ୍କ, ବେୟାନ୍ସ, ସୁପର ମାରିଯୋ ଏବଂ ଭ୍ଲାଦମିର ପୁଟିନ ଏହି ନାମ ଗୁଡ଼ିକ ହେଉଛି ସେହି ଲକ୍ଷ ଲକ୍ଷ କୃତ୍ରିମ ବୁଦ୍ଧିମତା ବ୍ୟକ୍ତିତ୍ୱର କିଛି ନାମ ଯାହା ସହ କ୍ୟାରେକ୍ଟର, ଏଆଇରେ କଥାବାର୍ତ୍ତା ହେବା ସମ୍ଭବପର । ଏହା ଏମିତି ଏକ ଲୋକପ୍ରିୟ ମଞ୍ଚ ଯେଉଁଠାରେ କେହି ବି କାଳ୍ପନିକ ଏବଂ ବାସ୍ତବିକ ଲୋକଙ୍କ ନାମରେ ଚାଟବଟ ତିଆରି କରିପାରିବେ । ସାଇକୋଲୋଜିଷ୍ଟ ଆପ ମଧ କ୍ୟାରେକ୍ଟର ଏଆଇ ପରି କାମ କରିଥାଏ । କ୍ୟାରେକ୍ଟର, ଏଆଇ ବି ଚାଟବଟ ଚାଟଜିପିଟି ପରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟେକନିକର ବ୍ୟବହାର କରିଥାଏ । କିନ୍ତୁ ଏବେ କ୍ୟାରେକ୍ଟର, ଏଆଇ ଚାଟବଟ ତୁଳନାରେ ସାଇକୋଲୋଜିଷ୍ଟ ନାମକ ଚାଟବଟ ଅଧିକ ଲୋକପ୍ରିୟ ହେଉଛି । ସାଇକୋଲୋଜିଷ୍ଟକୁ ବ୍ଲେଜମ୍ୟାନ ୯୮ ନାମକ ଜଣେ ୟୁଜର ବର୍ଷକ ପୂର୍ବେ ତିଆରି କରିଥିଲେ । ଏହି ଚାଟବଟରେ ଏଯାଏ ୭୮ ମିଲିୟନ ମେସେଜ ସେୟାର କରାଯାଇଛି । କ୍ୟାରେକ୍ଟର, ଏଆଇ ବା ବ୍ଲେଜମ୍ୟାନ୯୮ ଏହି ଚାଟବଟରେ କେତେ ଉପଭୋକ୍ତା ଅଛନ୍ତି ତାହା ପ୍ରକାଶ କରି ନାହିଁ । କିନ୍ତୁ ଏହା ଅନୁଯାୟୀ ପ୍ରତିଦିନ ୩.୫ ମିଲିୟନ ଲୋକ ଏହି ସାଇଟକୁ ଆସିଥାନ୍ତି । ଏହି ଚାଟବଟର ପରିଚୟ ଜୀବନରେ ଆସୁଥିବା ସମସ୍ୟା ସମାଧାନରେ ସାହାଯ୍ୟ କରୁଥିବା ବ୍ୟକ୍ତି ରୂପେ ହୋଇଥାଏ । ଏଥିରେ ସମୁଦାୟ ୪୭୫ ଚାଟବଟ ଅଛି । ଯାହାର ନାମ ଥେରାପି, ଥେରାପିଷ୍ଟ, ସାଇକାଟ୍ରିଷ୍ଟ ଏବଂ ସାଇକୋଲୋଜିଷ୍ଟ । ଏମାନେ ବିଭିନ୍ନ ଭାଷାରେ ମଧ କଥାବର୍ତ୍ତା ହୋଇପାରନ୍ତି । ଏଥିରେ ସବୁଠୁ ଅଧିକ ଲୋକପ୍ରିୟ ହେଉଛି ମାନସିକ ସ୍ୱାସ୍ଥ୍ୟ ସହାୟକ ପରି ଥେରାପିଷ୍ଟ । ଆର ୟୁ ଫିଲିଙ୍ଗ ଓକେ ପରି ଚାଟବଟରେ ମଧ ୧୬.୫ ମିଲିୟନ ମେସେଜ ପ୍ରତିଦିନ ସେୟାର କରାଯାଇଥାଏ । ଏହା ବ୍ୟତୀତ ଲିମ୍ବିକ ଆକ୍ସେସ ନାମକ ଏକ ଏଆଇ ସେବାକୁ ମଧ ଗତ ବର୍ଷ ବ୍ରିଟେନ ସରକାର ମେଡ଼ିକ୍ାଲ ଡିଭାଇସ ପ୍ରମାଣ ପତ୍ର ଦେଇଥିଲା । ଏହି ପ୍ରମାଣ ପତ୍ର ହାସଲ କରିଥିବା ପ୍ରଥମ ମାନସିକ ସ୍ୱାସ୍ଥ୍ୟ ଚାଟବଟ । କିନ୍ତୁ କିଛି ସ୍ୱାସ୍ଥ୍ୟ ମନୋବୈଜ୍ଞାନିକ ମତରେ ଏହିପରି ଏଆଇ ଥେରାପିଷ୍ଟ ଗୁଡ଼ିକ ରୋଗୀଙ୍କୁ ଖରାପ ପରାମର୍ଶ ଦେଇପାରେ । କିନ୍ତୁ ଚିକିତ୍ସା ଜଗତ ଏହି ଚାଟବଟ ଗୁଡ଼ିକୁ ଧୀରେ ଧୀରେ ଉପକରଣ ରୂପେ ସ୍ୱୀକାର କରିବା ଆରମ୍ଭ କରିଛନ୍ତି ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩



## ନିଶ୍ଚିନ୍ତକୋଇଲି ବଜାର ଭସାଣି ଉତ୍ସବ ସରିଲା : ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ

ନିଶ୍ଚିନ୍ତକୋଇଲି (ନି. ପ୍ର.) : ଶାରଦୀୟ ଉତ୍ସବ ଦୁର୍ଗାପୂଜା ସରିବା ପରେ ସୋମବାର ସନ୍ଧ୍ୟାରେ ନିଶ୍ଚିନ୍ତକୋଇଲି ବଜାରର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ଠାକୁର ମେଢ଼ମାନ ବଡ଼ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଥିଲା । ସୋମବାର ସନ୍ଧ୍ୟାରେ ପାଗ ଅନୁକୂଳ ଥିବାରୁ ବଜାର ଭସାଣି ଉତ୍ସବରେ ବହୁ ଲୋକଙ୍କ ସମାଗମ ହୋଇଥିଲା । ବଜାର ବ୍ୟବସାୟୀ ସଂଘ ସଭାପତି ପ୍ରମୋଦ ପଣ୍ଡା, ସମ୍ପାଦକ ଜୀବନାନନ୍ଦ ଦାଶ, ବରିଷ୍ଠ ବ୍ୟବସାୟୀ ଲକ୍ଷ୍ମଣ କୁମାର ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟମାନଙ୍କର ସହଯୋଗରେ ଭସାଣି ଉତ୍ସବ ସଫଳତାର ସହ ସମ୍ପନ୍ନ ହୋଇଛି । ଚଳିତବର୍ଷ ବଜାରର ଶାରଦୀୟ ଉତ୍ସବ ଖୁବ୍ ଜାକଜମକରେ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଅଞ୍ଚଳର ଯୁବବନ୍ଧୁ ମାନଙ୍କର ଉଦ୍ୟମରେ ଡ୍ରାମା ଏବଂ ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ମେଲୋଡ଼ି କାର୍ଯ୍ୟକ୍ରମ ଶାରଦୀୟ ଉତ୍ସବକୁ ଅଧିକ ରସାଣିତ କରିଥିଲା । ସୋମବାର ବଜାରର ଭସାଣି ଉତ୍ସବ ସରିଥିବା ବେଳେ କୁମାର ପୂର୍ଣ୍ଣିମା ଅବସରରେ ମା ଗଜଲକ୍ଷ୍ମୀଙ୍କର ପୂଜା ଖୁବ୍ ଆନନ୍ଦ ଉଲ୍ଲାସ ମଧ୍ୟରେ ଆରମ୍ଭ ହୋଇଛି । ଗ୍ରାମାଞ୍ଚଳରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଥିବାବେଳେ ନିଶ୍ଚିନ୍ତକୋଇଲିର ଅଧିଷ୍ଠାତ୍ରୀ ଦେବୀ ମା ବେଲେଶ୍ୱରୀଙ୍କର ପୀଠରେ ମା ଗଜଲକ୍ଷ୍ମୀଙ୍କର ପୂଜା ଅନୁଷ୍ଠିତ ହେଉଛି । ?ଶ୍ରୀ ଗଜଲକ୍ଷ୍ମୀଙ୍କର ପୂଜା ଅବସରରେ ବେଲେଶ୍ୱରୀ ପୀଠରେ ବହୁ ଶ୍ରଦ୍ଧାଳୁ ଭକ୍ତ ପହଞ୍ଚି ଦର୍ଶନ ଏବଂ ପୂଜାର୍ଚ୍ଚନାରେ ଅଂଶଗ୍ରହଣ କରିଥିଲେ । ସୂଚନାଯୋଗ୍ୟ ମା ବେଲେଶ୍ୱରୀଙ୍କ ପୀଠରେ ବହୁ ବର୍ଷ ଧରି ଶ୍ରୀ ଗଜଲକ୍ଷ୍ମୀଙ୍କର ପୂଜା ଯଥାରୀତି ସମ୍ପନ୍ନ ହୋଇ ଆସୁଅଛି ।

## କେନ୍ଦ୍ରାପଡା ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ଶୋକ

କେନ୍ଦ୍ରାପଡ଼ା,୭।୧୦:ନିଖିଳ ଓଡିଶା ରାଜ୍ୟ ବ୍ରାହ୍ମଣ ମହାସଭାର ପ୍ରତିଷ୍ଠାତା,ସ୍ୱନାମଧନ୍ୟ ଚିକିତ୍ସକ ତଥା କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଅସ୍ଥିଶଲ୍ୟ ବିଭାଗର ପ୍ରାକ୍ତନ ପ୍ରଫେସର ଡାକ୍ତର ବିଷ୍ଣୁଚରଣ ମିଶ୍ରଙ୍କ ବିୟୋଗରେ କେନ୍ଦ୍ରାପଡା ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି । ଏହି ଉପଲକ୍ଷେ ଏକ ଶୋକସଭା ତମାଳ ଶାସନସ୍ଥିତ ଶ୍ରୀଶ୍ରୀ ଦଧିବାମନଜୀଉ ମନ୍ଦିର ପରିସରରେ ଉପଦେଷ୍ଟା ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ କେନ୍ଦ୍ରାପଡା ଜିଲ୍ଲା ମହାସଭାର ସମ୍ପାଦକ ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର, କ୍ଷମାନିଧି ମିଶ୍ର, ମହେଶ୍ୱର ରଥ, ପ୍ରଦୀପ ମିଶ୍ର, ପ୍ରଣବ ମିଶ୍ର, ପ୍ରଦ୍ୟୁମ୍ନ ମିଶ୍ର, ଦୟାନିଧି ମିଶ୍ର, ରାମଚନ୍ଦ୍ର ରଥ, ନୀଳମଣୀ ସୁତାର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଆସନ୍ତା ୯ତାରିଖରେ ଏକ ସମ୍ମିଳନୀ କରାଯିବା ପାଇଁ ସ୍ଥିର କରାଯାଇଛି ।

# ଆମ ସଂସ୍କୃତିକୁ ରୁଦ୍ଧିମନ୍ତ କରିଛନ୍ତି ମହର୍ଷି ବାଲ୍ମିକୀ: ମନମୋହନ

ଭୁବନେଶ୍ୱର,୦୭।୧୦: ଆଜି ହେଉଛି ଆଦି କବି ମହର୍ଷି ବାଲ୍ମିକୀଙ୍କ ଜନ୍ମଜୟନ୍ତୀ । ମହର୍ଷୀ ବାଲ୍ମିକୀଙ୍କ ଦ୍ୱାରା ରଚନା କରାଯାଇଥିବା ମହାନ୍ ଗ୍ରନ୍ଥ ରାମାୟଣ କେବଳ ଏକ ବିଷୟ ନୁହେଁ, ଏହା ହେଉଛି ପରମ୍ପରା ଓ ସଂସ୍କୃତିର ଅଦ୍ୱିତୀୟ ସମନ୍ୱୟ । ଏହା ହେଉଛି ଆମ ସମସ୍ତ ଜୀବନଧାରାର ଅଂଶବିଶେଷ । ସମାଜରେ ଯେତେବେଳେ କୌଣସି ବିଷୟକୁ ନେଇ ନିରାଶ ଭାବେ ଆସେ ସେତେବେଳେ ଆମେ ରାମାୟଣର କଥା ମନେପକାଉ । ରାମାୟଣ ହେଉଛି ଆମ ସମସ୍ତଙ୍କ ପ୍ରେରଣାର ଉତ୍ସ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଆଦି କବି ମହର୍ଷି ବାଲ୍ମିକୀଙ୍କ ଜୟନ୍ତୀ ପାଳନ ଅବସରରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି ।



ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ସାମଲ କହିଛନ୍ତି ଯେ, ରାମ ରାଜ୍ୟ କିପରି ଆସିବ ସେବିଷୟରେ ମହର୍ଷି ବାଲ୍ମକୀ ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରିଥିଲେ । ତ୍ୟାଗ, ନିଷ୍ଠା, କଠିନ ପରିଶ୍ରମର ପରିସୀମା କେତେ, ସମାଜରେ ଯିଏ ସୁଧାର କରିବ ତାର କର୍ତ୍ତବ୍ୟ କ'ଣ ସେ ବିଷୟରେ ମହର୍ଷି ବାଲ୍ମିକୀ ରାମାୟଣ ମାଧ୍ୟମରେ ଉଲ୍ଲେଖ କରି ଆମ ସଂସ୍କୃତିକୁ ରୁଦ୍ଧିମନ୍ତ କରିଛନ୍ତି । ଆଜି ମନୁଷ୍ୟ ନିଜର ଆଶା ପୂରଣ କରି ନ ପାରିଲେ ଦୁଃଖୀ ହୋଇଯାଉଛି । ନକରାତ୍ମକ ଚିନ୍ତାଧାରା ପରିତ୍ୟାଗ କରି ସକରାତ୍ମକ ଚିନ୍ତା କଲେ ନିରାଶ ଭାବ ଦୂରହୋଇପାରିବ ବୋଲି ମହର୍ଷି ବାଲ୍ମିକୀ ଶିକ୍ଷା ଦେଇଛନ୍ତି । ସେ ସମାଜ ପାଇଁ ଯାହା ଦେଇଛନ୍ତି ତାହା ଯୁଗଯୁଗ ପାଇଁ ଲିପିବଦ୍ଧ ହୋଇରହିବ । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସଂଘର୍ଷ କରିପାରିଲେ ଅସମ୍ଭବ ବି ସମ୍ଭବ ହୋଇପାରିବ ବୋଲି ଶ୍ରୀ ସାମଲ କହିଛନ୍ତି ।ଅନ୍ୟମାନଙ୍କ ବିଷୟରେ ଏହି କାର୍ଯ୍ୟକ୍ରମରେ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ଛବି ମଲ୍ଲିକ, ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମଲ୍ଲିକ, ଅନୁସୂଚିତ ଜାତି ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ମଲ୍ଲିକ, ବରିଷ୍ଠ ନେତା ରଞ୍ଜନ ପଟେଲ ଓ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଧୁନିକ ପ୍ରଣାଳୀରେ ଜୈବିକଖତ ପ୍ରୟୋଗ କରି ଉନ୍ନତ ଚାଷ ପାଇଁ ତାଲିମ

କେନ୍ଦ୍ରାପଡ଼ା,୭।୧୦:କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୋଗୁଆ ଛକସ୍ଥିତ ସାହୁ ମଣ୍ଡପରେ ଯୁବ ଭାରତ କୃଷକ ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ କୃଷକ ସେବାକେନ୍ଦ୍ର ଓ ଆଧୁନିକ ପ୍ରଣାଳୀରେ ଜୈବିକଖତ ପ୍ରୟୋଗ କରି ଉନ୍ନତ ଚାଷ କରିବା ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ରାଜ୍ୟ ସଭାପତି ପ୍ରଭାକର ନାୟକ ମୁଖ୍ୟ ଅଥିତି ଭାବେ ଯୋଗଦେଇ ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ୯ ଗୋଟି ବ୍ଲକରେ କୃଷକ ସେବାକେନ୍ଦ୍ର ଖୋଲି କୃଷକମାନଙ୍କୁ ଦକ୍ଷତା ବିକାଶ ଓ ଆତ୍ମନିର୍ଭରଶୀଳତା ଉପରେ ତାଲିମ ପ୍ରଦାନ କରାଯିବାକୁ ଗୁରୁତ୍ୱାରୋପ କରିଥିଲେ । କୃଷକ ସେବାକେନ୍ଦ୍ର ମାଧ୍ୟମରେ ଧାନବିହନ, ମୁଗବିହନ, ମାଣ୍ଡିଆମଞ୍ଜି, ନଳିତାମଞ୍ଜି, ବିରି ବିହନ ପ୍ରଭୃତି ଯୋଗାଇ ଦେବା ଓ ଜୈବିକ ସାରକୁ କ୍ଷେତରେ ପ୍ରୟୋଗ କରି ଏକ ସୁନିୟନ୍ତ୍ରିତ ପଦ୍ଧତିରେ ଚାଷ କରିବା ପାଇଁ ଆଧୁନିକ ଯନ୍ତ୍ରପାତି ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଥିଲା । ଏହି ଶିବିରରେ ବହୁସଂଖ୍ୟକ କୃଷକ ଓ କୃଷିକାମାନେ ଯୋଗଦେଇଥିଲେ । ଏଥିରେ କେନ୍ଦ୍ରାପଡା ପ୍ରଭାରୀ ରଞ୍ଜନ କୁମାର ରାଉତ, ଉପଦେଷ୍ଟା ଇଂ ବନମାଳୀ ମିଶ୍ର, ଉପସଭାପତି ରମେଶ ସାହୁ, ଉପସଭାପତି ଶରତଚନ୍ଦ୍ର ପାତ୍ର, ପ୍ରଶାନ୍ତ କୁମାର ପାତ୍ର, ଶ୍ରାବଣୀ ଦାସ, ପ୍ରଭାତି ସାହୁ, ସୁମିତ୍ରା ରାଉତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ରାଜକନିକାର ଅଶ୍ୱିନୀ କୁମାର ଦାଶ, ଦୀନେଶ ନାଥ ଓ ବିଚିତ୍ର କୁମାର ସ୍ୱାଇଁ, ରାଜନଗରର ଚିତ୍ତରଞ୍ଜନ ବାରିକ, କେନ୍ଦ୍ରାପଡାର ପ୍ରଣବ କୁମାର ମିଶ୍ର, ପଟ୍ଟାମୁଣ୍ଡାଇର ବନମାଳୀ ବେହେରା ଏବଂ ଉଦୟପୁରର ହିମାଂଶୁ କୁଣ୍ଡ ପ୍ରମୁଖ ଆଧୁନିକ ପ୍ରଣାଳୀରେ ଚାଷ କରିବା ପାଇଁ ବିଭିନ୍ନ ମତାମତ ଦେଇଥିଲେ । ସଂଗଣକ ପରିଚାଳନାକାରୀ ଜ୍ୟୋତିରଞ୍ଜନ ଦେବ ଓ କୃତି କିଶୋର ଦେବ ସଂଗଣକ ପରିଚାଳନା କ୍ଷେତ୍ରରେ କୃଷି ଶିକ୍ଷାନବୀଶ ମାନଙ୍କୁ ସଂଗଣକ ମାଧ୍ୟମରେ ଦକ୍ଷତା ପାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଶେଷରେ ଉପସଭାପତି ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୯ରେ ପ୍ରତାରଣ ପ୍ରତିବାଦ ସମାବେଶ କରିବ ଯୁବ କଂଗ୍ରେସ

ଭୁବନେଶ୍ୱର,୭।୧୦(ନି.ପ୍ର.): ଭୋଟ ଚୋରି ଓ ଚାକିରି ବିକ୍ରି ପ୍ରତିବାଦରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରରେ ଚଳିତ ଅକ୍ଟୋବର ୯ ତାରିଖ ଦିନ ୧୦ ଘଣ୍ଟା ସମୟରେ "ପ୍ରତାରଣ ପ୍ରତିବାଦ ସମାବେଶ" କରାଯିବ ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ରଞ୍ଜିତ ପାତ୍ର ପ୍ରକାଶ କରିଛନ୍ତି । ଯୁବ କଂଗ୍ରେସ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକ ଠାରେ ଏହି ସଭାବେଶ କରାଯିବ ପରେ ଏକ ର୍ୟାଲି ମାଷ୍ଟର କ୍ୟାଂଟନ ଛକରୁ ଲୋୟର ପିଏଜି ଦେଇ ମୁଖ୍ୟ ନିର୍ବାଚନ ଅଧିକାର କାର୍ଯ୍ୟାଳୟ ଅଭିମୁଖେ ଯାତ୍ରା କରିବ । ଲୋୟର ପିଏମଜି ଠାରେ ମଧ ଚାକିରି ବିକ୍ରି ପ୍ରତିବାଦରେ ବିକ୍ଷୋଭ କରାଯିବ । ଏହି ସମଗ୍ର କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ସମ୍ମାନନୀୟ ଶ୍ରୀଯୁକ୍ତ ଉଦୟଭାନୁ ଚିବ୍ ଜୀ, ସମ୍ମାନନୀୟ ପିସିସି ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ଯୋଗ ଦେବେ ।

ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଛନ୍ତି ଯେ, ରାଜ୍ୟରେ ଏବଂ ଦେଶରେ ଲୋକଙ୍କ ଦ୍ୱାରା ନିର୍ବାଚିତ ସରକାର ଚାଲିନାହିଁ । ଦୁଇଟି କ୍ଷେତ୍ରରେ ଭୋଟ ଚୋରିରୁ ଗଠିତ ସରକାର ଚାଲିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଅମିତ ଶାହା ଓ ମୁଖ୍ୟ ନିର୍ବାଚନ କମିଶନଙ୍କ ମଧୁଚନ୍ଦ୍ରିକାରେ ଏହି ସରକାର ସମ୍ଭବ ହୋଇପାରିଛି । ଜନନାୟକ ତଥା ଲୋକସଭାର ବିରୋଧିଦଳର ନେତା ଶ୍ରୀଯୁକ୍ତ ରାହୁଲ ଗାନ୍ଧୀ ଜୀ ଏହି ଭୋଟ ଚୋରିର ପର୍ଦ୍ଦାଫାଶ କରିବା ପରେ ସାରା ଦେଶର ଭୋଟର ମାନେ ଅନୁଭବ କରିଛନ୍ତି ଯେ, ସେମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ ନିର୍ବାଚନ କମିଶନ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଛଡାଇ ନେଇଛନ୍ତି ।

ଓଡ଼ିଶାରେ ଭୋଟ ଚୋରି ମଧ ବ୍ୟାପକ ହୋଇଛି । ସଂନ୍ଧ୍ୟା ୫ ଟା ଠାରୁ ରାତି ୯ ଭିତରେ ୪୨ ଲକ୍ଷ ଭୋଟ



ଯୋଡି ହୋଇଯିବାରୁ ଓଡ଼ିଶାରେ ବିଜେପି ସରକାର ଗଠନ ହୋଇଛି । ସେହିଭଳି କର୍ଣ୍ଣାଟକର ମହାଦେବପୁରା ଠାରେ ଭୋଟ ଚୋରିର ଉଦାହରଣ ଦେଇ ରାହୁଲ ଜୀ ସାରା ଦେଶର ଭୋଟର ଭାଇ ଓ ଭଉଣୀମାନଙ୍କର ଆଖି ଖୋଲି ଦେଇଛନ୍ତି । ଗୋଟିଏ ଘରେ ଗୋଟିଏ ନମ୍ବରରେ ୫୦୦ ରୁ ଉର୍ଦ୍ଧ୍ୱ ଭୋଟର ଏବଂ ଏହା ପୁଣି ବିଭିନ୍ନ ଧର୍ମର ଲୋକଙ୍କୁ ନେଇ କିପରି ସମ୍ଭବ ହୋଇପାରୁଛି ? ସେହିଭଳି ବହୁ ଭୋଟରଙ୍କ ଘର ନମ୍ବର ଶୂନ୍ୟ ମଧ ରହିଛି । ସେହିଭଳି ଭୁଲ ଠିକଣା, ଫର୍ଜି ଭୋଟ, ଫର୍ଜି ଫଟୋ ଏବଂ ୬ ନମ୍ବର ଫର୍ମର ଦୁର୍ବ୍ୟବହାର କରାଯାଇ ମହାଦେବପୁରାରେ ବ୍ୟାପକ ଭୋଟ ଚୋରିର ପ୍ରମାଣ ରାହୁଲ ଗାନ୍ଧୀ ଦେଇଛନ୍ତି । ସେହଭଳି ମହାରାଷ୍ଟ୍ର ଏବଂ ଦେଶର ବିଭିନ୍ନ ରାଜ୍ୟରେ ଭୋଟଚୋରି ହୋଇଛି । ଓଡ଼ିଶାରେ ବ୍ୟାପକ ଭୋଟ ଚୋରି ହୋଇଥିଲେ ମଧ ବିଜେଡ଼ି ଦଳ ଠିକ୍ ଭାବରେ ମୁହଁ ଖୋଲୁନାହିଁ । ଅନ୍ୟପକ୍ଷରେ ବିଜେପି ସରକାର ସମସ୍ତ ସରକାରୀ ଚାକିରିକୁ ନିଲାମ କରିବାର ବ୍ୟବସ୍ଥା କରିଛନ୍ତି । ଏବେ ଯେଉଁ ପୁଲିସ୍ ଏସ୍.ଆଇ ଚାକିରି ବିକ୍ରି ଘଟଣା ଲୋକଲୋଚନକୁ ଆସିଛି, ତାହା ଓଡ଼ିଶାର ବେକାର ଯୁବକ ଯୁବତୀ ମାନଙ୍କୁ ହତାଶ କରିଛି । ଏ ରାଜ୍ୟର ମେଧାବୀ ଛାତ୍ରମାନଙ୍କୁ ବିଜେପି ସରକାର ପ୍ରତାରିତ କରୁଛି । ଅଭିଭାବକମାନେ ତାଙ୍କର ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ କରଜ କରି, ଜମି, ଜାଗା, ସୁନା ବନ୍ଧା ପକାଇ ଅର୍ଥ ଯୋଗାଡ କରୁଛନ୍ତି । ଛାତ୍ରଛାତ୍ରୀମାନେ ରାତି ଦିନ ପାଠ ପଢୁଛନ୍ତି । ହେଲେ ଫଳ କ'ଣ ହେବ ? ମୋହନ ସରକାର ପରୀକ୍ଷା ପୂର୍ବରୁ ସମସ୍ତ ସରକାରୀ ଚାକିରି ବିକ୍ରି କରିଦେବାରେ ବ୍ୟବସ୍ଥା କରିଛନ୍ତି । ଏ ରାଜ୍ୟରେ ୧୧ ଲକ୍ଷ ବେକାର ଯୁବକ ଯୁବତୀ ନାମ ପଞ୍ଜିକରଣ କରିଛନ୍ତି । ଚାକିରି ନ ପାଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । କିନ୍ତୁ ବେକାର ଯୁବକ ଯୁବତୀମାନଙ୍କ ପ୍ରତି ସମ୍ବେଦନଶୀଳ ରହିବା ପରିବର୍ତ୍ତେ, ମେଧାବୀଙ୍କୁ ଚାକିରୀ ଦେବା ପରିବର୍ତ୍ତେ ମୋହନ ସରକାର ଯେଉଁ ଚାକିରି ବିକ୍ରି ନୀତିକୁ ଆପଣେଇଛନ୍ତି ତାହା ବିରୁଦ୍ଧରେ ଯୁବ କଂଗ୍ରେସ ଲଗାତାର ଆନ୍ଦୋଳନ କରିବ ।

ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ଶ୍ରୀ ମନୋଜ ବିଶ୍ୱାଳ ଅଭିଯୋଗ କରିଛନ୍ତି ଯେ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବା ପରେ ଗତ ମାର୍ଚ୍ଚ ମାସରେ ପୁଲିସ ଏସ୍.ଆଇ. ପରୀକ୍ଷାର ପୂର୍ବଦିନ ବାତିଲ କରାଯାଇଥିଲା । ଯେଉଁ ବେସରକାରୀ ସଂସ୍ଥାକୁ ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ ପକ୍ଷରୁ ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଥିଲା । ସେହି ସଂସ୍ଥା ବିରୁଦ୍ଧରେ ସରକାର କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ । ସେତେବେଳେ ଆର.ଆଇ., ଅମିନ, ଏ.ଏସ୍.ଓ., ସବ ଜେଲର ଓ ଓଟିଇଟି ପରୀକ୍ଷାର୍ଥୀମାନେ ମଧ ଚାକିରି ବିକ୍ରି ଯୋଜନାର ସାଙ୍ଘାତିକ ଅଭିଯୋଗ କରିଛନ୍ତି । ଏହି ପରୀକ୍ଷା ମଧ ବାତିଲ ହୋଇଥିଲା । ଏବେ ପୁଲିସ୍ ଏସ୍.ଆଇ. ପଦବୀର ବଜାର ମୂଲ୍ୟ ୨୫ ଲକ୍ଷ ଟଙ୍କା କରାଯାଇ ଅଗ୍ରିମ ଭାବେ ୧୦ ଲକ୍ଷରୁ ୧୫ ଲକ୍ଷଟଙ୍କା ନିଆଯାଇଥିବାର ଅଭିଯୋଗ ହୋଇଛି । ପରୀକ୍ଷାର୍ଥୀମାନଙ୍କର ଅରିଜିନାଲ ସାର୍ଟିଫିକେଟ ମଧ ନିଆଯାଇଛି । ସମୁଦାୟ ୨୯ କୋଟି ଟଙ୍କା ଡିଲ୍ ହୋଇଥିଲା । ମାତ୍ରଯେହେତୁ ସମଗ୍ର ପରୀକ୍ଷାର୍ଥୀଙ୍କୁ ଚାକିରି ବିକିରି ପାଇଁ ଯୋଗାଯୋଗ କରିଥିବାର ଅଭିଯୋଗ ହୋଇଛି । ତେଣୁ ଏହାର ପରିମାଣ ଶତାଧିକ କୋଟି ଟଙ୍କା ହୋଇଥିବାର ଅଭିଯୋଗ ହୋଇଛି । ଏହି ଦୁର୍ନୀତିର ଚେର ତୃତୀୟ ମହଲା ପର୍ଯ୍ୟନ୍ତ ଲମ୍ବିଛି । ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ଏହାର ନିୟନ୍ତ୍ରଣ କକ୍ଷ ରହିଛି ବୋଲି ଅଭିଯୋଗ ହୋଇଛି । ଚାକିରି ବିକ୍ରିର ମୁଖ୍ୟ ଅପରାଧିମାନେ ବିଜେପି ଦଳର ଏବଂ ସରକାରଙ୍କର ଗେଲ୍ଲା ପୁଅ ବୋଲି ଜଣାପଡ଼ିଛି ।ଏଣୁ ଯୁବ କଂଗ୍ରେସ ଚାକିରି ବିକ୍ରିର ପର୍ଦ୍ଦାଫାସ ପାଇଁ ବିଚାରି ବିଭାଗୀୟ ତଦନ୍ତ ଦାବିକରୁଛି ।

## ଗୋପରେ ସରକାରୀ ନିୟମ ଉର୍ଦ୍ଧରେ ଅଧିକାରୀ ଓ ଅଧିକାରିଣୀ

ଗୋପ,୭।୧୦(ନି.ପ୍ର.): ପୁରୀ ଜିଲ୍ଲା ଅନ୍ତର୍ଗତ ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଗୋପ ବ୍ଲକରେ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ ସମୟ ଧରି ଗୋଟିଏ ସ୍ଥାନରେ ସ୍ଥାୟୀ ବାସିନ୍ଦା ଭଳି କାର୍ଯ୍ୟ କରୁଛନ୍ତି । ନୂତନ ସରକାରଙ୍କ ଅଧିନିୟମ ମୁତାବକ କୌଣସି ଅଧିକାରୀ ବା ଅଧିକାରିଣୀ ୩ ବର୍ଷ ରୁ ଅଧିକ ସମୟ ଗୋଟିଏ ସ୍ଥାନରେ ରହିପାରିବନାହିଁ । କିନ୍ତୁ ଦୁଖ ଓ ପରିତାପର ବିଷୟଟି ହେଉଛି ଗୋପ ବ୍ଲକରେ ଥିବା ସରକାରୀ କାର୍ଯ୍ୟାଳୟ କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛ ।ଏଠାରେ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ଗୋପର ସ୍ଥାୟୀ ବାସିନ୍ଦା ଭଳି ଜାଗା କିଣି ଘର ଦ୍ୱାର କରି ସମସ୍ତ ସୁବିଧା ସୁଯୋଗ ହାତେଇଛନ୍ତି । ଏଥିମଧ୍ୟରୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଏକାଧିକ ବ୍ୟକ୍ତି ୧୦ ବର୍ଷରୁ ଉର୍ଦ୍ଧ ହେବ ଗୋଟିଏ ସ୍ଥାନରେ ରହି କାର୍ଯ୍ୟ କରୁଛନ୍ତି ।

ଯଦି ସରକାରୀ ନିୟମ ରହିଛି ୩ ବର୍ଷରୁ ଉର୍ଦ୍ଧ କୌଣସି ଅଧିକାରୀ ବା ଅଧିକାରିଣୀ ଗୋଟିଏ ସ୍ଥାନରେ ରହିପାରିବେ ନାହିଁ । ତେବେ ଗୋପ ରେ କିପରି ଓ କାହା ସ୍ୱାର୍ଥରେ ଅଧିକାଂଶ ଅଧିକାରୀ ଓ ଅଧିକାରିଣୀ ୧୦ ବର୍ଷ ରୁ ଉର୍ଦ୍ଧ ସମୟ ଗୋପରେ କିପରି ଅଛନ୍ତି । ଠିକ ସେହିପରି ଆହୁରି ଅନେକ ବିଭାଗ ରେ ମଧ ଏକାଧିକ କର୍ମଚାରୀ ଗୋଟିଏ ସ୍ଥାନରେ ୧୦ ବର୍ଷରୁ ଅଧିକାର ହେବ ଗୋଟିଏ ସ୍ଥାନରେ ରହି ନିଜର ଆଧିପତ୍ୟ ବିସ୍ତାର କରିଲେଣି ।। ମୋଟାମୋଟି କହିବାକୁ ଗଲେ ଗୋପର ଅଧିକାଂଶ ବିଭାଗରେ ଅର୍ଥବ ଓ ଅଯୋଗ୍ୟ ଅଧିକାରୀ ଏବଂ ଅଧିକାରୀଣିଙ୍କ ଦ୍ୱାରା କାର୍ଯ୍ୟ ପରିଚାଳିତ ହେଉଛି ଯାହାଫଳରେ କି ଅନେକ ବ୍ୟତିକ୍ରମ ସହିତ କୌଣସି ଉର୍ନ୍ନତି ମୂଳକ କାର୍ଯ୍ୟ ସଠିକ ଭାବେ ହୋଇପାରୁନି କ୍ଷ ଆହୁରି ମଧ ଶୁଣିବାକୁ ମିଳୁଛି ରାଜ୍ୟର ଉପ ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀ ହୋଇଥିବାରୁ ତାଙ୍କ ବିନା ପରାମର୍ଶରେ କୌଣସି କାର୍ଯ୍ୟକ୍ରମ ହେବାର ନାହିଁ । ଯାହାଫଳରେ କିଛି ସରକାରୀ କର୍ମଚାରୀ ନିଜକୁ ଉପ ମୁଖ୍ୟମନ୍ତ୍ରୀଙ୍କ ପାଖ ଲୋକ ବା ଅନୁଗାମୀ କହିଁ କାହାରି କଥାକୁ ଖାତିରି କରୁନାହାନ୍ତି । ସିଏ ସ୍ଥାନୀୟ ଲୋକ ପ୍ରତିନିଧି ହୋଇଥାନ୍ତୁ କି ଗଣମାଧ୍ୟମର ପ୍ରତିନିଧି ହୋଇଥାନ୍ତୁ କି ଦଳୀୟ କର୍ମକର୍ତ୍ତା ହୋଇଥାନ୍ତୁ । ଯାହାଫଳରେ କି ସାଧାରଣ ଜନତା ଙ୍କ ସମସ୍ୟାର ସମାଧାନ କରିବା ପରିବର୍ତ୍ତ ? ମାସ ମାସ ଧରି ପଡିରହୁଛି ସମାଧାନର ନା ଧରୁନି ।

# ଗାଁ ଗାଁ ଯାଇ ଭୋଟ ଭିକ୍ଷା କରିବି : ଭକ୍ତ

ନୂଆପଡ଼ା / ଭୁବନେଶ୍ୱର :- ପିସିସି ସଭାପତି ଭକ୍ତ ଚ଼ରଣ ଦାସ ବହୁ ପ୍ରତିକ୍ଷୀତ ନ୍ୟାୟ ଯାତ୍ରା ଏବଂ ସମାବେଶ ଖରିଆରରୁ ନୂଆପଡା ଅଭିମୁଖେ ଆରମ୍ଭ କରିଛନ୍ତି । ଉତ୍କେଲା ବିମାନ ବନ୍ଦରରୁ ଖରିଆର ପହଞ୍ଚିବା ପରେ କଂଗ୍ରେସର ନେତୃବୃନ୍ଦ ଏବଂ ହଜାର ହଜାର କର୍ମକର୍ତ୍ତା ଶ୍ରୀ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଏକ ବିଶାଳ ବାଇକ୍ ରାଲିରେ ଖରିଆର ରୋଡ଼ର ନ୍ୟାୟ ସମାବେଶ ସଭା ସ୍ଥଳକୁ ନେଇଥିଲେ । ନୂଆପଡା ବିଧାୟକ ପ୍ରାର୍ଥୀ ତଥା ଜିଲ୍ଲା ସଭାପତି ସଭାପତି ଘାସିରାମ ମାଝୀ ଶ୍ରୀ ଦାସଙ୍କୁ ସ୍ୱାଗତ କରିଥିଲେ ।ଶ୍ରମିକଙ୍କ ପକ୍ଷରୁ ଆୟୋଜିତ ହୋଇଥିବା ନ୍ୟାୟ ସମାବେଶରେ ପିସିସି ସଭାପତି ଶ୍ରୀ ଦାସ ସଭାକୁ ଉଦବୋଧନ ଦେଇ କହିଲେ, କନ୍ୟାକୁମାରୀରୁ କାଶ୍ମୀର ରାହୁଳ ଗାନ୍ଧୀଙ୍କ ପଦଯାତ୍ରା କଂଗ୍ରେସ ପାଇଁ ସଂଜୀବନୀ ସଦୃଶ । କଂଗ୍ରେସର ପ୍ରତ୍ୟେକ କର୍ମକର୍ତ୍ତାଙ୍କ ପାଇଁ ଏହା ଏକ ପ୍ରେରଣା । ବିହାରରେ ରାହୁଳ ଗାନ୍ଧୀଙ୍କ ଯାତ୍ରାରେ ମୁଁ ଅଂଶଗ୍ରହଣ କରିଥିଲି ଏବଂ ଏହା ମତେ ଆଗକୁ ସଂଘର୍ଷ କରିବା ପାଇଁ ଅନେକ ଉତ୍ସାହିତ କରିଛି । ନୂଆପଡା ମାଟିର ପୁଅ ଉଦୀୟମାନ କଂଗ୍ରେସ ନେତା ଘାସିରାମ ମାଝିଙ୍କ ବଳିଷ୍ଠ ନେତୃତ୍ୱରେ ଆମେ ଶ୍ରମିକ, ବଞ୍ଚିତ, ଦଳିତ ଏବଂ ଆଦିବାସୀଙ୍କ ନ୍ୟାୟର ଲଢେଇ କରିବୁ । ଭାରତ ସରକାରଙ୍କ ଆଇନ ଅନୁଯାୟୀ ଆମେ ସମସ୍ତଙ୍କୁ ଜମି ପଟ୍ଟା ପ୍ରଦାନ କରିବୁ । ଅଧିକାରରୁ ବଞ୍ଚିତ ହେଉଥିବା ସମସ୍ତଙ୍କ ନ୍ୟାୟ ପାଇଁ ଲଢେଇ ହେଉଛି ରାହୁଳ ଗାନ୍ଧୀଙ୍କ ପ୍ରତିଜ୍ଞା ।ଭୋଟ ଚୋରୀ ଗତ ନିର୍ବାଚ଼ନରେ ହୋଇଥିଲା ଓଡିଶାରେ ମଧ୍ୟ ହୋଇଛି କାରଣ ବିଜେଡିର ୫୦ ରୁ ଉର୍ଦ୍ଧ ବିଧାୟକ ନିର୍ବାଚ଼ନ ଜିତିବା ସତ୍ୱେ କେମିତି ଗୋଟିଏ ମଧ ଏମପି ସିଟ ବିଜେଡି ଜିତିଲା ନାହିଁ । ଏଥିରୁ ଭୋଟ ଚୋରୀ ସ୍ୱଷ୍ଟ ପ୍ରମାଣିତ ହେଉଛି । ତେଣୁ ଲୋକଙ୍କୁ ଭୋଟ ଚୋରୀ ବିଷୟରେ ସଜାଗ କରିବା ପାଇଁ କଂଗ୍ରେସ ବିରାଟ ଦସ୍ତଖତ ଅଭିଯାନ ପଞ୍ଚାୟତରୁ ସହର ପର୍ଯ୍ୟନ୍ତ ଆରମ୍ଭ କରିଛି । ବିଜେଡି ଏବଂ ବିଜେପି ଭଳିଆ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଆମେ ନିର୍ବାଚ଼ନ ଲ ?ିବୁ ନାହିଁ । ଆମେ ଗାଁ ଗାଁ ଯାଇ ଭୋଟ ଭିକ୍ଷା କରିବୁ ଲୋକଙ୍କ ସହିତ ମିଶିବୁ । କଂଗ୍ରେସ ଜିଲ୍ଲା ସଭାପତି ଶ୍ରୀ ମାଝୀ ଜଣେ ଅତ୍ୟନ୍ତ ପରୋପକାରୀ ଏବଂ ସାମାଜିକ ନ୍ୟାୟ ପାଇଁ ସଂଘର୍ଷଶୀଳ ନେତା । ଆମେ ସମସ୍ତେ ମିଶି ଲଢେଇ କରି ଜନସାଧାରଣଙ୍କ ପ୍ରିୟ ଭାଜନ ହୋଇ କଂଗ୍ରେସକୁ ଜୟଯୁକ୍ତ କରିବୁ ବୋଲି ପିସିସି ସଭାପତି ତାଙ୍କ ବକ୍ତବ୍ୟ ରଖିଥିଲେ ।

## ହରଗୌରୀଙ୍କ ଛତର ଯାତ୍ରା ରେ ଜନସମୁଦ୍ର

ବଙ୍ଗୋମୁଣ୍ଡା,୦୭।୧୦- ମାଁ ଶକ୍ତି ସ୍ୱରୂପିଣୀ, କରୁଣାମୟୀ ।ସେ ମହାମାୟି,ଦୟାମୟୀ ।ମାଁ ସେ ଆଦ୍ୟାଶକ୍ତି । ଆକୁଳ ହୋଇ ମାଁ କୁ ଯିଏ ଡାକିଛି ତା ମନୋକାମନା ପୂରଣ ହୋଇଛି ।ଲୋକଙ୍କ ଆସ୍ଥା ଓ ବିଶ୍ୱାସ ମାଁ ଙ୍କ ପାଖକୁ ଟାଣିଆଣିଛି । ଦୂର ଦୁରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ।ବଲାଙ୍ଗିର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଜୁରାବନ୍ଧ ପଞ୍ଚାୟତ ର ମାଓ ପ୍ରବଣ ଅଞ୍ଚଳ ଭାବେ ବେଶ ଜଣାଶୁଣା ଥିବା ତାଳଚ଼କେଲ ଗାଁ ରେ ପ୍ରସିଦ୍ଧ ମାଁ ହରଗୌରୀ ଆଦ୍ୟାଶକ୍ତି ଙ୍କ ବାର୍ଷିକ ଯାତ୍ରା ଉପଲକ୍ଷେ ବିଶ୍ୱରୂପ ଦର୍ଶନ ଓ ହରଗୌରୀ ଙ୍କ ଛତର ଯାତ୍ରା ରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଙ୍କ ଭିଡ଼ ହୋଇଥିବା ଦେଖିବାକୁ ମିଳିଛି । ଅଞ୍ଚଳ ର ବିଭିନ୍ନ ଘୁମୁରା, ଦୋଳବାଦ୍ୟ ର ତାଳେ ତାଳେ ଦୁଲୁକି ଉଠିଥିଲା ଏହି ଅଞ୍ଚଳ । ଏହି ମନ୍ଦିର ର ପୂଜକ ମଙ୍ଗଳ ସିଂ ମାଝୀ ଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଯାତ୍ରା ରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଶ୍ରଦ୍ଧାଳୁ ଙ୍କ ସମାଗମ ହୋଇଥିଲା । ମାଁ ଙ୍କ ଠାରେ ଲୋକଙ୍କ ରହିଥିବା ଆସ୍ଥା ଓ ବିଶ୍ୱାସ ରଖି ଶ୍ରଦ୍ଧାଳୁ ମାନେ ଆସିଥାନ୍ତି । ଦୂର ଦୂରାନ୍ତରୁ ତିନିଦିନ ବ୍ୟାପୀ ଏହି ଯାତ୍ରାରେ ଶ୍ରଦ୍ଧାଳୁ ମାନେ ସାମିଲ ହୋଇଥିଲେ । ଆଦିବାସୀ ପରମ୍ପରା ର ରୀତିନୀତି ଅନୁସାରେ ଲିଙ୍ଗ ପୂଜାର୍ଚ୍ଚନା ରୁ ଆରମ୍ଭ ହୋଇଥିଲା ମାଁ ଙ୍କ ବାର୍ଷିକ ଯାତ୍ରା ।ଲିଙ୍ଗ ପୂଜା ହେବା ସହ ମାଁ ଙ୍କ ଠାରେ ବେଲପତ୍ର,ମନ୍ଦାର ଫୁଲ ଆଦି ଅର୍ପଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ମାଁ ଙ୍କ ଠାରେ ଭୋଗ ଲାଗି ଅର୍ପଣ କରାଯାଇଥିଲା । ଆଜି ମନ୍ଦିର ସମ୍ମୁଖରେ ମାଁ ଙ୍କ ବିଶ୍ୱରୂପ ଦର୍ଶନ ଓ ତାଳଚ଼କେଲ ଗାଁ ରୁ ମନ୍ଦିର ପର୍ଯ୍ୟନ୍ତ ହରଗୌରୀ ଙ୍କ ଛତର ଯାତ୍ରା ରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଙ୍କ ଭିଡ଼ ହୋଇଥିବା ଦେଖିବାକୁ ମିଳିଛି । ଏହି ଯାତ୍ରା ରେ ଶ୍ରଦ୍ଧାଳୁ ମାନେ ଆସି ମାଁ ଙ୍କୁ ଦର୍ଶନ କରି ଖୁସିରେ ଥିବା ଜଣାପଡିଛି । ଏହି ଯାତ୍ରା କୁ ଶ୍ରଦ୍ଧାଳୁ ମାନେ ଚ଼ାତକ ପକ୍ଷୀ ପରି ଅନାଇ ଥାନ୍ତି । ଏହି କାର୍ଯ୍ୟକ୍ରମ ରେ ମିନିକେତନ ବାଗ,କୁବେର ମାଝୀ, ଯୋଗଧାନ ପ୍ରଧାନ, ନାରାୟଣ ବାରିକ,ନିତ୍ୟା ଷଣ୍ଢ,ଗନ୍ଧର୍ବ ବାଗ,ବ୍ରଜ କିଶୋର ମାଝୀ, ଜୟଧର ମନହୀରା ଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ବିଶିଷ୍ଟ ବ୍ୟକ୍ତି ମାନେ ସାମିଲ ହୋଇଥିଲେ । ଏହି ଯାତ୍ରା ହେବା ଫଳରେ ଅଞ୍ଚଳ ର ତାଳଚ଼କେଲ ଗାଁ ଗୋଟିଏ ପ୍ରକାର ଜନ ସମୁଦ୍ର ପାଲଟିଥିବା ଦେଖିବାକୁ ମିଳିଛି । ଏଥିରେ ଅଞ୍ଚଳ ର ଜନ ପ୍ରତିନିଧି ମାନେ ସାମିଲ ହୋଇ ମାଆ ଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ । ପ୍ରତ୍ୟେହ ରାତ୍ରି ରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଇଥିଲା । ଦର୍ଶକ ମାନେ ଉପଭୋଗ କରିଥିଲେ । ଶାନ୍ତି ଶୃଙ୍ଖଳା ପାଇଁ ବଙ୍ଗୋମୁଣ୍ଡା ପୋଲିସ ମୁତୟନ ହୋଇଥିଲା ।



# ଆଧ୍ୟାତ୍ମିକ ପତ୍ରିକା 'ମୁକ୍ତି' ଉନ୍ମୋଚିତ

ଯାଜପୁର: ୦୭/୧୦ (): ବିରଜା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦ ଅନୁକୁଲ୍ୟରେ ୨୫ତମ ବାର୍ଷିକ ଉତ୍ସବ ସହ ପରିଷଦର ମୁଖପତ୍ର ମୁକ୍ତିର ସପ୍ତମବର୍ଷ ସପ୍ତମ ସଂଖ୍ୟା-୨୦୨୫ ମା'ବିରଜା ମନ୍ଦିର ପରିସରସ୍ଥ ଦୋଳମଣ୍ଡପରେ ପବିତ୍ର କୁମାର ପୂର୍ଣ୍ଣିମା'ରେ ଏକ ଭବ୍ୟ ପରିବେଶରେ ବିରଜାରତ୍ନ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରିଷଦର ମୁଖ୍ୟ ଉପଦେଷ୍ଟା ତଥା ବିରଜା ମନ୍ଦିର ମୁକ୍ତିମଣ୍ଡପ ସେବାୟତ ପରିଷଦର ସଭାପତି ପଣ୍ଡିତ ଦେବୀପ୍ରସାଦ ପାଣି, ଗବେଷଣା ପରିଷଦର ସଭାପତି ସାର୍ ନଟବର ଦାସ, ପ୍ରାକ୍ତନ ଯାଜପୁର ସାଂସଦ ଅଂଚଳ ଦାସ, ପ୍ରାଧ୍ୟାପକ ଅଜୟ କୁମାର ଓଝା, ଔପନ୍ୟାସିକ ଜଗନ୍ନାଥ ଧଳ, ଅବସର ପୋଲିସ ପ୍ରଶାସକ ଗଦାଧର ରାଉତ, ପ୍ରାଧ୍ୟାପକ ଦାମୋଦର ବେହେରା, ରବି ଶତପଥୀ, କବୟତ୍ରୀ ନିର୍ମଳାବାଳା ମିଶ୍ର, କବି ତ୍ରିଲୋଚନ ପତି, ବରିଷ୍ଠ ସାହିତ୍ୟିକ କାମେଶ୍ୱର ପଣ୍ଡା, ଅଧିକାରୀ ନବକିଶୋର ଦାସ, ଉଦୟଭାନୁର ସଂପାଦକ ସରୋଜ ମଲ୍ଲିକ, ଦୀନଚର୍ଯ୍ୟାର ସଂପାଦକ ତପନ ମହାରଣ୍ୟଶର୍ମା, ସାମ୍ବାଦିକ ହରିହର ସ୍ୱାଇଁ, ପଣ୍ଡିତ ସୁବାସ ଚନ୍ଦ୍ର ପାଣି, ହିମସାରମନାର ସଂପାଦକ ଦାମୋଦର ନାୟକ, ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ, ସମାଜସେବୀ ରାମକୃଷ୍ଣ ବେହୁରିଆ, ଶିକ୍ଷାବିତ ବିଜୟାନନ୍ଦ ନାୟକ, ନବକିଶୋର ପରିଡ଼ା, ସାମ୍ବାଦିକ ମନୀଷା ରାଉତରାୟ, ମଳୟ କୁମାର ପଣ୍ଡା, ମନ୍ଦିରର ସେବାୟତ ଜଗନ୍ନାଥ ପାଣି ସମେତ ବିରଜା ମନ୍ଦିର ପୂଜକ ମଣ୍ଡଳୀର ବହୁ ସଦସ୍ୟ ଉପସ୍ଥିତ ରହି ମା'ବିରଜା ମହିମା ସଂପର୍କରେ ଆଲୋକପାତ କରିଥିଲେ । ଗବେଷଣା ପରିଷଦର ସଂପାଦକ, ଶିକ୍ଷାବିତ ପ୍ରଶାନ୍ତ କୁମାର ରାଉତରାୟ, ବାର୍ଷିକ ବିବରଣୀ ପାଠ କରିବା ସହ ବାର୍ତ୍ତା ସଂପାଦକ ମୀନକେତନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ଇଂଜିନିୟର ପବିତ୍ର ରାଉତରାୟ ସଭା ପରିଚାଳନା କରିଥିଲେ ।





# ଉତ୍ସବ ଋତୁରେ ସାମସଙ୍ଗ ଏଆଇ ସହିତ ସର୍ବବୃହତ୍ ରିହାତି ପ୍ରଦାନ କରୁଅଛି

ଭୁବନେଶ୍ୱର,୭।୧୦ (ନି.ପ୍ର) : ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଏହି ଉତ୍ସବ ଋତୁରେ ଏହାର ଗ୍ରାହକ ମାନଙ୍କୁ ଶକ୍ତିଶାଳୀ କୃତ୍ରିମ ବୁଦ୍ଧିମତା (ଏଆଇ)ର ଅଭିଜ୍ଞତାକୁ ନେଇ ଆକର୍ଷଣୀୟ ମୂଲ୍ୟ ଏହି ସର୍ବବୃହତ୍ ସପିଙ୍ଗ ଇଭେଂଟ ଫାବ ଗ୍ରାବ ଫେଷ୍ଟରେ ପ୍ରଦାନ କରିବା ପାଇଁ ଆମନ୍ତ୍ରଣ କରୁଛି ଯାହା ଆଜିଠାରୁ ଆରମ୍ଭ ହେଉଛି।




ଏହି ଏକ୍ସକ୍ଲୁଜିଭ ଉତ୍ସବ ଜନିତ ରିହାତି ସହିତ ସାମସଙ୍ଗର ବିସ୍ତୃତ ଏଆଇ-କ୍ଷମତା ଯୁକ୍ତ ଟିଭି ସମୂହ, ରେଫ୍ରିଜିରେଟର, ୱାସିଙ୍ଗ ମେସିନ, ସ୍ମାର୍ଟଫୋନ, ମନିଟର, ସାଉଣ୍ଡ ଉପକରଣ ଏବଂ ଆହୁରି ଅନେକ କିଛି ପାଇଁ ଏହି ଫାବ ଗ୍ରାବ ଫେଷ୍ଟ ଏକ ବିକଳ୍ପ ସୁଯୋଗ ଅଟେ ଯାହାକି ସାମସଙ୍ଗର ବୁଦ୍ଧିମତା ସହିତ ଦୈନନ୍ଦିନ ଜୀବନର ପରିବର୍ତନ ଶୀଳତାକୁ ଗ୍ରାହକ ମାନଙ୍କ ନିକଟରେ ପହଂଚାଇବାର ଏକ ସୁବିଧା ଅଟେ। ଗୁରୁତ୍ୱପୂର୍ଣ୍ଣ ଭାବରେ, ଏହି ନୂତନ ମୂଲ୍ୟ ହ୍ରାସ ଜିଏସଟି ହ୍ରାସକୁ ଅନୁସରଣ କରି ବର୍ତମାନ ଏସି ସମୂହ, ଟିଭି ସମୂହ ଏବଂ ମନିଟର ଗୁଡ଼ିକରେ ଆସିଅଛି।

ଏହି ଉତ୍ସବ ଋତୁରେ, ସାମସଙ୍ଗ ଭବିଷ୍ୟତର ସ୍ମାର୍ଟ ଜୀବନଶୈଳୀକୁ ନେଇ ପ୍ରତ୍ୟେକ ଘର ସହିତ ଏହାର ଶକ୍ତିଶାଳୀ ଏଆଇ ପରିଚାଳିତ ନବୀନତମ ପୋର୍ଟଫୋଲିଓକୁ ପ୍ରଦାନ କରୁଅଛି। ସମସ୍ତଙ୍କୁ ଚ଼କିତ କରିବା ଭଳି ରହିଥିବା ଗାଲାକ୍ସି ଏଆଇ ସ୍ମାର୍ଟଫୋନରୁ ଆରମ୍ଭ କରି ଏହା ପ୍ରକୃତ ସମୟ ଅନୁବାଦ, ବୁଦ୍ଧିମତାର ଫଟୋ ଏଡ଼ିଟିଙ୍ଗ ଏବଂ ଉତ୍ପାଦକୀୟ ଉପକରଣ ଇତ୍ୟାଦିକୁ ଏଆଇ ସମକ୍ଷକାରୀ ଟିଭି ସହିତ ଯାହାକି ପ୍ରସଙ୍ଗ ଏବଂ ଉପକରଣ ଗୁଡ଼ିକୁ ଦକ୍ଷତାର ସହିତ ବ୍ୟବହାରକାରୀ ମାନଙ୍କ ପାଖରେ ଧାରାବାହିକ ଭାବରେ ବୃଦ୍ଧି କରିବା ସହିତ ଉଭୟ ଗ୍ରହଣକାରୀତା ଏବଂ ପ୍ରଭାବଶାଳୀତାକୁ ନେଇ ସାମସଙ୍ଗ ବାସ୍ତବରେ ଏକ କୃତ୍ରିମ ଦକ୍ଷକାରୀତାକୁ ପ୍ରସ୍ତୁତ କରିପାରିଛି। ଏହା ଆପଣଙ୍କର ଫୋନ ହେଉ କିମ୍ବା ଟିଭି, ରେଫ୍ରିଜିରେଟର କିମ୍ବା ୱାସିଙ୍ଗ ମେସିନ ହେଉ ଏହା ପ୍ରତ୍ୟେକ ଉପକରଣ ଗୁଡ଼ିକୁ ଅତି ସଠିକ୍ ଭାବରେ ପ୍ରସ୍ତୁତ କରି ଦୈନନ୍ଦିନ କାର୍ଯ୍ୟ ଧାରାକୁ ଗ୍ରହଣୀୟ ଯୋଗ୍ୟ କରିବା ସହିତ ଏହାକୁ ବ୍ୟକ୍ତିଗତ ଏବଂ ସଂଯୋଗୀ କରଣ କରିବାରେ ସକ୍ଷମ ହୋଇପାରିଛି। ପର୍ବାଣୀ ଋତୁର ଅତି ଦୃଢ଼ ରିହାତି, କ୍ୟାସବ୍ୟାକ ଅଫର ଏବଂ ଅପଗ୍ରେଡ଼ କାର୍ଯ୍ୟକ୍ରମକୁ ନେଇ ଏହି ଫାବ ଗ୍ରାବ ଫେଷ୍ଟରେ ବର୍ତମାନ ପ୍ରକୃତ ସମୟୋପଯୋଗୀ ସାମସଙ୍ଗର ପରବର୍ତି ପୀଢ଼ି ଏଆଇ ଜ୍ଞାନକୌଶଳ ପ୍ରତ୍ୟେକ ଘର ପାଇଁ ଏହା ପ୍ରଦାନ କରୁଛି।

ଗ୍ରାହକ ମାନେ ସାମସଙ୍ଗର ଅଧୁନତମ ବ୍ୟବସ୍ଥିତ ଗାଲାକ୍ସି ସ୍ମାର୍ଟଫୋନ ଏବଂ ଲାପଟପ ସହିତ ଭବିଷ୍ୟତର ଅପଗ୍ରେଡ଼କୁ ନେଇ ବର୍ତମାନ ବିରଳ ଉତ୍ସବ ମୂଲ୍ୟ ଉପଲବ୍ଧ କରିପାରିବେ। ସେମାନେ ପ୍ରିମିୟମ ଗାଲାକ୍ସି ସ୍ମାର୍ଟଫୋନ ଯେପରିକି ଗାଲାକ୍ସି ଜେଡ଼ ଫୋଲ୍ଡ୭, ଗାଲାକ୍ସି ଜେଡ଼ ଫ୍ଲିପ୍୭, ଗାଲାକ୍ସି ଏସ୨୫ ଅଲଟ୍ରା ଏବଂ ଗାଲାକ୍ସି ଏସ୨୪ ଏଫଇ ଏବଂ ଗାଲାକ୍ସି ଏ୫୬ ତଥା ଅନ୍ୟାନ୍ୟ ମଡ଼େଲ ଉପରେ ୫୩% ହ୍ରାସ ପାଇପାରିବେ। ଅତିରିକ୍ତ ଭାବରେ ସେମାନେ ୧୨,୦୦୦ ଟଙ୍କାର ତତ୍କାଳ ବ୍ୟାଙ୍କ ରିହାତିର ମଜ୍ଜା ନେଇପାରିବେ ଯାହାକି ଏଭଳି ଏକ ଉତ୍କୃଷ୍ଟ ସମୟ ପାଇଁ ସେମାନଙ୍କୁ ଅଭିଜ୍ଞତା ସହିତ ଉନ୍ନତ ଜ୍ଞାନକୌଶଳର ବିଶେଷତ୍ୱ ପ୍ରଦାନ କରିବ ଯାହା ମଧ୍ୟରେ ଗାଲାକ୍ସି ଏଆଇ ଏବଂ ଚ଼କିତ କଳାଭଳି ଫୋଲଡ଼େବୁଲ ପ୍ରଦର୍ଶନକାରୀତା ରହିଛି। ଉତ୍ପାଦନ ଗୁଡ଼ିକ ଆହୁରି ଆଗକୁ ଯାଇ ଗାଲାକ୍ସି ବୁକ୍୫ ପ୍ରୋ ୩୬୦, ବୁକ୍୫ ଏବଂ ବୁକ୍୪ ଶୃଙ୍ଖଳ ଉପରେ ୫୯% ପର୍ଯ୍ୟନ୍ତ ହ୍ରାସ ଉପଲବ୍ଧ ହେବା ସହିତ ୧୭,୪୯୦ ଟଙ୍କାର ତତ୍କାଳ ବ୍ୟାଙ୍କ ରିହାତିର ମଜ୍ଜା ନେଇ ପାରିବେ। ପତଳା ଡ଼ିଜାଇନ ସହିତ, ନିମଜ୍ଜିତକାରୀ ଡ଼ିସପ୍ଲେ ଏବଂ ଶକ୍ତିଶାଳୀ ଦକ୍ଷତାକୁ ନେଇ ଏଆଇ-ସମନ୍ୱିତ ଲାପଟପ କାର୍ଯ୍ୟ, ସୃଜନଶୀଳତା ତଥା ଏହା ମଧ୍ୟରେ ରହିଥିବା ଅନେକ ଗୁଡ଼ିଏ ଜିନିଷ ପାଇଁ ଏହା ଯଥାର୍ଥରେ ଆଦର୍ଶ ଅଟେ।

# ଅବଧୂତ ସାଥେ ଟ୍ରେଡ଼ିଂ ଏକାଡେମୀର ଟ୍ରେଡିଙ୍ଗ ଶିକ୍ଷା

ଭୁବନେଶ୍ୱର,୭।୧୦ (ନି.ପ୍ର) : ଅବଧୂତ ସାଥେ ଟ୍ରେଡ଼ିଂ ଏକାଡେମୀ ପକ୍ଷରୁ ଟ୍ରେଡ଼ିଂ ଶିକ୍ଷାର ଶୁଭାରମ୍ଭ କରାଯାଇଛି । ଅବଧୂତ ସାଥେ ଟ୍ରେଡ଼ିଂ ଏକାଡେମୀ ଏକ ଶିକ୍ଷାନୁଷ୍ଠାନ ଭାବେ କାର୍ଯ୍ୟ କରୁଛି ଏବଂ ଏହା ଏକ ପରାମର୍ଶ ସେବା ପ୍ରଦାନକାରୀ ସଂସ୍ଥା କିମ୍ବା ଏକ ଫିନଇନଫ୍ଲୁଏନ୍ସର ନୁହେଁ। ଉକ୍ତ ଅନୁଷ୍ଠାନ ଗୁରୁକୂଳ ଶିକ୍ଷା ପ୍ରଣାଳୀ ଅନୁସରଣ କରି ମୂଲ୍ୟବୋଧ ଓ ସଂସ୍କାର ଆଧାରିତ ତାଲିମ ଦେଇଥାଏ, ଯାହା ଅଂଶଗ୍ରହଣକାରୀମାନଙ୍କୁ ପୁଞ୍ଜି ବଜାରକୁ ପରଖିବା ପାଇଁ ଦକ୍ଷତା, ମାନସିକତା ଓ ଶୃଙ୍ଖଳା ସହିତ ସାହାଯ୍ୟ କରେ। ଏହାର ଲକ୍ଷ୍ୟ ହେଉଛି ଏକ ସହଯୋଗୀ ଓ ସହାୟକ ଇକୋସିଷ୍ଟମ ଗଠନ କରିବା, ଯେଉଁଥିରେ ତାଲିମଗୁଡ଼ିକ କେବଳ ବଜାର ଜ୍ଞାନ ଦେବା ନୁହେଁ, ବରଂ ବଜାର ଗତିବିଧିକୁ ମୁକାବିଲା କରିବା ପାଇଁ ଭାବପ୍ରବଣ ସମର୍ଥନ ମଧ୍ୟ ପ୍ରଦାନ କରିଥାଏ। ଅବଧୂତ ସାଥେ ଟ୍ରେଡ଼ିଂ ଏକାଡେମୀ କୌଣସି ବଜାର ବିଶ୍ଳେଷଣ ରିପୋର୍ଟ, ଷ୍ଟକ୍ ସୁପାରିଶ, ଟ୍ରେଡ଼ିଂ ଟିପ୍ସ, ଷ୍ଟକ୍ କଲ୍ କିମ୍ବା ନିଶ୍ଚିତ ରିଟର୍ଣ୍ଣ ପ୍ରତିଶ୍ରୁତି ପ୍ରକାଶ କିମ୍ବା ପ୍ରସାରିତ କରୁନାହିଁ। ଏହା ବ୍ୟକ୍ତିଗତ ନିବେଶ ପରାମର୍ଶ ମଧ୍ୟ ଦେଉନାହିଁ।

ଅବଧୂତ ସାଥେ ଟ୍ରେଡ଼ିଂ ଏକାଡେମୀ (ଏଏସଟିଏ) ରେ, ସର୍ବଦା ସଂରଚିତ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱତନ୍ତ୍ର ଶେୟାର ବଜାର ବ୍ୟବସାୟୀ ଓ ନିବେଶକଙ୍କୁ ବିକାଶ କରାଇବା ଉପରେ ରହିଛି। ଆମର ପ୍ରଶିକ୍ଷଣ ଅଧିବେଶନଗୁଡ଼ିକ ବିଶ୍ଳେଷଣାତ୍ମକ, କାର୍ଯ୍ୟାନ୍ୱୟନ ଏବଂ ନିଷ୍ପତି ନେବା ଦକ୍ଷତା ନିର୍ମାଣ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ସୁନିଶ୍ଚିତ କରେ ଯେ ଆମର ଛାତ୍ରଛାତ୍ରୀମାନେ ଜ୍ଞାନ, ଶୃଙ୍ଖଳା ଏବଂ ଆତ୍ମବିଶ୍ୱାସ ସହିତ ବାଣିଜ୍ୟ କରିବାକୁ ସଜ୍ଜିତ।

ଅବଧୂତ ସାଥେ ଟ୍ରେଡ଼ିଂ ଏକାଡ଼େମୀ ଭାରତର ପୁଞ୍ଜି ବଜାର ଗଠନରେ ସେବିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ଏହାର ସକ୍ରିୟ ଏବଂ ସ୍ୱଚ୍ଛ ନିୟମ ପାଇଁ କୃତଜ୍ଞ । ଭାରତ ଆଜି ବିଶ୍ୱ ସ୍ତରରେ ଚତୁର୍ଥ ବୃହତ ଇକ୍ୱିଟି ବଜାର ଭାବରେ ଠିଆ ହୋଇଛି। ଅଗଷ୍ଟ ୨୦୨୫ ସୁଦ୍ଧା ଡିମାଟ୍ ଆକାଉଂଟ ସଂଖ୍ୟା ମଧ୍ୟ ୨୦ କୋଟି ଅତିକ୍ରମ କରିଛି, ଯାହା ଦୃଢ଼ ନିବେଶକ ଅଂଶଗ୍ରହଣ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକୁ ପ୍ରତିଫଳିତ କରେ।

# ସାମ୍ପ୍ରେ ନ୍ୟୁଟ୍ରିସନ୍ସ ୩୫୫ କୋଟି ଟଙ୍କାର ବିଦେଶୀ ମୁଦ୍ରା ବିନିମୟଯୋଗ୍ୟ ବଣ୍ଡକୁ ଅନୁମୋଦନ କଲା

ମୁମ୍ବାଇ,୭।୧୦: ଏକ ଅଗ୍ରଣୀ କନ୍‌ଫେକ୍ସନାରୀ ନିର୍ମାତା ସାମ୍ପ୍ରେ ନ୍ୟୁଟ୍ରିସନ୍ସର ବୋର୍ଡ ଅଫ ଡାଇରେକ୍ଟର୍ସ ୨୦୨୫ ଅକ୍ଟୋବର ୩ ତାରିଖରେ ୪ କୋଟି ଆମେରିକୀୟ ଡଲାର- ଅର୍ଥାତ୍ ୩୫୫.୦୬ କୋଟି ଟଙ୍କା ସହିତ ସମାନ ମୂଲ୍ୟର ବିଦେଶୀ ମୁଦ୍ରା ବିନିମୟଯୋଗ୍ୟ ବଣ୍ଡ ଇସ୍ୟୁ ସମ୍ପର୍କରେ ବିଚାର କରିବା ସହିତ ତାହାକୁ ଅନୁମୋଦନ କରିଛି। କମ୍ପାନୀ ସବ୍‌ସ୍କ୍ରିପସନ୍ ମୁତାବକ ଏଫ୍‌ସିସିବି ପରିମାଣର ସବ୍‌ସ୍କ୍ରିପ୍‌ସନ ଦିଗରେ ପ୍ରତ୍ୟେକ ୧ ଲକ୍ଷ ଆମେରିକୀୟ ଡଲାରର ୪୦୦ ଏଫ୍‌ସିସିବି ଇସ୍ୟୁ କରିବ। ଏଫ୍‌ସିସିବି ପାଣ୍ଠିକୁ ଇଜିପ୍ଟ ଏବଂ ଲାଇବେରିଆ (ମନୋରୋଭିଆ)ରେ ଚିହ୍ନଟ କରାଯାଇଥିବା ବର୍ଦ୍ଧିଷ୍ଣୁ ବଜାରଗୁଡ଼ିକ ସହିତ କମ୍ପାନୀର ବୈଶ୍ୱିକ ଉପସ୍ଥିତି ପରିବ୍ୟାପ୍ତ କରିବା ଉଦ୍ଦେଶ୍ୟରେ ବିନିଯୋଗ କରାଯିବ। ଏହି ଲକ୍ଷ୍ୟଭିତ୍ତିକ ସମ୍ପ୍ରସାରଣକୁ ଉଚ୍ଚ-ଅଭିବୃଦ୍ଧିଶୀଳ ଅଞ୍ଚଳଗୁଡିକରେ କମ୍ପାନୀର ଉପସ୍ଥିତି ମଜଭୁତ କରିବା, ରାଜସ୍ୱ ଆୟ ଉତ୍ସଗୁଡିକର ବିବିଧକରଣ ଏବଂ ଆନ୍ତର୍ଜାତିକ ଏଫ୍‌ଏମ୍‌ସିଜି କ୍ଷେତ୍ରରେ ନୂତନ ସୁଯୋଗଗୁଡ଼ିକ ହାତେଇବା ନିମନ୍ତେ ଡିଜାଇନ କରାଯାଇଛି।

ଇସ୍ୟୁ ଲିଷ୍ଟିଂ ଏବଂ ଅଣ୍ଡରରାଇଟିଂ ଉଦ୍ଦେଶ୍ୟରେ ନିଯୁକ୍ତ ଏକ ପୁଞ୍ଜିନିବେଶ ପରିଚାଳନା କମ୍ପାନୀ ଲିଡ୍ ଆରେଞ୍ଜର- ଏରିସ୍ କ୍ୟାପିଟାଲ ଲିମିଟେଡ ସହିତ ରାଜିନାମା କରିଛି। ଏହି ଇସ୍ୟୁ କମ୍ପାନୀସମୂହ ଆଇନ, ୨୦୧୩ର ସର୍ତ୍ତାବଳୀ ଏବଂ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ଇସ୍ୟୁ ଅଫ୍ କ୍ୟାପିଟାଲ ଆଣ୍ଡ ଡିସ୍‌କ୍ଲୋଜର ରିକ୍ୱାୟାରମେଣ୍ଟ) ନିୟମାବଳୀ, ୨୦୧୮ ଅନୁଯାୟୀ




କରାଯାଉଛି। ଏଫ୍‌ସିସିବି ଷ୍ଟକ ଏକ୍ସଚେଞ୍ଜ ଆଫ୍ରିନେକ୍ସ ଏକ୍ସଚେଞ୍ଜ୍‌ଜ ମରିସସ୍‌ରେ ୨୦୨୫ ଅକ୍ଟୋବର ୧୦ ତାରିଖରୁ ୨୦୨୫ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ।

ସେପ୍ଟେମ୍ବର ୧୯ ତାରିଖରେ ଅନୁଷ୍ଠିତ ବୋର୍ଡ ବୈଠକରେ ବୋନସ୍ ଇସ୍ୟୁ ଏବଂ ଷ୍ଟକ ବିଭାଜନକୁ ମଞ୍ଜୁର କରାଯାଇଛି। କମ୍ପାନୀ ବୋର୍ଡ ବିଭାଜନ / ଉପ-ବିଭାଜନକୁ ଅନୁମୋଦନ କରିଛି, ୧୦ ଟଙ୍କା ଫେସ୍ ଭାଲ୍ୟୁ ବିଶିଷ୍ଟ ଗୋଟିଏ ଇକ୍ୱିଟି ସେୟାରକୁ ପ୍ରତ୍ୟେକ ୫ ଟଙ୍କା ଫେସ୍ ଭାଲ୍ୟୁ ବିଶିଷ୍ଟ ଦୁଇଟି ଇକ୍ୱିଟି ସେୟାରରେ ବିଭକ୍ତ କରାଯିବ। ବୋର୍ଡ ୧:୧- ପ୍ରତ୍ୟେକ ୫ ଟଙ୍କା ଫୁଲି ପେଡ୍ ଅପ୍ ଇକ୍ୱିଟି ସେୟାର ନିମନ୍ତେ ପ୍ରତ୍ୟେକ ୫ ଟଙ୍କା ଫେସ୍ ଭାଲ୍ୟୁ ବିଶିଷ୍ଟ ଗୋଟିଏ ବୋନସ୍ ସେୟାର ବୋନସ୍ ଆକାରରେ ପ୍ରଦାନ କରିବାକୁ ଅନୁମୋଦନ କରିଛି।

ବୋନସ୍ ଇସ୍ୟୁ ନିମନ୍ତେ କମ୍ପାନୀ ଅବଶିଷ୍ଟ ୨୧.୫୫ କୋଟି ଟଙ୍କା ଆବଶ୍ୟକ କରିବ। ବୋନସ୍ ଇକ୍ୱିଟି ସେୟାରଗୁଡିକ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ବର୍ଷ ନିମନ୍ତେ ଅଡିଟ କରାଯାଇଥିବା ଆର୍ଥିକ ତଥ୍ୟ ଅନୁଯାୟୀ ପ୍ରତିଭୂତି ପ୍ରିମିୟମ୍‌ରୁ ବୋନସ୍ ଇକ୍ୱିଟି ସେୟାରଗୁଡିକ ଇସ୍ୟୁ କରାଯିବ। କମ୍ପାନୀର ୨୦୨୫ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ପ୍ରତିଭୂତି ପ୍ରିମିୟମ ଆକାଉଣ୍ଟରେ ୫୯.୮୬ କୋଟି ଟଙ୍କାର ମୁକ୍ତ ରିଜର୍ଭ ବଳକା ରହିଛି। ବୋନସ୍ ସେୟାରଗୁଡିକ ୨୦୨୫ ଡିସେମ୍ବର ୧୯ ତାରିଖ ଦିନ ଅଥବା ତାହା ପୂର୍ବରୁ ଜମା କରାଯିବ। ନିକଟରେ ବୋର୍ଡ ମଧ୍ୟ ଇକ୍ୱିଟି ସେୟାର ମଧ୍ୟକୁ ୫୫୦,୦୦୦ ୱାରାଣ୍ଟ ରୂପାନ୍ତରଣକୁ ଅନୁମୋଦନ କରିଛି। ରୂପାନ୍ତରିତ ମୋଟ ୱାରାଣ୍ଟ ମଧ୍ୟରୁ ୫୦୦,୦୦୦ ପ୍ରମୋଟର ଗ୍ରୁପ୍‌ର ଜଣେ ସଦସ୍ୟ ଶ୍ରୀ ବ୍ରହ୍ମା ଗୁରବାନିଙ୍କୁ ଏବଂ ୫୦,୦୦୦ ଶ୍ରୀ ବିଶାଲ ରତନ ଗୁରବାନିଙ୍କୁ ଆବଣ୍ଟନ କରାଯାଇଥିଲା। ପ୍ରତି ୱାରାଣ୍ଟ ପିଛା ୪୫.୩୭୫ ଟଙ୍କା ଅବଶିଷ୍ଟ ଏକ୍ସରସାଇଜ୍ ମୂଲ୍ୟ ହାସଲ କରାଯିବା ପରେ ରୂପାନ୍ତରଣ ନଗଦ ଅର୍ଥ ଆକାରରେ ଲାଗୁ କରାଯାଇଛି, ଯାହା ପ୍ରତି ୱାରାଣ୍ଟ ପିଛା ପୂର୍ଣ୍ଣ ଏକ୍ସରସାଇଜ୍ ମୂଲ୍ୟର ୭୫% ସହିତ ସମାନ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜୟପୁର ପାଇଁ ଟିପିଏସ୍‌ଓଡିଏଲ୍ ତରଫରୁ ଭରସାଯୋଗ୍ୟ ବିଦ୍ୟୁତ ସେବା

ବ୍ରହ୍ମପୁର,୭।୧୦ (ନି.ପ୍ର) : ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ଜୟପୁରଠାରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିଛି। ନୂତନ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧.୨୫ଏମଭିଏର ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ ହୋଇଛି। ଯାହା ଗତବର୍ଷ ସ୍ଥାପନ ହୋଇଥିବା ୧୨୫୦କେଭିଏ ବିଦ୍ୟୁତ ଟ୍ରାନ୍ସଫର୍ମର ସହିତ ଚିକିତ୍ସାଳୟରେ ଭରସାଯୋଗ୍ୟ ବିଦ୍ୟୁତ ସେବାକୁ ଦ୍ୱିଗୁଣିତ କରିଛି। ଟିପିଏସ୍‌ଓଡିଏଲ୍ ତରଫରୁ ବିଦ୍ୟୁତ ସେବା କ୍ଷେତ୍ରରେ ହୋଇଥିବା ଏହି ଉନ୍ନତିକରଣ ଯୋଗୁଁ ହସ୍ପିଟାଲର ଆବଶ୍ୟକୀୟ ବିଦ୍ୟୁତ ଚାହିଦା ପୂରଣ ହୋଇ ପାରିଛି। ଅଧିକ ରୋଗୀଙ୍କ ଆଗମନ ଓ ନୂତନ ଚିକିତ୍ସା ସେବା ସହିତ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଚିକିତ୍ସାଳୟ ପାଇଁ ଅତ୍ୟନ୍ତ ଜରୁରୀ। ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋରାପୁଟ ଓ ନିକଟବର୍ତ୍ତୀ ଗ୍ରାମାଞ୍ଚଳ ତଥା ପାହାଡ଼ିଆ ଅଞ୍ଚଳର ବହୁ ଜନସାଧାରଣଙ୍କୁ ସେବା ଯୋଗାଇଥାଏ।



ନୂତନ ଭାବେ ସ୍ଥାପନ ହୋଇଥିବା ବିଦ୍ୟୁତ ସେବା ବ୍ୟବସ୍ଥାରେ ଟ୍ରାନ୍ସଫର୍ମର ସହିତ ଏହାର ନିୟନ୍ତ୍ରଣ ଓ ମନିଟରିଂ ପାଇଁ ବ୍ୟବସ୍ଥା ରହିଛି। ଯାହା ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ସମୟରେ ଯେଭଳି ବିଦ୍ୟୁତ ସେବା ବିଚ୍ଛିନ୍ନ ନ ହେବ ତଥା ଟ୍ରିପ୍ ନ ହେବ ସୁନିଶ୍ଚିତ ହୋଇଛି। ଏହି ଅତିରିକ୍ତ କ୍ଷମତା ଯୋଗୁଁ ଚିକିତ୍ସାଳୟରେ ଭୋଲଟ୍ଟେଜରେ ମଧ୍ୟ ସ୍ଥିରତା ଅଣାଯାଇ ପାରିଛି। ଏଥିସହିତ ବିଦ୍ୟୁତ ସେବା ଯେପରି ବିଚ୍ଛିନ୍ନ ନ ହେବ ସେଥିପ୍ରତି ଧ୍ୟାନ ଦିଆ ଯାଇଛି।

କମ୍ପାନୀ ତରଫରୁ ନିଆଯାଇଥିବା ଏହି ପଦକ୍ଷେପ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି : "ଜୟପୁରଠାରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ଆମର ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକ ପ୍ରତି ଥିବା ସମର୍ଥନ ତଥା ପ୍ରତିବଦ୍ଧତାକୁ ଦର୍ଶାଇଥାଏ। ରୋଗୀଙ୍କ ଚିକିତ୍ସାରେ ଯେପରି କୌଣସି ବାଧା ନ ଆସିବ ଏବଂ ସୁରକ୍ଷିତ ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଉପରେ ଧ୍ୟାନ ଦେଇଛି ଟିପିଏସ୍‌ଓଡିଏଲ୍।

ଏହି ଉଦଘାଟନ କାର୍ଯ୍ୟକ୍ରମରେ ଶ୍ରୀ ଦ୍ୟାନେଶ୍ୱର ରାମଚନ୍ଦ୍ର ଧର୍ମାଧିକାରୀ (ଚିଫ୍ ଟେକ୍ନିକାଲ ସର୍ଭିସେସ୍), ଜୟପୁର ସର୍କଲ ମୁଖ୍ୟ ଶ୍ରୀ ମନ୍ମଥନାଥ ମିଶ୍ର, ଜୟପୁର ଇଲେକ୍ଟ୍ରିକାଲ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ବରୁଣ ଚୌଧୁରୀ ଏବଂ ବିଭିନ୍ନ ସେକ୍ସନର ମୁଖ୍ୟ ଓ ଡିଏଚ୍‌ଏଚ୍ ଜୟପୁରର ମ୍ୟାନେଜର ଉପସ୍ଥିତ ଥିଲେ। ଟିପିଏସ୍‌ଓଡିଏଲର ଏହି ଉଦ୍ୟମ ଦକ୍ଷିଣ ଓଡ଼ିଶାରେ ଜନସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଉନ୍ନତ କରିବା ଦିଗରେ ବିଶେଷ ଭାବରେ ସହାୟକ ହେବ। ଯାହା ଚିକିତ୍ସାଳୟଗୁଡ଼ିକୁ ଜରୁରୀ ସ୍ଥିତି, ବର୍ଦ୍ଧିତ ରୋଗୀ ସଂଖ୍ୟା ଏବଂ ଉନ୍ନତ ଚିକିତ୍ସା ଆବଶ୍ୟକତା ପାଇଁ ଅଧିକ ପ୍ରସ୍ତୁତ କରୁଛି।

# ଆଦାନୀ ଡିଏଭି ସ୍କୁଲରେ ସାହିତ୍ୟ ସମ୍ମିଳନୀ

ଧାମରା,୭।୧୦ (ନି.ପ୍ର) : ଭଦ୍ରକ ଜିଲା ଧାମରା ବ୍ଲକ କୁଆମରାସ୍ଥିତ ଆଦାନୀ ଡିଏଭି ପବ୍ଲିକ ସ୍କୁଲରେ ସାହିତ୍ୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ବିଦ୍ୟାଳୟ ଅଧକ୍ଷା କୃଷ୍ଣପ୍ରିୟା ଷଡ଼ଙ୍ଗୀ ଏବଂ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଏହା ସହିତ ଭକ୍ତିସଙ୍ଗୀତ ପରିବେଷଣ କରାଯାଇଥିଲା । ଆକାଶଦୀପ ବାନାର୍ଜୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ସମ୍ମିଳନୀର ଗୁରୁତ୍ୱ ବିଷୟରେ ସଂକ୍ଷିପ୍ତ ଆଲୋକପାତ କରିଥିଲେ । ସମ୍ମିଳନୀର ପ୍ରଥମ ଅଧିବେସନରେ ଧାମରାଇ ହାଇସ୍କୁଲର ଇଂରାଜୀ ଅଧ୍ୟାପକ ରାଜେନ୍ଦ୍ର କୁମାର ରାଉତ ଆଧୁନିକ କବିତାର ବିଭିନ୍ନ ଦିଗ ଯଥା- ମୁକ୍ତଛନ୍ଦ, ଖଣ୍ଡିତ ଚିତ୍ରଣ, ପ୍ରତୀକାତ୍ମକ ଏବଂ ଭ୍ରମମୁକ୍ତ ବିଷୟବସ୍ତୁ ସମୂହ-ଜୀବନ ଓ ପ୍ରକୃତିର ପ୍ରତିକୃତି ଭାବେ କିପରି ପ୍ରେରଣାର ସ୍ରୋତ ହୋଇଥାଏ, ସେ ସମ୍ପର୍କରେ ଆଲୋଚନା କରିଥିଲେ।



ପୁରାତନ ଯୁଗରୁ ଆଧୁନିକ ଓଡ଼ିଆ ଯୁଗ ପର୍ଯ୍ୟନ୍ତ ସାହିତ୍ୟର ଉତ୍ପତ୍ତି ଓ କ୍ରମ ବିକାଶ, ଯେଉଁଥିରେ ଓଡ଼ିଆ ଏକ ସଜୀବ ଭାଷା ରୂପେ ବହୁମୁଖୀ ଶୈଳୀରେ ବିକଶିତ ହୋଇପାରିଛି, ଏହାକୁ ଉଦାହରଣ ସହ ବାଖ୍ୟା କରିଥିଲେ ଧାମରାଇ କଲେଜର ଓଡ଼ିଆ ଅଧ୍ୟାପକ ଶ୍ରୀ ନିଶାକର ପାତ୍ର । ଦଶମ ଶ୍ରେଣୀ ଛାତ୍ର ପ୍ରିନ୍ସ ପ୍ରିୟାଂଶୁ ଦାସ ଏବଂ ଅଷ୍ଟମ ଶ୍ରେଣୀର ଛାତ୍ରୀ ଅଭିଲିପ୍ସା ବିଶ୍ୱାଳ ଯଥାକ୍ରମେ 'ଏ ବ୍ରିଫ୍ ହିଷ୍ଟୋରି ଅଫ୍ ଟାଇମ: ଫ୍ରମ୍ ଦ ବିଗ୍ ବ୍ୟାଙ୍ଗ ଟୁ ବ୍ଲାକ୍ ହୋଲ୍ସ' ଏବଂ 'ହାଓ ଟୁ ୱିନ୍ ଫ୍ରେଣ୍ଡସ୍ ଆଣ୍ଡ ଇନ୍‌ଫ୍ଲୁଏନ୍ସ ପିପୁଲ' ପୁସ୍ତକକୁ ସମାଲୋଚନାତ୍ମକ ଶୈଳୀରେ ଉପସ୍ଥାପନ କରିଥିଲେ। 'ସାହିତ୍ୟ ସମାଜର ଆଇନା' ବିଷୟରେ ଏକ ଦ୍ୱିଦଳୀୟ ଚର୍ଚ୍ଚା ହୋଇଥିଲା ଏବଂ ପରେ ପରେ ଏକ କ୍ରିୟାତ୍ମକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା । ସମସ୍ତ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ଉଦ୍‌ଜୀବିତ କରିବା ପାଇଁ ତାଙ୍କର ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ । ଶିକ୍ଷାବତ୍ ଦେବନାରାୟଣ ମିଶ୍ର କାର୍ଯ୍ୟକ୍ରମ ପର୍ଯ୍ୟବେକ୍ଷକ ଭାବେ ନିଜର ଦାୟିତ୍ୱ ତୁଲାଇ, କବିତା ମାଧ୍ୟମରେ ସାହିତ୍ୟ କିପରି ସମାଜର ଦର୍ପଣ ତାହା ବୁଝାଇ ଥିଲେ । ପରିଶେଷରେ ଅଧକ୍ଷା ସମସ୍ତ ଅତିଥିମାନଙ୍କୁ ଉପଢୌକନ ଓ ବୃକ୍ଷଚାରା ପ୍ରଦାନ କରି ସମ୍ମାନିତ କରିଥିଲେ । ଏହି ସମ୍ମିଳନୀରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶ୍ରବଣ, କଥନ, ପଠନ ଓ ଲିଖନ କୌଶଳ ବୃଦ୍ଧି କରିବା ପାଇଁ ପ୍ରାପ୍ତ ହୋଇଥିବା ଶିକ୍ଷାଗୁଡ଼ିକୁ କାର୍ଯ୍ୟରେ ପ୍ରୟୋଗ କରିବାର ପ୍ରେରଣା ପ୍ରଦାନ କରାଯାଇଥିଲା । ସାହିତ୍ୟ ସମ୍ମିଳନୀର ପରିଶେଷରେ ସୁଦର୍ଶନ ପତି ଧନ୍ୟବାନ ଜ୍ଞାପନ କରିଥିଲେ ।

# ଫୋନପେ ପକ୍ଷରୁ ନେକ୍ସଟ-ଜେନ ସ୍ମାର୍ଟ ସ୍ପିକର ଶୁଭାରମ୍ଭ

ଭୁବନେଶ୍ୱର,୭।୧୦ (ନି.ପ୍ର) : ଫୋନପେ ପକ୍ଷରୁ ଗ୍ଲୋବାଲ ଫିନଟେକଫେଷ୍ଟ ୨୦୨୫ରେ ଏହାର ନୂଆ ନେକ୍ସଟ-ଜେନ ସ୍ମାର୍ଟ ସ୍ପିକର ର ଶୁଭାରମ୍ଭ କରାଯାଇଛି। ଏହି ନୂଆ ହାଇବ୍ରିଡ ଡିଭାଇସଟି ଉଭୟ ବ୍ୟବସାୟୀ ଏବଂ ଗ୍ରାହକଙ୍କ ବଦଳୁଥିବା ଆବଶ୍ୟକତାକୁ ପୂରଣକରିବା ପାଇଁ ତିଆରି କରାଯାଇଛି। ଏହିଭଳି ଏକ ବଡ଼ କାର୍ଯ୍ୟକ୍ରମରେ ଏହାର ଶୁଭାରମ୍ଭ, ଭାରତୀୟ ବ୍ୟବସାୟୀ ମାନଙ୍କ ପାଇଁ ବ୍ୟବହାରିକ ସମାଧାନ ପ୍ରସ୍ତୁତ କରିବାରେ ଫୋନପେର ପ୍ରତିବଦ୍ଧତାକୁ ଦର୍ଶାଉଛି। ଭାରତରେ ନିର୍ମିତ, ଏହି ପିଓଡ଼ି ହେଉଛି ଫୋନପେର ପ୍ରଥମ ଏପରି ସମାଧାନ, ଯାହା ସ୍ମାର୍ଟ ସ୍ପିକର ଏବଂ ପାରମ୍ପରିକ ପଏଂଟ ଅଫ ସେଲ ସର୍ଭିସ । ଡିଭାଇସର ସର୍ବୋତମ ଫିଚର ଗୁଡ଼ିକୁ ଗୋଟିଏ ସୁଲଭ ମୂଲ୍ୟର ଡିଭାଇସରେ ଏକତ୍ରିତ କରିଛି। ଏହି ଶୁଭାରମ୍ଭ ଅବସରରେ ଫୋନପେର ମର୍ଚାଂଟ ବିଜନେସର ଚିଫ ବିଜନେସ ଅଫିସର ଶ୍ରୀ ଯୁବରାଜସିଂ ଶେଖାୱତ କହିଛନ୍ତି, "ଗ୍ଲୋବାଲ ଫିନଟେକ ଫେଷ୍ଟରେ ସ୍ମାର୍ଟ ପିଓଡ଼ି ଶୁଭାରମ୍ଭକରି ଆମେ ବହୁତ ଉତ୍ସାହିତ। ଆମର ପୂର୍ବ ସ୍ମାର୍ଟସ୍ପିକର ଗୁଡ଼ିକ ମର୍ଚାଂଟ ମାନଙ୍କ ପାଇଁ କ୍ୟୁଆର କୋଡ ପେମେଂଟକୁ ନିର୍ଭରଯୋଗ୍ୟ ଓ ସହଜକରିଥିଲା । କିନ୍ତୁ ସ୍ମାର୍ଟ ପିଓଡ଼ି ଏହାଠାରୁ ଏକ ପାଦ ଆଗରେ।ଏହା କମ ଖର୍ଚ୍ଚରେ କାର୍ଡ ପେମେଂଟ ଗ୍ରହଣକରିବା ସମ୍ଭବ କରାଇଥାଏ। ଏହା ସେହି ଛୋଟ ମର୍ଚାଂଟ ମାନଙ୍କ ପାଇଁ ଏକଦମ୍ ଉପଯୁକ୍ତ, ଯେଉଁମାନେ କମଖର୍ଚ୍ଚରେ ସବୁପ୍ରକାର ଡିଜିଟାଲ ପେମେଂଟ ନେବାକୁ ଚାହାଁନ୍ତି।" ଏହି ନୂଆ ମଡେଲ ପୂର୍ବରୁଥିବା ସ୍ମାର୍ଟ ସ୍ପିକରର ଏକ ଅପଗ୍ରେଡ, ଯେଉଁଥିରେ କୌଣସି ଟଚ ଓ ପେମେଂଟ ମିଳିଲେ ଅଡିଓ ଆଲର୍ଟ ମିଳୁଥିଲା। ସ୍ମାର୍ଟ ପିଓଡ଼ିକୁ ସେହି ବ୍ୟବ୍‌ସାୟୀ ମାନଙ୍କ ପାଇଁ ଡିଜାଇନ କରାଯାଇଛି, ଯେଉଁମାନେ ମୁଖ୍ୟତଃ ଟଚଓ ପେମେଂଟ ଗ୍ରହଣ କରନ୍ତି, କିନ୍ତୁ କାର୍ଡରେ ପେମେଂଟ ନେବା ପାଇଁ କମ ଖର୍ଚ୍ଚରେ କୌଣସି ଉପାୟ ନଥିବାରୁ ଅନେକ ସମୟରେ ସେମାନଙ୍କୁ ବିକ୍ରିରେ କ୍ଷତି ସହିବାକୁ ପଡ଼େ। ଏହି ଡିଭାଇସ ସେମାନଙ୍କ ପାଇଁ ଏକ ଉପଯୁକ୍ତ ସମାଧାନ । ଯାହା ସେମାନଙ୍କ ହାତଛଡ଼ା ହୋଇଥିବା ବିକ୍ରିକୁ ପୁଣିଥରେ ହାସଲ କରିବାରେ ଏବଂ ଗୋଟିଏ ସର୍ବ-ସୁବିଧାଯୁକ୍ତ, କମ ଖର୍ଚ୍ଚର ପେମେଂଟ ସମାଧାନ ସହିତ ସେମାନଙ୍କ ଗ୍ରାହକ ସଂଖ୍ୟାବଢ଼ାଇବାରେ ସାହାଯ୍ୟ କରିବ।

# ବିଜେପି ସରକାରରେ ନିଜ ଦଳର ଲୋକେ ବି ଅସୁରକ୍ଷିତ: କଂଗ୍ରେସ

## ପୁଲିସର ମାତ୍ରାଧିକ ରାଜନୀତିକରଣ ଏଥିପାଇଁ ଦାୟୀ; ବିଜେଡି ରାସ୍ତାରେ ବିଜେପି ଯଦି କେନ୍ଦ୍ର ନେତୃତ୍ୱ କାମ କରିବାକୁ ଦେଉନାହିଁ, ମୁଖ୍ୟମନ୍ତ୍ରୀ ସମ୍ମାନର ସହ ଓହରିଯାଆନ୍ତୁ

ଭୁବନେଶ୍ୱର,୭।୧୦ (ନି.ପ୍ର) : ରାଜ୍ୟରେ ବିଜେପିର ପନ୍ଦର ମାସ ସରକାରରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଏହି ପରିପେକ୍ଷୀରେ ପ୍ରଦେଶ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଆଲୋଚନା ଆରମ୍ଭ କରି ରାଜ୍ୟ କଂଗ୍ରେସ ମୁଖପାତ୍ର ଶ୍ରୀଯୁକ୍ତ ଅଶୋକ ସ୍ୱାଇଁ କହିଲେ, ମୁଖ୍ୟମନ୍ତ୍ରୀ ଡିଜିପିଙ୍କୁ ବିଜେପିର ଭିଭିଆଇପିଙ୍କୁ ସେବା ଦେବାରେ ଚରମ ଅବହେଳା ପାଇଁ ସର୍ବସମ୍ମୁଖରେ ତାଚ୍ଛଲ୍ୟର ସହ ତାଗିଦ କରିଥିଲେ। କଟକରେ ଅସାମାଜିକ ମାନେ ଡିସିପିଙ୍କୁ ମାରି ଆହତ କରିଥିଲେ, ଅନ୍ୟ ସ୍ଥାନରେ ରାସ୍ତା ମଝିରେ ଆଇଆଇସିଙ୍କୁ ଲୋକେ ଚାପୁଡା ମଧ୍ୟ ମାରିଲେ। ପୂର୍ବତନ ମନ୍ତ୍ରୀ ତଥା ପିସିସିର ବରିଷ୍ଠ ମୁଖପାତ୍ର ଦେବାଶିଷ ନାୟକ ଗଭୀର ଉଦବେଗ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ଗତ କିଛିଦିନ ଭିତରେ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡିଛି, ସରକାର ବିଫଳ। ଏପରି ଶାସନ ବ୍ୟବସ୍ଥାକୁ କେହି ଡରୁନାହାନ୍ତି। ଗତକାଲି ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ ବାର୍ କାଉନସିଲର ବରିଷ୍ଠତମ ସଦସ୍ୟ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ତାଙ୍କର ଘର ସମ୍ମୁଖରେ ଗୁଳିକରି ଅତି ନିର୍ମମ ଭାବରେ ହତ୍ୟା କରାଯାଇଛି। ଆଜି ରାଜ୍ୟର ଏପରି ଅବସ୍ଥା କୌଣସି ଜାଗାରେ କିଛି ବି ଅଘଟଣ ଘଟିଯାଇପାରେ। ବିଜେପି ନିଜ ବରିଷ୍ଠ ନେତାଙ୍କୁ ସୁରକ୍ଷା ଦେଇ ପାରୁନଥିବା ବେଳେ ସାଧାରଣ ଲୋକଙ୍କ ସୁରକ୍ଷାରେ ବଡ଼ ପ୍ରଶ୍ନ ଉଠୁଛି। ସାମ୍ବାଦିକ ମାନେ ଯଦି ଦୁର୍ନିତିକୁ ଲୋକଲୋଚନକୁ ଆଣନ୍ତି ତେବେ ସେମାନେ ମଧ୍ୟ ଅସୁରକ୍ଷିତ। ଏଥିରୁ ଜଣାଯାଏ ଶାସନ ଅନୁଶାସନରେ ଅନଭିଜ୍ଞ ସରକାର ଏଠି ଚାଲୁଛି। ଏଠି ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କାମ କରିବାକୁ ଦିଆ ଯାଉନାହିଁ ଓ ମୁଖ୍ୟମନ୍ତ୍ରୀ ପଦରେ ରହି ଯଦି ନ୍ୟାୟ ଦେବାରେ ଅସମର୍ଥ ତେବେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନର ସହ ଇସ୍ତଫା ଦେଇଦେବା ଦରକାର। ନଚେତ ଜନତା କ୍ଷମା କରିବେ ନାହିଁ, ଏହା କେବଳ ବିଜେପି ସରକାରରେ ହେଉଛି ତାହା ନୁହେଁ। ଗତ ପଚିଶ ବର୍ଷର ବିଜେଡି ସରକାରରେ ମଧ୍ୟ ଚାଲୁଥିଲା। ଏପରିକି ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ଜଣେ ପୋଲିସ କର୍ମଚାରୀ ଗୁଳିକରି ହତ୍ୟା କରିଥିଲେ। ଏହାର ରିପୋର୍ଟ ମଧ୍ୟ ଲୋକ ଲୋଚନକୁ ଆସିନାହିଁ। ରାଜ୍ୟରେ ବିଜେଡି ସରକାର ସାଧାରଣ ଜନତା ଦେଖିଲେ, ପନ୍ଦର ମାସର ବିଜେପି ସରକାର ମଧ୍ୟ ଦେଖିଲେ, କଂଗ୍ରେସ ଏକମାତ୍ର ଦଳ ଯାହା ସାଧାରଣ ଜନତାଙ୍କ ଆଶା ଭରସା। ଯଦି ସରକାର ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ଧ୍ୟାନ ନଦିଅନ୍ତି, ଦୋଷୀଙ୍କୁ ଦଣ୍ଡ ବିଧାନ ନକରନ୍ତି ତେବେ ସାଧାରଣ ଲୋକଙ୍କ ସହ କଂଗ୍ରେସ ରାଜ ରାସ୍ତାରେ ଲଢେଇ କରିବ।



ଖୋଦ୍ ମୁଖ୍ୟମନ୍ତ୍ରୀ ନିଜ ଅଧୀନରେ ଗୃହ ବିଭାଗ ରଖିଥିବା ବେଳେ ବର୍ତ୍ତମାନ ଆଇନ ଶୃଙ୍ଖଳା ପରିସ୍ଥିତି ଯେପରି ହୋଇଛି ତାଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ରାଜୀବ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଗତକାଲି ବ୍ରହ୍ମପୁରର ବିଜେପି ନେତା ତଥା ବରିଷ୍ଠ ଆଇନଜୀବୀ, ଯିଏ ସର୍ବୋଚ୍ଚ ଭୋଟରେ ରାଜ୍ୟ ବାର୍ କାଉନସିଲକୁ ନିର୍ବାଚିତ ହେଇଥିଲେ ତାଙ୍କୁ ଗୁଳକରି ହତ୍ୟାକରିବା ହେଉ, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଏବିଭିପି ନେତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ବାଚନ ମଣ୍ଡଳୀ ନିମାପଡା ବଳଙ୍ଗା ଛାତ୍ରୀଙ୍କୁ ଜାଳି ମାରିଦେବା ହେଉ ଅବା ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମ୍ମୁଖରେ ପ୍ରକାଶ ରଣବିଜୁଳିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାମାନରୁ ବିଜେପି ସରକାରର ଅପାରଗତା ଜଣାପଡୁଛି। ଏ ସରକାରରେ ଆଇନ ଶୃଙ୍ଖଳା ପୁରା ବିପର୍ଯ୍ୟସ୍ତ। ଯେଉଁମାନେ ନିଜ ଦଳର ନେତାମାନଙ୍କୁ ମୃତ୍ୟୁମୁଖରୁ ରକ୍ଷା କରି ପାରୁନାହାନ୍ତି ସେମାନେ ସାଧାରଣ ଲୋକଙ୍କୁ ସୁରକ୍ଷା ଦେବେ କିପରି? ସେମାନେ ସରକାରରେ ରହିବା ଅଧିକାର ନାହିଁ, ଇସ୍ତଫା ଦେବା ଦରକାର। ଓଡ଼ିଶାର ମାଆ ଭଉଣୀମାନେ, ଯେଉଁମାନେ ବ୍ୟବସାୟ କରୁଛନ୍ତି ଯେଉଁମାନେ ସାମ୍ବାଦିକତା କରୁଛନ୍ତି ସେମାନେ ସମସ୍ତେ ଭୟଭୀତ। ସେମାନଙ୍କର ପୋଲିସ ଓ ସରକାରଙ୍କ ଉପରୁ ଭରସା ତୁଟିଯାଇଛି। ହଜାର ବର୍ଷର ଭାଇଚାରାର ସହର କଟକରେ ଯେଉଁଭଳି ଦଙ୍ଗା ହେଲା ଓ କର୍ଫ୍ୟୁ ହେଲା ତାହା ସରକାର ଓ ପୋଲିସର ନିଷ୍କ୍ରିୟତାକୁ ପଦାରେ ପକାଉଛି। ଭୁଲ୍ କାହାର ତାକୁ ଦଣ୍ଡ ମିଳିବା ଦରକାର କିନ୍ତୁ ଏଠି ଏତେବଡ଼ ଦଙ୍ଗା ହେଇଯାଉଛି, ହଜାର ହଜାର ଲୋକ ରାସ୍ତାକୁ ଆସୁଛନ୍ତି ଏଥିପାଇଁ ସରକାର ଓ ପୋଲିସ ଗୁଇନ୍ଦା ବିଭାଗର ଦାୟୀ। କଂଗ୍ରେସ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ସହ ଡିଜିପିଙ୍କ ଇସ୍ତଫା ଦାବୀ କରୁଛି କଂଗ୍ରେସ। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ସମୟରେ ନିଶା ବ୍ୟବସାୟକୁ ବିରୋଧ କରୁଥିବା ଯୁବକଙ୍କୁ ରାଜଧାନୀର ରସୁଲଗଡଠାରେ ଗୁଳି କରି ହତ୍ୟା କରିଦେଲେ। ସରକାରର ହାତବାରିସି ସାଜିଥିବା ପୋଲିସ ବିଶେଷ କରି ଡିଜିପି ନୀରବଦ୍ରଷ୍ଟା ସାଜି ଶୋଇପଡ଼ିଛନ୍ତି। କେବଳ କେନ୍ଦ୍ରରୁ ଆସୁଥିବା ପ୍ରଧାନମନ୍ତ୍ରୀ, ମନ୍ତ୍ରୀ, ବିଜେପି ନେତା ଏପରିକି ଆଦାନୀ ଅମ୍ବାନୀଙ୍କୁ ସୁରକ୍ଷା ଦେଉଛନ୍ତି।



# ନବରଙ୍ଗପୁର ଜିଲ୍ଲାରେ ଆନନ୍ଦ ଉଲ୍ଲାସର ସହ ପବିତ୍ର ଗଜ ଲକ୍ଷ୍ମୀ ପୂଜା ଆରମ୍ଭ

ନବରଙ୍ଗପୁର,୭।୧୦ (ନି.ପ୍ର) : ପବିତ୍ର ଗଜ ଲକ୍ଷ୍ମୀ ପୂଜା ଆଜି ନବରଙ୍ଗପୁର ଜିଲ୍ଲାରେ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି। ପ୍ରତ୍ୟୁଷରୁ ମହିଳା ମାନେ ନଦୀରୁ ୧୦୮ କୁମ୍ଭ ଜଳ ଆଣିବା ପରେ ପୂଜା ମଣ୍ଡପ ଠାରେ ମାଁ ଗଜ ଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ମାଁ ଲକ୍ଷ୍ମୀଙ୍କ ଅର୍ଚନା ସହ ହୋମ , ସହସ୍ର ନାମ ପାଠ ଓ ମନ୍ତ୍ର ରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ନବରଙ୍ଗପୁର ସହରର ଗାନ୍ଧୀ ନଗର, ତେଲି ସାହି,



ଚାମୁରିଆଗୁଡା , କୃଷକ ବଜାର କମିଟି ପକ୍ଷରୁ ଧୁମଧାମ ରେ ମାଁ ଗଜ ଲକ୍ଷ୍ମୀ ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ନୀତି କାନ୍ତି ସହ ଆରମ୍ଭ ହୋଇଛି। ସେହିପରି ଜିଲ୍ଲା ର ୧୦ ଗୋଟି ବ୍ଲକ ର ବିଭିନ୍ନ ସ୍ଥାନ ରେ ଗଜ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଥିବା ବେଳେ ପରିବେଶ ଉତ୍ସବ ମୁଖର ହୋଇ ଉଠିଛି । ମାଁ ଗଜ ଲକ୍ଷ୍ମୀ ଙ୍କ ପୂଜା ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ।

# ଖଣ୍ଡପଡ଼ାରେ ଅଧାପନ୍ତରିଆ ସ୍ମାର୍ଟ ପାର୍କ କାମ

ଖଣ୍ଡପଡ଼ା, ୭/୧୦ (ନିପ୍ର): ଖଣ୍ଡପଡ଼ା ସହରାଞ୍ଚଳ ୧ ନଂ ୱାର୍ଡ ଅଧୀନ ନୂଆପୋଖରୀ ହୁଡାରେ ନିର୍ମାଣଧୀନ ସ୍ମାର୍ଟ ପାର୍କରେ ନିମ୍ନମାନର କାମ ହେଉଥିବା ଅଭିଯୋଗ ହୋଇଛି। ଫଳରେ ସୁରକ୍ଷା ପ୍ରାଚୀର ଭୁଷୁଡି ପଡିଥିବା ବେଳେ ପେଭର ବ୍ଲକ ମଧ୍ୟ ଧୋଇଯାଇଛି। ସୂଚନା ଅନୁଯାୟୀ ୧ ନଂ ୱାର୍ଡ ଅଧୀନ ନୂଆପୋଖରୀ ହୁଡାରେ ନିର୍ମାଣଧୀନ ସ୍ମାର୍ଟ ପାର୍କରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିବା ବେଳେ ବିକାଶର ବିକଳ ଚିତ୍ର ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁଯାୟୀ ଏହି ପାର୍କ ନିମନ୍ତେ ୨୦୨୨ ମସିହା ୩୧ ଅଗଷ୍ଟରେ ଶିଳାନ୍ୟାସ କରାଯାଇଥିଲା। ପ୍ରାୟ ୭୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ବହୁ ପ୍ରତିକ୍ଷିତ ପ୍ରକଳ୍ପ ଏବେ ଅଧପନ୍ତରିଆ ଭାବେ ଅଟକିଛି। ତେବେ ଗତକାଲି ଲଗାଣ ବର୍ଷାରେ ପ୍ରାୟ ୪୦ ଫୁଟରୁ ଉର୍ଦ୍ଧ୍ୱ ସୁରକ୍ଷା ପ୍ରାଚୀର ଭୁଷୁଡି ପଡିଥିବା ବେଳେ ପାର୍କ ସଂଲଗ୍ନ ଅଞ୍ଚଳରୁ ମଧ୍ୟ ପେଭର ବ୍ଲକ ଧୋଇଯାଇଥିବା ଦେଖିବାକୁ ମିଳିଛି। ଫଳରେ ନିମ୍ନମାନର କାମ ଏବଂ ପ୍ରକଳ୍ପର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନ ଉଠାଇଛନ୍ତି ସହରାଞ୍ଚଳ ବାସିନ୍ଦା। ପୂର୍ବରୁ ମଧ୍ୟ ଏନଏସି କର୍ତୃପକ୍ଷ ଠିକାଦାରକୁ ଲୋକଦେଖାଣିଆ ନୋଟିସ ଜାରି କରି ଚୁପ ବସିଥିବା ନେଇ ଜନପ୍ରତିନିଧି ମାନେ ଅଭିଯୋଗ ଆଣିଥିଲେ। ଇତି ମଧ୍ୟରେ ୩ ବର୍ଷ ବିତିଥିବା ବେଳେ ପ୍ରକଳ୍ପ କାମ ଭୁଷୁଡିପଡିବା ଏନଏସି ପ୍ରଶାସନର ପରିବାପଣିଆ ବୋଲି ସହରାଞ୍ଚଳ ବାସୀ ଚର୍ଚ୍ଚା କରୁଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଠିକାଦାରଙ୍କୁ ଏନଏସି କର୍ତୃପକ୍ଷ ଅନୁକମ୍ପା ଦେଖାଉଥିବା ବେଳେ କାମ କେବେ ସରିବ ସେ ନେଇ ସୂଚନା ମିଳୁନାହିଁ। ଜିଲ୍ଲା ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସହରାଞ୍ଚଳ ବାସୀଙ୍କ ପକ୍ଷରୁ ଦୃଢ ଦାବି ହୋଇଛି।

# ପୋଲିସ ପ୍ରଶାସନର ପଦକ୍ଷେପ,ଗଣ୍ଡଗୋଳ ନିରାକରଣ ପାଇଁ ଆଗୁଆ ଫ୍ଲାଗ ମାର୍ଚ୍ଚ



ବଳଙ୍ଗା,୭।୧୦ (ନି.ପ୍ର) : ଭସାଣ ଉତ୍ସବ ବେଳେ କଟକ ଗଣ୍ଡଗୋଳ ପରିପ୍ରେକ୍ଷୀରେ ଆଗାମୀ ଦିନରେ ବଳଙ୍ଗା ଥାନା ଅଞ୍ଚଳରେ ବିଭିନ୍ନ ଉତ୍ସବ ଓ ଭସାଣ ବେଳେ ଗଣ୍ଡଗୋଳକୁ ସମ୍ପୂର୍ଣ୍ଣ ଭାବେ ନିରାକରଣ ପାଇଁ ପୁରୀ ଜିଲ୍ଲା ଏସ.ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଜିଲ୍ଲାର ଅତିରିକ୍ତ ଏସ.ପି ସଚ୍ଚିନ ପଟେଲ , ପିପିଲି ଏସ.ଡି.ପିଓ ଦେବାଶିଷ ମିଶ୍ର ଓ ବଳଙ୍ଗା ଥାନା ଅଧିକାରୀ ଦିବ୍ୟରଂଜନ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ମଙ୍ଗଳବାର ଅପରାହ୍ନରେ ବଳଙ୍ଗା ଓ ତତ୍‌ସଲଗ୍ନ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି । ଯାହାଫଳରେ ବିଭିନ୍ନ ସମୟରେ ଗଣ୍ଡଗୋଳ ସୃଷ୍ଟିକରୁଥିବା ଗଣ୍ଡଗୋଳକାରୀ ମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ଅପରପକ୍ଷେ ଯଦିକେହି ଗଣ୍ଡଗୋଳ ସୃଷ୍ଟି ପାଇଁ ପ୍ରୟାସ କରେ ତେବେ କଡା ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ.ପି.ସଚିନ ପଟେଲ ପ୍ରକାଶ କରିଛନ୍ତି ।

# ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ

# ଚିକିତ୍ସା ଅବହେଳାରୁ ଚାଲିଗଲା ଜୀବନ

ଖଣ୍ଡପଡ଼ା, ୭/୧୦ (ନିପ୍ର): ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଏବେ ଏହାର ଶିକାର ହୋଇଛନ୍ତି ୫୩ ବର୍ଷୀୟ ଯୁଗଳ କିଶୋର ସାହୁ। ମିଳିଥିବା ଅଭିଯୋଗ ମୁତାବକ ଗତକାଲି ଖଣ୍ଡପଡ଼ା ବ୍ଲକ ବନମାଳିପୁର ଗ୍ରାମର ଯୁଗଳ କିଶୋର ସାହୁ ଘରେ ଶୋଇଥିବା ବେଳେ ଭୋର ସମୟରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡିଦେଇଥିଲା। ପରିବାର ଲୋକେ ଭୋର ସମୟରେ ଚିକିତ୍ସା ନିମନ୍ତେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ତେବେ ଦୀର୍ଘସମୟ ଧରି ଡାକ୍ତରଙ୍କୁ ଡାକିବା ପରେ ଚିକିତ୍ସା ଆରମ୍ଭ ହୋଇଥିଲା। ପ୍ରଥମେ ରକ୍ତ ପରୀକ୍ଷା କରାଇବା ପରେ ଅପେକ୍ଷା କରିବାକୁ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀ କହିଥିଲେ। ମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା ପରେ ସେପରି କିଛି ଅସୁବିଧା ନଥିବା କହି ପେନକିଲର ଇଂଜେକସନ ଓ ଔଷଧ ଦେଇ ଫେରାଇଦେଇଥିଲେ। ଯାହାଫଳରେ ଯୁଗଳଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ପରିବାର ଲୋକେ। ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଯୁଗଳଙ୍କ ଚିକିତ୍ସା କରୁଥିବା ଡାକ୍ତର ଆଶ୍ଚର୍ଯ୍ୟପ୍ରକଟ କରିବା ସହିତ ତୁରନ୍ତ ଭୁବନେଶ୍ୱର ଏମସକୁ ରେଫର କରିଥିଲେ। ଅନ୍ୟପକ୍ଷରେ ଯନ୍ତ୍ରଣାରେ ଛଟପଟ ହେଉଥିବା ଯୁଗଳ ଖୋର୍ଦ୍ଧା ଜିଲ୍ଲା ବାଘମାରି ନିକଟରେ ଆଖି ବୁଜିଥିଲେ। ଶେଷରେ ଭୁବନେଶ୍ୱର ଏମସରେ ତାଙ୍କ ଶବ ବ୍ୟବଚ୍ଛେଦ ସହିତ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ ଡାକ୍ତରଖାନା କର୍ତୃପକ୍ଷ। ମୃତ ଯୁଗଳଙ୍କ ପୁଅ ବାପୁଜୀ ସାହୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଅବହେଳା କରାଯାଇଥିବା ନେଇ ଅଭିଯୋଗ ଆଣିଛନ୍ତି। ପ୍ରାୟ ୩ ଘଣ୍ଟା ପର୍ଯ୍ୟନ୍ତ ମୃତ ଯୁଗଳଙ୍କୁ ବସାଇ ଚିକିତ୍ସା ଦିଆଯାଇନଥିବା ବାପୁଜୀ ଅଭିଯୋଗ ଆଣିଥିବା ବେଳେ କାର୍ଯ୍ୟରତ ଡାକ୍ତରଙ୍କୁ ଏଥିପାଇଁ ଦାୟୀ କରିଛନ୍ତି। ଦୀର୍ଘସମୟ ଧରି ତାଙ୍କ ଅସୁସ୍ଥ ପିତାଙ୍କୁ ସଠିକ ଚିକିତ୍ସା ଦିଆଯାଇନଥିବା ନେଇ ପ୍ରତିକ୍ରିୟା ଦେଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେବେ ବୋଲି କହିଛନ୍ତି। ଏ ନେଇ ଗୋଷ୍ଠୀ ଚିକିତ୍ସାଧିକାରୀ ଏ ଦିଗରେ ତଦନ୍ତ କରିବେ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ଅନ୍ୟପକ୍ଷରେ ମୃତ ଯୁଗଳ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ସରକାରୀ ସାହାଯ୍ୟ ନିମନ୍ତେ ଦାବି କରିଛନ୍ତି ପୂର୍ବତନ ସମିତିସଭ୍ୟ ତ୍ରିନାଥ ବେହେରା ଓ ଅଞ୍ଚଳବାସୀ।



# ଲିଙ୍ଗରାଜ ମନ୍ଦିରଠାରେ ଦୀପ ଜାଳି ଶ୍ରଦ୍ଧାଞ୍ଜଳି ଓ ପ୍ରତିବାଦ

ଭୁବନେଶ୍ୱର, ୭/୧୦(ନି.ପ୍ର) : ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟାକୁ ନେଇ ଲିଙ୍ଗରାଜ ମନ୍ଦିରଠାରେ ସ୍ୱର୍ଗତ ପିତବାସଙ୍କ ପାଇଁ ଦୀପ ଜାଳି ପ୍ରାର୍ଥନା କରିବା ସହ ପ୍ରତିବାଦ କରାଯାଇଛି। ଏକାମ୍ର ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଞ୍ଚର ସଭାପତି ରଶ୍ମୀ ମହାପାତ୍ର, ବ୍ରାହ୍ମଣ ନିଯୋଗ ସଭାପତି ନାରାୟଣ ମହାପାତ୍ର, ସୁପ୍ରୀମ୍‌କୋର୍ଟ ବାର୍ଓ ଆସୋସିଏସନ୍ ସଭ୍ୟ ଲିଙ୍ଗରାଜ ସାହୁ ସାମିଲ ହୋଇ ଏହି ଘଟଣାକୁ ଏହାକୁ ଦୃଢ଼ ନିନ୍ଦା କରିଛନ୍ତି। ଦୋଷିଙ୍କୁ ତୁରନ୍ତ ଧରି କଡ଼ା ଦଣ୍ଡ ଦେବାକୁ ସେ ଦାବି କରିଛନ୍ତି। ଏଥିରେ ସିପ୍ରା ସେନାପତି, ଅରୁଣ ମହାପାତ୍ର, ଗୋପାଳ ମକଦ୍ଦମ, ସମାଜସେବୀ ଦେବୀ ପ୍ରସାଦ ସ୍ୱାଇଁ, କାର୍ତ୍ତିକ କାଣ୍ଡି, ରିନା ସାହୁ, ଇଂ ଜିତେନ ରାଉତରାୟ, କ୍ଷିରୋଧ ବେହେରା, ଶକ୍ତି ପ୍ରସାଦ ମହାପାତ୍ର, ରାଜେଶ ବଟୁ, ରାକେଶ ମହାସୁଆର, କାଦମ୍ବିନୀ ସ୍ୱାଇଁ, ରମାକାନ୍ତ ସ୍ୱାଇଁ, ନୀଳମଣି ମିଶ୍ର, ସମେତ ବହୁ ଆଇନଜୀବୀ ଯୁବକ ଓ ମହିଳାମାନେ ସାମିଲଥିଲେ। ସୂଚନାଯୋଗ୍ୟ, ସ୍ୱର୍ଗତ ପୀତବାସ ରାଜ୍ୟ ବାର୍ କାଉନ୍ସିଲର ନିର୍ବାଚିତ ସଭ୍ୟ ଥିଲେ।




# ସରକାରୀ ଅଧିବକ୍ତା ନିଯୁକ୍ତି ନେଇ ଯୋର ଧରିଲା ଛକାପଞ୍ଝା

ଭୁବନେଶ୍ୱର,୭।୧୦ (ନି.ପ୍ର) : ଜିଲ୍ଲାସ୍ତରୀୟ ଅଧିବକ୍ତା ନିଯୁକ୍ତି । ବେଳେ ସଂପୃକ୍ତ ଅଧିବକ୍ତାଙ୍କ ଅଭିଜ୍ଞତା, ଜ୍ଞାନକୌଶଳ, ନୀତି ଆଚରଣ ଓ ବୃତ୍ତିଗତ ସଫଳତା ଆଦିକୁ ପରଖି ବିଧାୟକ,ମନ୍ତ୍ରୀ ଓ ଉଚ୍ଚଅଧିକାରୀମାନେ ଆଲୋଚନା କରି ସରକାରଙ୍କୁ ଅଦାଲତରେ ସଠିକ ରୂପେ ପରିଚାଳନା ଦାୟିତ୍ୱ ବହନ କରିବାର ଦକ୍ଷତା ଥିବା ବରିଷ୍ଠ ଅଧିବକ୍ତାଙ୍କୁ ସରକାରଙ୍କ ପକ୍ଷରୁ ନିଯୁକ୍ତି ଦିଆଯାଇଥାଏ ମାତ୍ର ଯାଜପୁର ଜିଲ୍ଲା ଅଧିବକ୍ତା ଚୟନ ନେଇ ରାଜନୈତିକ ମତଭେଦ ଦେଖାଦେଇଥିବା ଶୁଣାଯାଉଛି ରାଜ ନୈତିକ ଚକ୍ରବ୍ୟୁହ ରେ ଏହା କୁଆଡେ ବାଟବଣା ହୋଇଯାଇଛି ବୋଲି ଶୁଣାଯାଉଛି ବିଶେଷକରି ଯାଜପୁର ଜିଲ୍ଲା ଅଧିବକ୍ତା ଭାବରେ ଜଣେ ବରିଷ୍ଠ ଅଭିଜ୍ଞତା ସଂପନ୍ନ ଜ୍ଞାନୀ ଓ ସଚ୍ଚୋଟ ଅଧିବକ୍ତାଙ୍କୁ ନିଯୁକ୍ତି ଦେବାଲାଗି ଜନସାଧରଣରେ ମତପ୍ରକାଶ ପାଉଛି ।

# ଆତ୍ମନିଭର ଭାରତ ସଂକଳ୍ପ ଅଭିଯାନ ସଚେତନ ଅନୁଷ୍ଠିତ

ଦଶପଲ୍ଲା,୭।୧୦(ନି.ପ୍ର) : ମଧଖଣ୍ଡ ଗ୍ରାମ ପଂଚାୟତ ର ବିରୁପାକ୍ଷ ମନ୍ଦିର ପ୍ରାଙ୍ଗଣରେ ଭାରତୀୟ ଜନତା ପାର୍ଟୀ ର ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନସଚେତନ ଅନୁଷ୍ଠିତ ହୋଇଯାଇଛି ମାନନୀୟ ପ୍ରଧାନମନ୍ତ୍ରୀ ମୋଦିଜୀ ଙ୍କ ଘର ଘର ସ୍ୱଦେଶୀ ପ୍ରତିଘର ସ୍ୱଦେଶୀ ଅଭିଯାନ ମାନନୀୟ ସାଂସଦ କନ୍ଧମାଳ ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ , ମାନନୀୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କ ଆହ୍ୱାନ କ୍ରମେ ଦଶପଲ୍ଲାବ୍ଲକର ପ୍ରତି ଗ୍ରାମପଞ୍ଚାୟତରେ ଅଦ୍ୟ ତା ୦୫/୧୦ ରିଖ ଠାରୁ ତା ୧୪/୧୦ରିଖ ମଧ୍ୟରେ ସଚେତନ ସହ ପଂଚାୟତ ବୈଠକ ସାରିବା ପାଇଁ ସ୍ଥିର ହୋଇଛି ଉକ୍ତ କାର୍ଯ୍ୟକ୍ରମ ରେ ଉପସ୍ଥିତ ବିଜେପି କାର୍ଯ୍ୟକର୍ତା ଯଥା କିଶୋର ଚନ୍ଦ୍ର ଦଳବେହେରା ସାଂସଦ ପ୍ରତିନିଧି ଦଶପଲ୍ଲା ବ୍ଲକ, ଭାଗ୍ୟଲକ୍ଷ୍ମୀ ଦାଶ ୧୧ନମ୍ବର ଜୋନର ମଣ୍ଡଳ ସଭାପତି, ଜ୍ଞାନ ରଞ୍ଜନ ସାହୁ ଓବିସି ମୋର୍ଚ୍ଚା ସଭାପତି,ବିଦେଶି ମଳିକ ପୂର୍ବ ତନ ମଣ୍ଡଳ ସଭାପତି, ଚିତ ରଂଜନ ମିଶ୍ର ବିଜେପି ବରିଷ୍ଠ କାର୍ଯ୍ୟକର୍ତା, ଚନ୍ଦନ ରାଉତ ବିଜେପି ଜିଲ୍ଲା ଯୁବ ଉପସଭାପତି,ସରୋଜ କୁମାର ପଣ୍ଡା କାର୍ଯ୍ୟକର୍ତା ବିଜେପି,ବାଳକୃଷ୍ଣ ପରିଡା, ପ୍ରଭାତ କର, ଶରତ ବେହେରା,ସୁମନ୍ତ କୁମାର ସାଥୁଆ,ଅଶୋକ ସାହୁ,ଶରତ କୁମାର ସାହୁ,ଉଦୟ ନାଥ ମହାରଣା, ମାନସ କୁମାର ପରିଡା ଆଦି ବହୁତ ବିଜେପି କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ଏବଂ ଆଗାମୀ ତାରିଖ ୧୨/୧୦ରବିବାର ସଂଧ୍ୟା ପାଞ୍ଚ ଘଣ୍ଟା ସମୟରେ କଲ୍ୟାଣୀ ମଣ୍ଡପ ମଧଖଣ୍ଡ ଠାରେ ବିଜେପି ଶତାଧିକ କାର୍ଯ୍ୟକର୍ତ୍ତା ଙ୍କୁ ନେଇ ବୈଠକ ହେବା ପାଇଁ ସ୍ଥିର ହୋଇ ଥିଲା ,ସର୍ବ ଶେଷରେ ମାନନୀୟ କନ୍ଧମାଳ ସାଂସଦ ସାଂସଦ ପ୍ରତିନିଧି ଦଶପଲ୍ଲା ବ୍ଲକ ଶ୍ରୀ କିଶୋର ଚନ୍ଦ୍ର ଦଳବେହେରା ସମସ୍ତ ଙ୍କୁ ଧନ୍ୟବାଦ ଦେବାସହ ବିଜେପି ନାରା ଦେଇ ସଭା ସାଙ୍ଗ କରାଯାଇ ଥିଲା।



# ରଥ ଦମ୍ପତ୍ତି ଦୟାମୟୀ ଓ ପୂର୍ଣ୍ଣଚନ୍ଦ୍ରଙ୍କୁ ଭବ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ

ଭୁବନେଶ୍ୱର,୭।୧୦ (ନି.ପ୍ର) : ରଥ ଦମ୍ପତ୍ତି ଦୟାମୟୀ ଏବଂ ପୂର୍ଣ୍ଣଚନ୍ଦ୍ରଙ୍କୁ ଏଠାରେ ଆୟୋଜିତ ଏକ ସ୍ମୃତି ସଭାରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ।ଶତାଧିକ ନିମନ୍ତ୍ରିତ ଅତିଥି,ପରିବାର ବର୍ଗ ଏବଂ ଶୁଭାକାଂକ୍ଷୀ ଏହି ଅବସରରେ ଉଭୟଙ୍କର ସମାଜ ସେବା ଓ ମାନବ କଲ୍ୟାଣ କ୍ଷେତ୍ରରେ ବ୍ୟାପକ ଅବଦାନର ସ୍ମୃତି ଚାରଣ କରିଥିଲେ। ସ୍ୱର୍ଗତଃ ଶ୍ରୀମତୀ ଦୟାମୟୀ ରଥ ଏବଂ ସ୍ୱର୍ଗତଃ ଇଞ୍ଜିନିୟର ପୂର୍ଣ୍ଣଚନ୍ଦ୍ର ରଥ ଅସାଧାରଣ ବ୍ୟକ୍ତିତ୍ୱ ଥିଲେ। ଉଭୟ ବହୁବିଧ ସୁଗୁଣର ଅଧିକାରୀ ଥିଲେ । ଶ୍ରୀମତୀ ରଥ ଓ ଇଞ୍ଜିନିୟର ରଥ ଏକାଧାରରେ ଧର୍ମ ପରାୟଣ ,ସରଳ,ମିଷ୍ଟଭାଷୀ,ପରୋପକାରୀ ,ଦରଦୀ କର୍ମଠ ,ଦାୟିତ୍ୱବାନ, ବନ୍ଧୁବତ୍ସଳ,ମେଳାପି, ଭରସାଯୋଗ୍ୟ, ସମୟାନୁବର୍ତ୍ତି,ସ୍ପଷ୍ଟବାଦୀ ,ସଚ୍ଚୋଟ ଏବଂ ସ୍ୱାଭିମାନୀ ମଣିଷ ଥିଲେ। ପରିବାର ବର୍ଗଙ୍କ ତରଫରୁ ସେମାନଙ୍କର ଅସ୍ଥିକୁ ପବିତ୍ର ପ୍ରୟାଗ ରାଜ ଠାରେ ବିସର୍ଜନ, କାଶିର ବିଶ୍ୱନାଥ ଓ ବଦ୍ରୀନାଥ ମନ୍ଦିରରେ ଉଭୟଙ୍କର ମୋକ୍ଷ ପାଇଁ ପୂଜାପାଠ ଏବଂ ଗୟା ତଟରେ ସେମାନଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରାଯିବା ପରେ ଭୁବନେଶ୍ୱରଠାରେ ଏହି ପ୍ରାର୍ଥନା ସଭାର ଆୟୋଜନ କରାଯାଇଥିଲା।

ସମାଜ ପ୍ରତି ରଥ ଦମ୍ପତ୍ତିଙ୍କର ଅମୂଲ୍ୟ ତଥା ଅତୁଳନୀୟ ଯୋଗଦାନର ପରମ୍ପରାକୁ ଜାରି ରଖିବାକୁ ଯାଇ ସେମାନଙ୍କର ସୁଯୋଗ୍ୟ ଦାୟାଦ କନିଷ୍ଠ ପୁତ୍ର ଆବୁଧାବିଠାରେ ଅବସ୍ଥାପିତ ଯନ୍ତ୍ରୀ ପ୍ରଦୀପ କୁମାର ରଥ ଟା ୱାଲା ଭାବରେ ପ୍ରସିଦ୍ଧି ହାସଲ କରିଥିବା ପଦ୍ମଶ୍ରୀ ଉପାଧି ପ୍ରାପ୍ତ ଡି.ପ୍ରକାଶ ରାଓଙ୍କ ଦ୍ୱାରା ମାଗଣାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ କଟକଠାରେ ପ୍ରତିଷ୍ଠିତ 'ଆଶା ଓ ଆଶ୍ୱାସନା' ଅନୁଷ୍ଠାନକୁ ପୌଷ୍ୟ ଭାବରେ ଗ୍ରହଣ କରି ଏହାର ଉତ୍ତୋରତର ଉନ୍ନତି ଦିଗରେ ବ୍ରତୀ ଥିବା ଜଣାଯାଇଛି । ଏହି ସଭା ଅବସରରେ ସଂସ୍ଥାର ପ୍ରତିନିଧିଙ୍କୁ ଛାତ୍ରଛାତ୍ରୀମାନଙ୍କର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଦିଗରେ ଗ୍ୟାସ ଷ୍ଟୋଭ ରଥ ପରିବାର ତରଫରୁ ପ୍ରଦାନ କରାଯାଇଥିଲା।



ରଥ ପରିବାର ତରଫରୁ ଶ୍ରଦ୍ଧାଞ୍ଜଳି ସଭାରେ ସମ୍ବର୍ଦ୍ଧିତ କରାଯାଇଥିବା ବରେଣ୍ୟ ଅତିଥିମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ପ୍ରଶାନ୍ତ ଜଗଦେବ,ନବ କିଶୋର ମଲ୍ଲିକ, ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ , ରବୀନ୍ଦ୍ର କୁମାର ମହାନ୍ତି, ଡଃ. ଗୌରାଙ୍ଗ ଚରଣ ଦାଶ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାଲିକା ରାୟ, କର୍ପୋରେଟର ଚନ୍ଦ୍ର ଶେଖର ମଲିଆ, ଶିବ ନାରାୟଣ ରାୟ, ଶିବ ପ୍ରସାଦ ବେହେରା, ବାବୁଲି ସାମନ୍ତ, ବରିଷ୍ଠ ସାମ୍ବାଦିକ ଦିଲ୍ଲିପ କୁମାର ଓଝା, ଇଞ୍ଜିନିୟର ରବୀନ୍ଦ୍ର ନାଥ ମିଶ୍ର, ୱାର୍ଲଡ ଓଡ଼ିଶା ସୋସାଇଟିର ସାଂସ୍କୃତିକ ସାଧାରଣ ସମ୍ପାଦକ କାବେରୀ ବେହେରା ଏବଂ ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ ମନସ୍ମିତା ଜେନା ନାୟକ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

ରଥ ପରିବାରର ସମ୍ପର୍କୀୟ ଚଳିତ ବର୍ଷର ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଦୁଇ ମେଧାବୀ ବିଦ୍ୟାର୍ଥୀ ଯଥା:- ଅଭୀପସା ପତି ଏବଂ ବୈଭବ ତ୍ରିପାଠୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହାରଥା, ଯୁବନେତା ମନୋଜ ନାୟକ, ବରିଷ୍ଠ ସାମ୍ବାଦିକ ଶାରଦା ମହାପାତ୍ର ଓ ଦୂରଦର୍ଶନର ସମ୍ବାଦ ପାଠକ ବଳଭଦ୍ର ରଥ ପ୍ରମୁଖ ସାମିଲ ଥିଲେ । ପ୍ରସିଦ୍ଧ ଗାୟକ ସୁଶାନ୍ତ କୁମାର ପଣ୍ଡା ଏବଂ ଗାୟିକା ରଶ୍ମିତା ଦାଶ ଏହି ସଭାରେ ସୁମଧୁର ଭଜନ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

ସ୍ମୃତି ସମାରୋହକୁ ସକ୍ଷମତାର ସହିତ ଆୟୋଜନ ଏବଂ ସଫଳତାର ସହିତ ସମାପନ କରିବାରେ ରଥ ଦମ୍ପତ୍ତିଙ୍କର ଜ୍ୟେଷ୍ଠ ପୁତ୍ର ଶିକ୍ଷାବିତ ଡଃ. ପ୍ରଭାତ କୁମାର ରଥ, କନିଷ୍ଠ ପୁତ୍ର ଯନ୍ତ୍ରୀ ପ୍ରଦୀପ କୁମାର ରଥ, ସୁପୁତ୍ରୀ ଡଃ. ପଦ୍ମାଳୟା ରଥ, ପୁତ୍ରବଧୂ ପ୍ରିୟମ୍ବଦା ରଥ, ବହ୍ନିପ୍ରଭା ରଥ, ଜାମାତା ଡଃ ଶିବ ନାରାୟଣ ଏବଂ ନାତି ନାତୁଣୀ ପ୍ରତ୍ୟୁଷ, ପ୍ରୀତୀଶ , ସିଟୁ , ପ୍ରଜ୍ଞା, ପାୟଲ ଏବଂ ନିକ୍କୀ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

# ୨୦ ବର୍ଷର ଯୁବକ 'ବିଜୟ' ରକ୍ତ କର୍କଟରେ ପୀଡିତ, ସାହାଯ୍ୟର ହାତ ବଢାଇବା ପାଇଁ ଆକୁଳ ନିବେଦନ

କୋଦଳା, ୭।୧୦ (ନି.ପ୍ର) : କେତେ ଆଶା ଥିଲା ପାଠ ପଢ଼ି ବାପା ମା'ଙ୍କ ନା କୁ ଟେକ ରଖିବ, ନିଜେ ସ୍ୱାବଲମ୍ବୀ ହେବା ସହିତ ପରିବାରର ବୋଝ ବୋହିବ, କିନ୍ତୁ ଭଗବାନ ଙ୍କ ବିଚାର ଥିଲା ନିଆରା । କଲେଜ ରେ ପାଠ ପଢିବା ବୟସରେ ଉଚ୍ଚ ଶିକ୍ଷିତ ଯୁବକଟି ଆଜି ବଞ୍ଚିବା ପାଇଁ ମେଡ଼ିକାଲରେ ସଂଘର୍ଷ କରୁଛି। ନିଷ୍ପାପ ଯୁବକଟି ଆଜି ମେଡିକାଲର ବେଡ଼ ଉପରେ ଶୋଇ ବଞ୍ଚିବା ପାଇଁ ରାହା ଖୋଜୁଛି। ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକର ଅଙ୍ଗାରଗାଁ ଗ୍ରାମ ତୋଟାସାହିର ଭୋକିଲି ସାହୁ ଓ ଶଶି ସାହୁଙ୍କ ୨୦ ବର୍ଷର ସାନପୁଅ 'ବିଜୟ' ଏବେ ରକ୍ତ କର୍କଟ ରୋଗରେ ପୀଡିତ। ବିଜୟର ଦେହ ଅସୁସ୍ଥ ହେବାରୁ ତାକୁ ବ୍ରହ୍ମପୁର ଏମ କେ ସି ଜି ନେବା ସହ ସେଠାରେ ତାର ଚିକିତ୍ସା ଆରମ୍ଭ କରି ରକ୍ତ ପରୀକ୍ଷା କରିବା ପରେ ରକ୍ତ କର୍କଟ ରେ ପୀଡିତ ଥିବା ଜଣାପଡ଼ିଲା। ଏହା ଶୁଣି ବାପା ଓ ମାଆ ଙ୍କ ପାଦ ତଳୁ ମାଟି ଖସିଗଲା। ଆଖିର ଲୁହ ଅମାନିଆ ଆଖିରେ ଲୁହ କୁ ଅଟକାଇ ପାରିଲେ ନାହିଁ ମା ବାପା । ତଥାପି ପୁଅକୁ ବଞ୍ଚାଇବା ପାଇଁ ଧୈର୍ଯ୍ୟ ରଖି ବିଜୟ କୁ ଭୁବନେଶ୍ୱର ର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଲେ। ବେଡ଼ ଉପରେ ଶୋଇ ବିଜୟ ପଚାରୁଛି କାହିଁକି ତାକୁ ମେଡିକାଲ କୁ ଆଣିଛନ୍ତି ଆଉ ତାର କଣ ହୋଇଛି ? ଉତ୍ତର ଦେବା ପାଇଁ ଭାଷା ଅଟକି ଯାଉଛି ସମସ୍ତଙ୍କର। ତାର ପ୍ରଶ୍ନରେ ବାପା ଓ ମାଆ ଙ୍କର ଆଖିରୁ ଲୁହ ଝରୁଛି। ବିଜୟ ବେଡ଼ରେ ଶୋଇ ଶୋଇ ଗାଁ ଓ କଲେଜ ସାଙ୍ଗ ସାଥୀ କଥା ଭାବୁଛି। ସେ ବ୍ରହ୍ମପୁର ସ୍ଥିତ ବିନାୟକ ଆଚାର୍ଯ୍ୟ କଲେଜରେ ସ୍ନାତକୋତ୍ତରରେ ଅଧ୍ୟୟନ କରୁଥିଲେ । ସେ ଜଣେ ମେଧାବୀ ଛାତ୍ର ଅଟନ୍ତି । ବାପା ଓ ମାଆ ଗରିବ ଶ୍ରେଣୀର ହୋଇଥିବା ବେଳେ ପୁଅର ଏହି ଅବସ୍ଥା ତାଙ୍କୁ ଧର୍ଯ୍ୟହରା କରୁଛି। ପୁଅ କଥା କହିବା ବେଳେ କଣ୍ଠ ବାଷ୍ପରୁଦ୍ଧ ହୋଇଯାଉଛି। ଏପଟେ ଆର୍ଥିକ ପରିସ୍ଥିତି ବହୁତ ଜଟିଳ। ସେପଟେ ପୁଅର ଏତେ ବଡ ରୋଗକୁ ନେଇ ପରିବାର ଚିନ୍ତିତ। କେଉଁଠୁ ପାଇବେ ଅର୍ଥ, କେମିତି କରିବେ ଏହି ଜଟିଳ ରୋଗର ଚିକିଛା,ତଥାପି ମନରେ ଦମ୍ଭ ନ ଭାଙ୍ଗି ପୁଅ କୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି ପରିବାର ! ପ୍ରଶାସନ କିମ୍ବା ସହୃଦୟ ବ୍ୟକ୍ତି ଅଥବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାହାଯ୍ୟର ହାତ ବଢାଇବା ପାଇଁ ପରିବାର ଲୋକ ଆକୁଳ ନିବେଦନ କରିବା ସହ ଭଗବାନଙ୍କ ନିକଟରେ ପୁଅର ଜୀବନ ପାଇଁ ଆକୁଳ ପ୍ରାର୍ଥନା କରୁଛନ୍ତି । ଅନ୍ୟପଟେ ସ୍ୱାସ୍ଥ୍ୟ କାର୍ଡରେ ଥିବା ଅର୍ଥ ରାଶି ଶେଷ ହୋଇଗଲାଣି । ଭାଇର ଦେହ ଖରାପ ଶୁଣି ପରିବାର ପ୍ରତିପୋଷଣ ପାଇଁ ବାହାରେ ରହି କାମ କରୁଥିବା ବଡ଼ ଭାଇ ସଞ୍ଜୟ କାମ ଛାଡି ସାନ ଭାଇ ପଖରେ ଆସି ଅଛି । ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢ଼େଇବା ପାଇଁ ପରିବାର ଅନୁରୋଧ କରିବା ସହିତ ନିମ୍ନଲିଖିତ ଫୋନ ନମ୍ବରରେ ଯୋଗାଯୋଗ କରି ସହଯୋଗର ହାତ ବଢ଼ାଇବା ପାଇଁ ନିବେଦନ କରିଛନ୍ତି ।



# ଅଲାରପୁରରେ କୁମାର ଉତ୍ସବ ଉଦଘାଟିତ



ବଳଙ୍ଗା ,୭।୧୦ (ନି.ପ୍ର) : ବଳଙ୍ଗା ଥାନା ଅନ୍ତର୍ଗତ ଅଲାରପୁର ହରଦୂର୍ଗା ଯୁଥ୍ କ୍ଲବ୍ ଆନୁକୂଲ୍ୟରେ ୧୫ତମ କୁମାର ଉତ୍ସବ ଅଲାରପୁର ମେଳଣପଡିଆ ଠାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ,ଓଡିଶା ସରକାର ମୁକେଶ ମହାଲିଙ୍ଗ, ମାନ୍ୟବର ସାଂସଦ-ପୁରୀ ସମ୍ବିତ ପାତ୍ର,ଯୋଗଦେଇ ପ୍ରଦିପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।ମୁଖ୍ୟ ବକ୍ତା ଭାବେ ମାନ୍ୟବର ବିଧାୟକ ପିପିଲି ଆଶ୍ରୀତ୍ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ମାନ୍ୟବର ବିଧାୟକ ମାହାଙ୍ଗା ଶାରଦା ପ୍ରସାଦ ପ୍ରଧାନ, ମାନ୍ୟବର ବିଧାୟକ ଏକ୍ରାମ ବାବୁ ସିଂ, ମାନ୍ୟବର ବିଧାୟକ ସତ୍ୟବାଦୀ ଓମ୍ ପ୍ରକାଶ ମିଶ୍ର, ମାନ୍ୟବର ପୂର୍ବତନ ବିଧାୟକ ବ୍ରହ୍ମଗିରି ଲଳୀତେନ୍ଦୁ ବିଦ୍ୟାଧର ମହାପାତ୍ର ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥିମାନେ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏଭଳି କାର୍ଯ୍ୟକ୍ରମକୁ ବଞ୍ଚାଇ ରଖିଥିବା ହରଦୂର୍ଗା ଯୁଥ୍ କ୍ଲବକୁ ପରିବାରକୁ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ମାନିତ ଅତିଥିମାନେ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାକୁ ଅନନ୍ୟ ଓ ଓଡ଼ିଆ ଭାବେ ଗର୍ବିତ ବୋଲି ମତ ରଖିଥିଲେ । ଏହି ଅବସରରେ ଆୟୋଜିତ ପଲ୍ଲୀଶ୍ରୀ ମେଳାର ହସ୍ତଶିଳ୍ପ ପ୍ରଦର୍ଶନୀ ପରିଦର୍ଶନ କରିବା ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଓ ପ୍ରତିଭା ମାନଙ୍କୁ ସମ୍ମାନୀତ କରାଯାଇଥିଲା । ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାରମ୍ଭରେ 'କୁଆଁର ପୁନେଇ ଜହ୍ନ ଗୋ' ନୃତ୍ୟନାଟିକା ପରିବେଷଣ କରାଯାଇଥିଲା । ସାଂସ୍କୃତିକ ରାଇବଂଶୀ ଗ୍ରୁପ୍ (କୋଲକାତା),ସାଶ୍ୱତ୍ ଜୋସି ଓ ଡ୍ୟାନ୍ସ ଗ୍ରୁପ(ଭୁବନେଶ୍ୱର),ଫେଟ୍ ଫାଇଟର ମାଲଖମ୍ (ପୁରୀ),ଲାଶ୍ୟ ଡ୍ୟାନ୍ସ ଏକାଡେମୀ (କଟକ) କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଉତ୍ସବରେ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଜନସାଧାରଣ, ସଂସ୍କୃତିପ୍ରେମୀ ବନ୍ଧୁମାନଙ୍କୁ ସପରିବାରେ ଓ ସବାନ୍ଧବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଅନୁଷ୍ଠାନର ସଭାପତି ଅଶ୍ୱନି କୁମାର ସାହୁ ଓ ସଂପାଦକ ବିବେକାନନ୍ଦ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଗ୍ରାମର ଯୁବକମାନେ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବସ୍ ଭିତରେ ପଶି ଯାତ୍ରୀଙ୍କୁ ହାଣିଲେ ଯୁବକ: ୪ଗୁରୁତର

ପୁରୀ,୭।୧୦: ହରଶପଡ଼ାରୁ ସୁକଳ ଯାଉଥିବା ଏକ ଆମ ବସ୍‌ରେ ମଙ୍ଗଳବାର ଏକ ଅଘଟଣ ସାମ୍ନାକୁ ଆସିଛି। ବିନ୍ଧନ ଛକଠାରେ ଜଣେ ଯୁବକ ବସ୍ ?ରେ ଚଢ଼ି ବସିଥିବା ଯାତ୍ରୀଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଫଳରେ ଆକ୍ରମଣକାରୀଙ୍କ ସମତେ ୪ଜଣ ଯାତ୍ରୀ ଗୁରୁତର ଆହତ ହୋଇ କଣାସ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ କେଉଁ ପରିସ୍ଥିତିରେ ଏହି କାଣ୍ଡ ଘଟିଛି ତାହା ସ୍ପଷ୍ଟ ଜଣାପଡ଼ି ନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଲକ୍ଷ୍ମୀପୂଜା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା ୧୦୦ ଅଫିସର୍, ୨୦ ପ୍ଲାଟୁନ୍ ଫୋର୍ସ

ଅନୁଗୁଳ 7û10: ଅନୁଗୁଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ମା' ପଦ୍ମାଳୟାଙ୍କ ପୂଜାର୍ଚ୍ଚନାରେ ଉତ୍ସବମୁଖର ହୋଇଉଠିଛି। ୬ ତାରିଖ ରାତିରୁ ମା''ଙ୍କ ପୂଜା ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମା' ଧନଦାତ୍ରୀଙ୍କ ପୂଜା ଦେଖିବାକୁ ହଜାର ହଜାର ଲୋକଙ୍କ ସୁଅ ଛୁଟୁଛି ଅନୁଗୁଳ ସହରକୁ । ଲୋକାରଣ୍ୟ ପାଲଟିବ ପୂରା ସହର । ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ଆୟୋଜନ ସାଙ୍ଗକୁ ଲୋକଙ୍କଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି । ପୂଜା ଉପରେ ତୀକ୍ଷ୍ଣ ନଜର ରଖିବାକୁ ଏସ୍‌ପି ରାହୁଲ୍ ଜୈନ୍‌ଙ୍କ ନେତୃତ୍ୱରେ ପ୍ରାୟ ୧୦୦ ଜଣ ଅଫିସରଙ୍କୁ ନିୟୋଜିତ ହୋଇଛନ୍ତି।



ଏମାନଙ୍କ ମଧ୍ୟରେ ୫ ଜଣ ଅତିରିକ୍ତ ଏସ୍‌ପି, ୧୦ ଜଣ ଡିଏସ୍‌ପି, ୬ ଜଣ ଇନ୍ସପେକ୍ଟର ଓ ଅବଶିଷ୍ଟ ସବ୍‌ଇନ୍ସପେକ୍ଟର ଏବଂ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ରହିଛନ୍ତି। ଟ୍ରାଫିକ୍ ପରିଚାଳନା ଠାରୁନେଇ ଭିଡ଼ ନିୟନ୍ତ୍ରଣ ପାଇଁ ୨୦ ପ୍ଲାଟୁନ୍ ଫୋର୍ସ ଓ ୨୦୦ ହୋମଗାର୍ଡ୍ଙ୍କୁ ମୁତୟନ କରାଯାଇଛି। ପ୍ରଶାସନର ସମନ୍ୱୟ ବୈଠକର ନିଷ୍ପତ୍ତି ଅନୁଯାୟୀ ଚଳିତ ବର୍ଷ ପୂଜାରେ ୧୫ଟି ଅସ୍ଥାୟୀ ଆଉଟ୍‌ପୋଷ୍ଟ କରାଯାଇଛି। ଛୋଟ ଛୋଟ ଅଞ୍ଚଳକୁ ୧୫ଟି ସେକ୍ଟରରେ ବିଭକ୍ତ କରାଯାଇଥିବା ବେଳେ କେଉଁଠି ବି ଆଉଟ୍‌ପୋଷ୍ଟକୁ ଯାଇ ଅଭିଯୋଗ କରିପାରିବେ। ପୂଜାରେ ପ୍ରବଳ ଜନ ସମାଗମ ହେବ। ଚୋରି, ଛିନ୍ତାଇକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି । ଆଣ୍ଟି ସ୍ନାଟିଂ ଟିମ୍ ସହିତ ସ୍ୱଶାଲ ସ୍କ୍ୱାଡ୍, କୁଇକ୍ ରେସପନ୍ସ ଟିମ୍ ଓ ମୋବାଇଲ୍ ପାଟ୍ରୋଲିଂ ଅହରହ ସହରରେ ପଇଁତରା ମାରିବ। ମହିଳାଙ୍କ ସୁରକ୍ଷା ପାଇଁ ଶକ୍ତି ବାହିନୀ ଗଠନ କରାଯାଇଛି । ସାରା ଜିଲ୍ଲାରେ ଲକ୍ଷ୍ମୀପୂଜା ପାଇଁ ୩୦ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିବା ଏସ୍‌ପି ରାହୁଲ ଜୈନ୍ ପ୍ରକାଶ କରିଛନ୍ତି।

## ସ୍ୱଚ୍ଛତା ଏବଂ କାର୍ଯ୍ୟଦକ୍ଷତା ପାଇଁ ଗୃହ ମନ୍ତ୍ରଣାଳୟର 'ସ୍ୱତନ୍ତ୍ର ଅଭିଯାନ'

ନୂଆଦିଲ୍ଲୀ,୭।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛତାକୁ ସଂସ୍ଥାଗତ କରିବା ଏବଂ ସରକାରୀ କାମ ହ୍ରାସ କରିବା ଦୃଷ୍ଟିକୋଣରୁ ଅନୁପ୍ରାଣିତ ହୋଇ, କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ଗୃହ ମନ୍ତ୍ରଣାଳୟ ଏକ ସକ୍ରିୟ ଅଂଶୀଦାର ଭାବରେ ଏକ ସ୍ୱତନ୍ତ୍ର ଅଭିଯାନ ଚଳାଉଛି।

ଗୃହ ମନ୍ତ୍ରଣାଳୟ ଏବଂ ଏହାର ସଂଗଠନଗୁଡ଼ିକ ନଭେମ୍ବର ୨୦୨୪ ରୁ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ମାସିକ ଭିତ୍ତିରେ ବିଚାରାଧୀନ ମାମଲା ହ୍ରାସ କରିବା ପାଇଁ ସକ୍ରିୟ ଭାବରେ ସ୍ୱତନ୍ତ୍ର ଅଭିଯାନ ଚଳାଇଛନ୍ତି।

ଏହି ସମୟ ମଧ୍ୟରେ ପ୍ରମୁଖ ସଫଳତା ଗୁଡ଼ିକ ହେଲା : କ୍ଷେତ୍ର/ବାହ୍ୟ କାର୍ଯ୍ୟାଳୟ ସମେତ ମନ୍ତ୍ରଣାଳୟ ଦ୍ୱାରା ବିଭିନ୍ନ ସ୍ଥାନରେ ୨୪୦୫ଟି ସ୍ୱଚ୍ଛତା ଅଭିଯାନ ପରିଚାଳିତ ହୋଇଛି । ସାଂସଦମାନଙ୍କ ଦ୍ୱାରା ୪୯୩ଟି ସନ୍ଦର୍ଭ, କ୍ୟାବିନେଟ ଦ୍ୱାରା ୨ଟି ପ୍ରସ୍ତାବ, ରାଜ୍ୟ ସରକାରଙ୍କ ଦ୍ୱାରା ୧୦୪ଟି ସନ୍ଦର୍ଭ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ଦ୍ୱାରା ୩୦ଟି ସନ୍ଦର୍ଭର ସମାଧାନ । ନଭେମ୍ବର ୨୦୨୪ ରୁ ଅଗଷ୍ଟ ୨୦୨୫ ମଧ୍ୟରେ ପ୍ରାପ୍ତ ମୋଟ ୪୦,୮୮୦ ଟି ସାଧାରଣ ଅଭିଯୋଗ (ପିଜି) ଏବଂ ୧,୮୬୪ ଟି ପି ଜି ଆବେଦନ ମନ୍ତ୍ରଣାଳୟ ଦ୍ୱାରା ସମାଧାନ କରାଯାଇଛି । ଗୃହ ମନ୍ତ୍ରଣାଳୟ/କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ଏକବାହିନୀ (ସି. ଏ. ପି. ଏଫ୍.) କାର୍ଯ୍ୟାଳୟଗୁଡ଼ିକରେ ୭୯,୭୭୪ ବର୍ଗଫୁଟ ସ୍ଥାନ ଖାଲି କରାଯାଇଛି।

ସହଜ ଭାବେ ତଥ୍ୟ ସଂଗ୍ରହ କରିବା ଏବଂ ସଠିକତା ସୁନିଶ୍ଚିତ କରିବା ପାଇଁ, ଗୃହ ମନ୍ତ୍ରଣାଳୟ ଏକ ଆନ୍ତଃ-ମନ୍ତ୍ରଣାଳୟ ପୋର୍ଟାଲର ଉପଯୋଗ କରୁଛି, ଯେଉଁଥିରେ ମନ୍ତ୍ରଣାଳୟର ସମସ୍ତ ବିଭାଗ ତଥା କେନ୍ଦ୍ରଶାସିତ ଅଞ୍ଚଳ/ଦିଲ୍ଲୀ ପୋଲିସ ଏହି ଅଭିଯାନ ସହ ଜଡ଼ିତ ତଥ୍ୟ ଅପଲୋଡ କରୁଛନ୍ତି। ଏହା ଡିଭିଜନ/କାର୍ଯ୍ୟାଳୟଗୁଡ଼ିକ ସହିତ ଦକ୍ଷତାର ସହ ସମନ୍ୱୟ ରକ୍ଷା କରିବାରେ ସହାୟକ ହୋଇଛି, ଯାହାଦ୍ୱାରା ବିନା ବିଳମ୍ବରେ ସଠିକ୍ ତଥ୍ୟ ହାସଲ କରିବାରେ ସୁବିଧା ହୋଇଛି।ପ୍ରଶାସନିକ ସଂସ୍କାର ଏବଂ ଜନ ଅଭିଯୋଗ ବିଭାଗ (ଡିଏଆରପିଜି) ଦ୍ୱାରା ପରିଚାଳିତ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ୫.୦ ପାଇଁ, ଗୃହ ମନ୍ତ୍ରଣାଳୟ ସକ୍ରିୟ ଭାବେ ସ୍ୱତନ୍ତ୍ର ଅଭିଯାନ ହାତକୁ ନେଉଛି, ଯେଉଁଥିରେ ସ୍ଥାୟୀ ଏବଂ ପରିବେଶ ଅନୁକୂଳ କାର୍ଯ୍ୟସ୍ଥଳୀ ଉପରେ ଧ୍ୟାନ ଦେବା ସହିତ ସାଂସଦମାନଙ୍କ ଠାରୁ ବିଚାରାଧୀନ ସନ୍ଦର୍ଭ, ରାଜ୍ୟ ସରକାରଙ୍କ ସନ୍ଦର୍ଭ, ସଂସଦ ଆଶ୍ୱାସନା, ଆନ୍ତଃ-ମନ୍ତ୍ରୀସ୍ତରୀୟ ପରାମର୍ଶ, ଜନ ଅଭିଯୋଗ/ଅପିଲ ଏବଂ ଉନ୍ନତ ରେକର୍ଡ ମ୍ୟାନେଜମେଣ୍ଟର ସମାଧାନ କରାଯାଉଛି। ସ୍ୱତନ୍ତ୍ର ଅଭିଯାନ ୫.୦ ଉପରେ ମନ୍ତ୍ରଣାଳୟର ସର୍ବୋଚ୍ଚ ସ୍ତରରେ ନଜର ରଖାଯାଇଛି। କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସି.ଏ.ପି.ଏଫ୍.) ଏବଂ କେନ୍ଦ୍ରୀୟ ପୁଲିସ ସଙ୍ଗଠନ (ସି.ପି.ଓ.) ଗୁଡ଼ିକ ସ୍ୱତନ୍ତ୍ର ଅଭିଯାନ ଉପରେ ଗୁରୁତ୍ୱାରୋପ କରିଛନ୍ତି ଏବଂ ଚିହ୍ନଟ କରାଯାଇଥିବା ମାନଦଣ୍ଡ ଅନୁଯାୟୀ ସର୍ବୋତ୍ତମ ହାସଲ କରିବା ପାଇଁ ସେମାନେ ଅତିରିକ୍ତ ପ୍ରୟାସ କରିବାକୁ ପ୍ରସ୍ତୁତ ଅଛନ୍ତି।

## ୮ରେ ଇଣ୍ଡିଆ ମୋବାଇଲ କଂଗ୍ରେସର ସଂସ୍କରଣକୁ ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୭।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ୮ ଅକ୍ଟୋବର ୨୦୨୫ ସକାଳ ପ୍ରାୟ ୯ଟା ୪୫ ମିନିଟ୍ ସମୟରେ ନୂଆଦିଲ୍ଲୀ ଯଶୋଭୂମିଠାରେ ଏସିଆର ସର୍ବବୃହତ ଟେଲିକମ୍, ମିଡିଆ ଏବଂ ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକ୍ରମ 'ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମସି) ୨୦୨୫'ର ୯ମ ସଂସ୍କରଣକୁ ଉଦଘାଟନ କରିବେ।

ଡିଜିଟାଲ ପରିବର୍ତ୍ତନ ଏବଂ ସାମାଜିକ ପ୍ରଗତି ପାଇଁ ନବସୃଜନକୁ ଉପଯୋଗ କରିବା ପ୍ରତି ଭାରତର ପ୍ରତିବଦ୍ଧତାକୁ ଉଜ୍ଜ୍ୱଳ କରି, 'ଇନୋଭେଟ୍ ଟୁ ଟ୍ରାନ୍ସଫର୍ମ' ବିଷୟବସ୍ତୁ ଉପରେ ଦୂରସଂଚାର ବିଭାଗ (ଡଟ୍ଟ) ଏବଂ ସେଲ୍ୟୁଲାର ଅପରେଟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଡଙଇଓ) ଦ୍ୱାରା ମିଳିତ ଭାବରେ ଆୟୋଜିତ ଆଇଏମସି ୨୦୨୫ ଅକ୍ଟୋବର ୮ ରୁ ୧୧ ପର୍ଯ୍ୟନ୍ତ 'ଇନୋଭେଟ୍ ଟୁ ଟ୍ରାନ୍ସଫର୍ମ' ଶୀର୍ଷକରେ ଅନୁଷ୍ଠିତ ହେବ।ଆଇଏମସି ୨୦୨୫ ଟେଲିକମ୍ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ନୂତନ ଉନ୍ନତି ପ୍ରଦର୍ଶନ କରିବ, ଯାହା ବିଶ୍ୱସ୍ତରୀୟ ନେତା, ନୀତି ନିର୍ଦ୍ଧାରକ, ଶିଳ୍ପ ବିଶେଷଜ୍ଞ ଏବଂ ନବସୃଜନକାରୀଙ୍କୁ ଏକତ୍ର କରିବ। ଏହି କାର୍ଯ୍ୟକ୍ରମ ଅପ୍ଟିକାଲ୍ କମ୍ୟୁନିକେସନ୍, ଟେଲିକମ୍‌ରେ ସେମିକଣ୍ଡକ୍ଟର, କ୍ୱାଣ୍ଟମ୍ କମ୍ୟୁନିକେସନ୍, ୬ଜି ଏବଂ ଠକେଇ ବିପଦ ସୂଚକ ଭଳି ପ୍ରମୁଖ ବିଷୟଗୁଡ଼ିକ ଉପରେ ଧ୍ୟାନ ଦେବ, ଯାହା ପରବର୍ତ୍ତୀ ପିଢ଼ିର ସଂଯୋଗୀକରଣ, ଡିଜିଟାଲ୍ ସାର୍ବଭୌମତ୍ୱ, ସାଇବର ଠକେଇ ନିବାରଣ ଏବଂ ବିଶ୍ୱ ପ୍ରଯୁକ୍ତିବିଦ୍ୟା ନେତୃତ୍ୱରେ ଭାରତର ରଣନୈତିକ ପ୍ରାଥମିକତାକୁ ପ୍ରତିଫଳିତ କରିବ ।ଏହି କାର୍ଯ୍ୟକ୍ରମରେ ୧୫୦,୦୦୦ ରୁ ଅଧିକ ପରିଦର୍ଶକ, ୭,୦୦୦ ରୁ ଅଧିକ ବିଶ୍ୱ ପ୍ରତିନିଧି ଏବଂ ୧୫୦ ରୁ ଅଧିକ ଦେଶରୁ ୪୦୦ ରୁ ଅଧିକ କମ୍ପାନୀ ଯୋଗଦେବେ ବୋଲି ଆଶା କରାଯାଉଛି। ୫ଜି/୬ଜି, ଏଆଇ, ସ୍ମାର୍ଟ ମୋବିଲିଟି, ସାଇବରସିକ୍ୟୁରିଟି, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ ସବୁଜ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ୧,୬୦୦ ରୁ ଅଧିକ ନୂତନ ବ୍ୟବହାର-କେସ୍ ୧୦୦ ରୁ ଅଧିକ ଅଧିବେଶନ ଏବଂ ୮୦୦ ରୁ ଅଧିକ ବକ୍ତାଙ୍କ ମାଧ୍ୟମରେ ପ୍ରଦର୍ଶିତ ହେବ।ଏହି କାର୍ଯ୍ୟକ୍ରମରେ ୧.୫ ଲକ୍ଷରୁ ଅଧିକ ପରିଦର୍ଶକ, ୭ ହଜାରରୁ ଅଧିକ ବିଶ୍ୱ ପ୍ରତିନିଧି ଏବଂ ୧୫୦ ରୁ ଅଧିକ ଦେଶରୁ ୪ ଶହରୁ ଅଧିକ କମ୍ପାନୀ ଯୋଗଦେବେ ବୋଲି ଆଶା କରାଯାଉଛି। ୫ଜି/୬ଜି, ଏଆଇ, ସ୍ମାର୍ଟ ମୋବିଲିଟି, ସାଇବରସିକ୍ୟୁରିଟି, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ ସବୁଜ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ୧୬ ଶହରୁ ଅଧିକ ନୂତନ ବ୍ୟବହାର ମାମଲା , ଶହେରୁ ଅଧିକ ଅଧିବେଶନ ଏବଂ ୮ ଶହରୁ ଅଧିକ ବକ୍ତାଙ୍କ ମାଧ୍ୟମରେ ପ୍ରଦର୍ଶିତ ହେବ। ଆଇଏମସି ୨୦୨୫ ମଧ୍ୟ ଅନ୍ତର୍ଜାତୀୟ ସହଯୋଗକୁ ଗୁରୁତ୍ୱ ଦିଏ, ଯେଉଁଥିରେ ଜାପାନ, କାନାଡା, ୟୁନାଇଟେଡ୍ କିଙ୍ଗଡମ୍, ରୁଷିଆ, ଆୟର୍ଲ୍ୟାଣ୍ଡ ଏବଂ ଅଷ୍ଟ୍ରିଆର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

## ୮ରେ ବାର କାଉନସିଲର ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା

ଭୁବନେଶ୍ୱର,୦୭/୧୦: ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟାକୁ ନେଇ ରାଜ୍ୟ ବାର୍ କାଉନ୍‌ସିଲ ଉଦ୍‌ବେଗ ପ୍ରକାଶ କରିଛି । ସାରା ରାଜ୍ୟରେ ଆଇନଜୀବୀମାନେ ଆସନ୍ତା ୮ ତାରିଖକୁ ପ୍ରତିବାଦ ଦିବସ ଭାବେ ପାଳିବେ । ସେହିଦିନ ସାରା ରାଜ୍ୟରେ ଆଇନ୍‌ଜୀବୀମାନେ କାର୍ଯ୍ୟବନ୍ଦ ଆନ୍‌ଦୋଳନ କରିବେ ।

ପରିଷଦର ଅଧକ୍ଷ ଜ୍ଞାନ ରଞ୍ଜନ ମହାନ୍ତି କହିଛନ୍ତି, ଏହା କେବଳ ବ୍ୟକ୍ତିଗତ ସୁରକ୍ଷାର ବିଷୟ ନୁହେଁ । ଏହା ନ୍ୟାୟ, ଗଣତନ୍ତ୍ର ଏବଂ ରାଜ୍ୟର ପ୍ରତ୍ୟେକ ଆଇନଗତ ବୃତ୍ତିଗତଙ୍କ ସୁରକ୍ଷାର ପ୍ରଶ୍ନ । ଏହି ଘୃଣ୍ୟ କାର୍ଯ୍ୟ କେବଳ ଜଣେ ବ୍ୟକ୍ତିଙ୍କ ହତ୍ୟା ନୁହେଁ । ବରଂ ନ୍ୟାୟ ବ୍ୟବସ୍ଥା ଏବଂ ଆଇନର ଶାସନ ଉପରେ ସିଧାସଳଖ ଆକ୍ରମଣ । ଏପରି ବର୍ବର ହିଂସା ଏହି ଅଞ୍ଚଳର ଆଇନ ଶୃଙ୍ଖଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଶ୍ରୀ ମହାନ୍ତି କହିଛନ୍ତି, ଆମେ ଚୁପ୍ ରହିବୁ ନାହିଁ । ଓଡିଶାର ସମସ୍ତ ଓକିଲ ଏବଂ ଆଇନଗତ ସଦସ୍ୟମାନଙ୍କୁ ଆସନ୍ତା ୮ ତାରିଖ(ବୁଧବାର) ଦିନ କୋର୍ଟ କାର୍ଯ୍ୟରୁ ବିରତ ରହିବାକୁ ନିବେଦନ କରିଛୁ । ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ । ଆଇନଜୀବୀଙ୍କ ପାଇଁ ତୁରନ୍ତ ନ୍ୟାୟ ଏବଂ ସୁରକ୍ଷା ଦିଅ । ମୁଖ୍ୟମନ୍ତ୍ରୀ, ଗୃହ ସଚିବ, ଡିଜିପି ଓଡିଶା, ଡିଆଇଜି ଦକ୍ଷିଣ ରେଞ୍ଜ ଏବଂ ଏସପି ଗଞ୍ଜାମଙ୍କୁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି । ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ରାଜ୍ୟ ସଭାପତି ବିଭୁପ୍ରସାଦ ତ୍ରିପାଠୀ ଏଭଳି ହତ୍ୟାକୁ ନେଇ ତୀବ୍ର ନିନ୍ଦା କରିଛନ୍ତି । ତୁରନ୍ତ ହତ୍ୟାକାରୀଙ୍କୁ ଗିରଫ କରି ଦଣ୍ଡ ଦେବାକୁ ସେ ଦାବି କରିଛନ୍ତି । ଆଜି ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ଗୋଟିଏ ପ୍ରତିନିଧି ଦଳ ବ୍ରହ୍ମପୁର ଗସ୍ତ କରିବ ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ସ୍ୱର୍ଗତ ପୀତବାସ ରାଜ୍ୟ ବାର୍ କାଉନ୍‌ସିଲର ନିର୍ବାଚିତ ସଭ୍ୟ ଥିଲେ ।

## ୪ ଦିନ ମାଲଗୋଦାମ୍ ବନ୍ଦ: ୫ ଶହ କୋଟିର କାରବାର ଠପ୍

କଟକ,୦୭।୧୦: ଅଧା ଓଡିଶାକୁ ଖାଦ୍ୟ ସାମଗ୍ରୀ ଯୋଗାଉଥିବା ମାଲଗୋଦାମ୍‌ରେ ଚାରି ଦିନ ହେଲା ତାଲା । କୁମାର ପୂର୍ଣ୍ଣିମା ପାଇଁ ଯେଉଁଠି କପଡା ବଜାର ଉଛୁଳି ପଡିଥାନ୍ତା ସେଠି ନିରବତା ଛାଇ ଯାଇଛି । ପନିପରିବାର ବଡ ବଜାର ଛତ୍ରବଜାର ଦିନତମାମ୍ ଖାଁ ଖାଁ ଥିଲା । ସ୍ୱାସ୍ଥ୍ୟ ରାଜଧାନୀ କୁହାଯାଉଥିବା କଟକର ଏସ୍‌ସିବି ମେଡିକାଲ୍ ସମେତ ସରକାରୀ ଓ ଅଧିକାଂଶ ଘରୋଇ ନର୍ସିଂହୋମ୍, ଯେଉଁଠି ରୋଗୀ ହାଉଯାଉ ହେଉଥାନ୍ତି, ସେସବୁ ସ୍ଥାନ ଖାଲି । ଆଜିକା ସମୟରେ ୟୁପିଆଇରେ ଅଧିକାଂଶ କାରବାର ଚାଲୁଥିବା ବେଳେ ଇଣ୍ଟରନେଟ୍ ସେବା ବନ୍ଦ ପାଇଁ ୟୁପିଆଇରେ କାରବାର ହୋଇ ନପାରିବାରୁ ବ୍ୟବସାୟିକ କାର୍ଯ୍ୟ ମଧ୍ୟ ହୋଇପାରିନାହିଁ । ଫଳରେ ସହରର ପୂରା ବ୍ୟବସାୟୀକ କାରବାର ଠପ୍ ହୋଇଯାଇଛି। ଏଥିଯୋଗୁଁ ପ୍ରାୟ ୫୦୦ କୋଟି ଟଙ୍କାର କ୍ଷତି ହୋଇଥିବା ଆକଳନ କରାଯାଇଛି ।



କର୍ଫ୍ୟୁ ଯୋଗୁଁ ବ୍ୟବସାୟୀକ ପେଣ୍ଠ ଭାବେ କଟକ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା । ବନ୍ଦ ପ୍ରଭାବରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ମାଲଗୋଦାମ । କାରଣ ମାଲଗୋଦାମ ଦଶହରା ଦିନଠାରୁ ବନ୍ଦ ରହିଥିଲା । ଦଶହରା ପରଦିନ ଭସାଣି ପାଇଁ ମଧ୍ୟ ମାଲଗୋଦାମ ବନ୍ଦ ରଖାଯାଇଥିଲା । ଶନିବାର ମାଲଗୋଦାମ ଖୋଲିଥିଲା । କିନ୍ତୁ ଏତେ କାରବାର ହୋଇପାରିନଥିଲା । ପୁନର୍ବାର ରବିବାର ମାଲଗୋଦାମ ବନ୍ଦ ରହିବା ପରେ ସୋମବାର ଖୋଲାଯିବାକୁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ଭସାଣି ପରବର୍ତ୍ତୀ ଗଣ୍ଡଗୋଳ ପାଇଁ ଗତକାଲି କଟକ ବନ୍ଦ ଡାକରା ଦିଆଯିବା ପରେ ଏହି ସ୍ଥିତିର ମୁକାବିଲା ପାଇଁ ପ୍ରଶାସନକୁ କର୍ଫ୍ୟୁ ଘୋଷଣା କରିବାକୁ ପଡିଲା । ଫଳରେ ମାଲଗୋଦାମର ସବୁ କାରବାର ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା ।

କଟକ ଚାମ୍ବର ଅଫ୍ କମର୍ସର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ କହିଛନ୍ତି ଯେ, ମାଲଗୋଦାମରେ ଦୈନିକ ପ୍ରାୟ ୫୦ରୁ ୬୦କୋଟି ଟଙ୍କାର କାରବାର ହୋଇଥାଏ । କିନ୍ତୁ ଗତ ତିନିଦିନ ଧରି ମାଲଗୋଦାମ ବନ୍ଦ ରହିବା ଫଳରେ ଏବେ ବଜାରରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ସଙ୍କଟ ଦେଖାଦେବାର ଆଶଙ୍କା ରହିଛି । କାରଣ ବଜାରରୁ ଖାଦ୍ୟ ସାମଗ୍ରୀ ସରି ଆସୁଛି । ଦଶହରା ପୂର୍ବରୁ ବ୍ୟବସାୟୀମାନେ ଡାଲି, ତେଲ ଆଦି ସାମଗ୍ରୀ ନେଇଥିଲେ । ଦଶହରା ପରେ ପୁଣି ବ୍ୟବସାୟ ଆରମ୍ଭ ହେବା କଥା । କିନ୍ତୁ ଦଶହରା ପରେ ମଧ୍ୟ ମାଲଗୋଦାମ ଖୋଲି ନପାରିବାରୁ ଏହା କେବଳ ବ୍ୟବସାୟିକ କ୍ଷତି ପହଞ୍ଚାଉନାହିଁ ଖାଉଟିମାନଙ୍କ ସମସ୍ୟା ବାଢ଼ ଦେଇଛି । ଯଦି ଆଉ ଦିନେ ଦୁଇଦିନ ଏହି ସ୍ଥିତି ଲାଗିରହେ ମାଲଗୋଦାମରୁ ଡାଲି, ତେଲ ଆଦି ସାମଗ୍ରୀ ନେଉଥିବା ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ଅଭାବ ଦେଖାଦେବ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି । ଅନ୍ୟପକ୍ଷରେ ଇଣ୍ଟରନେଟ୍ ବନ୍ଦ ପାଇଁ ବ୍ୟାଙ୍କ୍ କାରବାର ହୋଇପାରୁନଥିବାରୁ ଅନ୍ୟ ରାଜ୍ୟରୁ ମଧ୍ୟ ଡାଲି, ତେଲ ଆଦି ସାମଗ୍ରୀ ଆସିବାରେ ସମସ୍ୟା ଦେଖାଦେଇଛି ।

## ଓଡ଼ିଶା ସରକାରଙ୍କ ବଡ ଘୋଷଣା: ପ୍ରି-ମ୍ୟାଟ୍ରିକ୍, ପୋଷ୍ଟ-ମ୍ୟାଟ୍ରିକ୍ ଛାତ୍ରଛାତ୍ରୀଙ୍କ ପାଇଁ ବଢ଼ିଲା ସ୍କଲାରସିପ

କଟକ,୭।୧୦: ଓଡ଼ିଶା ସରକାର ରାଜ୍ୟର ପ୍ରମୁଖ ଶିକ୍ଷା ଯୋଜନା "ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ଯୋଜନା ଓ ଅନ୍‌ୱେଷା ଯୋଜନା" ଅଧୀନରେ ପ୍ରି-ମେଟ୍ରିକ ଓ ପୋଷ୍ଟ-ମେଟ୍ରିକ ଛାତ୍ରଛାତ୍ରୀଙ୍କ ପାଇଁ ବାର୍ଷିକ ବୃତ୍ତି ରାଶି ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ଯୋଜନାରେ ପ୍ରି-ମେଟ୍ରିକ ଛାତ୍ରଛାତ୍ରୀଙ୍କ ବୃତ୍ତି ରାଶି ବାର୍ଷିକ ୧୦,୫୦୦ ଟଙ୍କାରୁ ୧୬,୦୦୦ ଟଙ୍କାକୁ ବୃଦ୍ଧି ପାଇଛି।

ସେହିପରି, ଆର୍ଥିକ ଦୁର୍ବଳ ପରିବାରର ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରୁଥିବା ଅନ୍‌ୱେଷା ଯୋଜନାରେ ବୃତ୍ତି ରାଶି ୧୧,୦୦୦ ଟଙ୍କାରୁ ୧୭,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ପୋଷ୍ଟ-ମେଟ୍ରିକ ସ୍ତରରେ, ପୁରୁଷ ଛାତ୍ରମାନେ ପୂର୍ବରୁ ପାଉଥିବା ୧୧,୦୦୦ ଟଙ୍କା ବଦଳରେ ଏବେ ୧୬,୦୦୦ ଟଙ୍କା ଏବଂ ମହିଳା ଛାତ୍ରୀମାନେ ୧୭,୦୦୦ ଟଙ୍କା ବାର୍ଷିକ ପାଇବେ ।ସୋମବାର ନୂଆପଡ଼ାରେ ଆୟୋଜିତ ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଘୋଷଣା କରି କହିଛନ୍ତି, "ଶିକ୍ଷା ହେଉଛି ବିକାଶର ମୂଳ ଆଧାର। ଆମ ସରକାର ପ୍ରତ୍ୟେକ ପିଲାଙ୍କ ପାଇଁ ସମାନ ଶିକ୍ଷା ସୁଯୋଗ ନିଶ୍ଚିତ କରିବାକୁ ପ୍ରତିବଦ୍ଧ।" ଏହି ବୃଦ୍ଧିପ୍ରାପ୍ତ ଆର୍ଥିକ ସହାୟତା ଓଡ଼ିଶାର ହଜାର ହଜାର ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ବାଧା ବିନା ଗୁଣାତ୍ମକ ଶିକ୍ଷା ଗ୍ରହଣ କରିବାରେ ସହାୟକ ହେବ ବୋଲି ସେ ମତ ଦେଇଛନ୍ତି।

## ଏନ୍‌ସିସିର ଡିଡିଜି ଭାବେ ଦାୟିତ୍ୱ ଗ୍ରହଣ କଲେ କମାଣ୍ଡର ବିକ୍ରମ ସିଂହ

ଭୁବନେଶ୍ୱର: କମାଣ୍ଡର୍ ବିକ୍ରମ ସିଂହ ଏନସିସିର ନୂତନ ଉପ ନିର୍ଦ୍ଦେଶକ ସାଧାରଣଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିକ୍ରମ ସିଂହ ଜଣେ ଅନୁଭବୀ ଏବଂ କୀର୍ତ୍ତିବାନ ନୌସେନା ଅଧିକାରୀ । ତାଙ୍କ ନେତୃତ୍ୱ ଗୁଣ, କୌଶଳପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ଓ ଯୁବ ଶକ୍ତି ଉନ୍ନୟନ ପ୍ରତି ଅଗାଧ ସମର୍ପଣ ଏନ୍ ?ସିସି ଓଡ଼ିଶା ନିର୍ଦ୍ଦେଶାଳୟର କାର୍ଯ୍ୟକଳାପ ଓ ପ୍ରଭାବକୁ ଆହୁରି ସୁଦୃଢ଼ କରିବ ।



ଦାୟିତ୍ୱ ଗ୍ରହଣ ପରେ ଶ୍ରୀଯୁକ୍ତ ସିଂହ ଏନ୍ ?ସିସିର ଉଦ୍ଦେଶ୍ୟ, ଶିସ୍ତବାନ୍, ଦେଶପ୍ରେମୀ ଓ ପ୍ରେରିତ ଯୁବଶକ୍ତି ଗଢ଼ି ତୋଳିବା ଏବଂ କାର୍ଯ୍ୟକୁ ଆଗେଇ ନେବା ପ୍ରତି ସମର୍ପିତ ହେବା ପାଇଁ ପରାମର୍ଶ ଦେଇଛନ୍ତି । ସେ ଓଡ଼ିଶାର ସମଗ୍ର ରାଜ୍ୟରେ ସଂସ୍ଥାଗତ ପ୍ରଶିକ୍ଷଣ, ସାହସିକ କାର୍ଯ୍ୟକ୍ରମ ଓ ସମାଜସେବା ଅଭିଯାନଗୁଡ଼ିକୁ ଆହୁରି ଶକ୍ତିଶାଳୀ କରିବା ଉପରେ ଜୋର ଦେଇଛନ୍ତି।

## ଡିଭାଇଡର ଉପରେ ଚଢ଼ି ଓଲଟି ପଡ଼ିଲା ତୀର୍ଥଯାତ୍ରୀ ବସ୍, ୩୦ ଯାତ୍ରୀ ଆହତ

ସିମୁଳିଆ, ୭/୧୦ : ଜଗା ଦର୍ଶନ ସାରି ଫେରୁଥିବା ବେଳେ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ୧୬ନମ୍ବର ଜାତୀୟ ରାଜପଥ ତାରିଣୀ ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ବସ୍ ?ଟି



ଡିଭାଇଡର ଉପରେ ଚଢ଼ି ଓଲଟି ପଡିଛି। ଏହି ଦୁର୍ଘଟଣାରେ ପ୍ରାୟ ୩୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସମସ୍ତଙ୍କୁ ପୁଲିସ ଉଦ୍ଧାର କରି ସିମୁଳିଆ ଏବଂ ସୋର ଡାକ୍ତରଖାନାକୁ ପଠାଇଛି। ବସ୍ ଡ୍ରାଇଭରକୁ ନିଦ ଆସିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଦୁର୍ଘଟଣା ଘଟିବା ପରେ ଡ୍ରାଇଭର ଓ ହେଲ୍ପର ଫେରାର ହୋଇଯାଇଛନ୍ତି।

ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗ ମୋହନପୁର ଥାନା ବୋଇତା ଅଞ୍ଚଳର ୬୫ ଜଣ ତୀର୍ଥଯାତ୍ରୀ ପୁରୀ ଜଗନ୍ନାଥ ଦର୍ଶନ କରିବା ପାଇଁ ଇନ୍ଦ୍ରାଣୀ ବସ୍ ଯୋଗେ ଆସିଥିଲେ। ଗତକାଲି ଫେରିବା ବେଳେ ରାତି ପ୍ରାୟ ୨ଟା ସମୟରେ ତୀର୍ଥଯାତ୍ରୀ ବସଟି ୧୬ନମ୍ବର ଜାତୀୟ ରାଜପଥ ତାରିଣୀ ଛକ ନିକଟରେ ଡିଭାଇଡର ଉପରକୁ ଚଢ଼ିଯାଇ ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱକୁ ଓଲଟି ପଡିଥିଲା। ଏହି ଦୁର୍ଘଟଣାରେ ପ୍ରାୟ ତିରିଶ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଖବର ପାଇ ଘଟଣା ସ୍ଥଳରେ ସିମୁଳିଆ ପୁଲିସ ପହଁଚି ସମସ୍ତଙ୍କୁ ଉଦ୍ଧାର କରିଛି। ଆହତ ଯାତ୍ରୀମାନଙ୍କୁ ସିମୁଳିଆ ଏବଂ ସୋର ଡାକ୍ତରଖାନାକୁ ପଠାଯାଇଛି। ତୀର୍ଥଯାତ୍ରୀଙ୍କ ମଧ୍ୟରେ ୧୫ ଜଣ ଶିଶୁ ଏବଂ ୩୦ ଜଣ ମହିଳା ଥିବା ଜଣାପଡିଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ରଣଜୀ ଅଧିନାୟକ ଶୁଭ୍ରାଂଶୁ ସେନାପତି

ଭୁବନେଶ୍ୱର : ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ବିଶିଷ୍ଟ ଓଡ଼ିଆ କ୍ରିକେଟ୍ ଖେଳାଳି ତଥା ରଣଜୀ ଅଧିନାୟକ ଶୁଭ୍ରାଂଶୁ ସେନାପତି ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କର ଉଚ୍ଚ ପ୍ରଶଂସା କରିବା ସହ ଆଗାମୀ ଦିନରେ ଶୁଭ୍ରାଂଶୁ ଓଡ଼ିଶା ତଥା ଦେଶ ପାଇଁ ଗୌରବ ଆଣନ୍ତୁ ବୋଲି ଶୁଭେଚ୍ଛା ଜଣାଇଛନ୍ତି ।



ସୂଚନା ଥାଉକି ରଣଜୀ ମ୍ୟାଚ ପାଇଁ ୧୫ଜଣିଆ ଟିମ ଘୋଷଣା କରିଥିଲା ଓଡିଶା କ୍ରିକେଟ ଆସୋସିଏସନ୍ । ଶୁଭ୍ରାଂଶୁ ସେନାପତି ଦଳର ଅଧିନାୟକ ଚୟନ ହୋଇଛନ୍ତି । ଘୋଷଣା ହୋଇଥିବା ଟିମ୍‌ରେ ରହିଛନ୍ତି ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପଅଧିନାୟକ), ଗେରବ ଚେଧୁରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ (ୱିକେଟ୍‌କିପର), ରାଜେଶ ଧୂପର (ୱିକେଟ୍‌କିପର), ଅନିଲ ପରିଡା, ସମ୍ବିତ ଏସ୍ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତାରିଣୀ ସା, ତାପସ ଦାସ। ସେହିଭଳି ଷ୍ଟାଣ୍ଡବାଏ ଖେଳାଳି ଭାବରେ ରହିଛନ୍ତି ଶାନ୍ତନୁ ମିଶ୍ର, ବିପ୍ଲବ ସାମନ୍ତରାୟ, ସେରଭ ଗେଡ, ପ୍ରଶାନ୍ତ ରଣା ଏବଂ କାର୍ତ୍ତିକ ବିଶ୍ୱାଳ ।ସୂଚନାଥାଉକି, ଚଳିତ ମାସ ୧୫ ତାରିଖରୁ ଓଡିଶା ଏହାର ରଣଜୀ ଅଭିଯାନ ଆରମ୍ଭ କରିବ। ଏହି ସିଜିନରେ ମୋଟ ୭ଟି ମ୍ୟାଚ ଖେଳିବ ଓଡ଼ିଶା । ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱରେ ଓଡିଶା ଟିମ୍ ପଡିଆକୁ ଓହ୍ଲାଇବ । ପ୍ରଥମ ମ୍ୟାଚରେ ବରୋଦାକୁ ଭେଟିବାକୁ ଯାଉଥିବାବେଳେ, ଏହାପରେ ମଧ୍ୟପ୍ରଦେଶ, ଜମ୍ମୁ କାଶ୍ମୀର, ଉତ୍ତର ପ୍ରଦେଶ, ଆନ୍ଧ୍ର ପ୍ରଦେଶ, ବିଦର୍ଭ, ନାଗାଲାଣ୍ଡ, ତାମିଲନାଡୁ ଓ ଝାଡ଼ଖଣ୍ଡ ସହ ମ୍ୟାଚ ରହିଛି ।

## ମଶାଣିକୁ ନାହିଁ ରାସ୍ତା

ନବରଙ୍ଗପୁ.୭।୧୦(ନି.ପ୍ର.): ଗାଁ ରେ ମଶାଣି ଅଛି ହେଲେ ମଶାଣି କୁ ନାହିଁ ରାସ୍ତା । ଲୋକ ବାଧ ନିଜ ପରିଜନଙ୍କ ମୃତଦେହ କୁ ପାଣି କାଦୁଆରେ ଧନ ଜମି ଭିତର ଦେଇ ମୃତ ଦେହ ନେବାକୁ ପଡୁଛି । ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଚିକଲପଦର ଗ୍ରାମ ପଞ୍ଚାୟତର ଅଧିକରୀଗୁଡ଼ା ଆଦିବାସି ସାହି ଗ୍ରାମରେ । ଏହି ଗ୍ରାମ ରେ ଶବ ସଂସ୍କାର ପାଇଁ ମଶାଣି ଅଛି, ହେଲେ ମଶାଣି କୁ ପହଞ୍ଚିବାକୁ ନାହିଁ ରାସ୍ତା । ଲୋକେ ବାଧ ହୋଇ କୋକେଇ ଧରି ଧାନ ଜମି ମଧ୍ୟରେ ଅଣ୍ଟାଏ ପାଣି ଦେଇ ଶ୍ମଶାନ କୁ ଯାଉଛନ୍ତି ରାସ୍ତା ଯିବା ପରେ ଗ୍ରାମ ମଶାଣି ସଙ୍କୁଚିତ ହୋଇଛି । ମଶାଣି କୁ ରାସ୍ତା ଦେବାପାଇଁ ଓ ସେଠାରେ ଏକ ବିଶ୍ରମାଗାର ନିର୍ମାଣ ଲାଗି ପଞ୍ଚାୟତ ସ୍ତରରୁ ଆରମ୍ଭ କରି ପଲ୍ହିସଭା, ଗ୍ରାମ ସଭା ପର୍ଯ୍ୟନ୍ତ ସବୁଠାରେ ପ୍ରସ୍ତାବ ଦିଆ ଯାଇଛି ଏଭଳିକି ଉମରକୋଟ ବିଡ଼ିଓ ଙ୍କୁ ମଧ୍ୟ ଆବେଦନ କରିଥିଲେ ଗ୍ରାମବାସୀ । କିନ୍ତୁ କୌଣସି ସୁଫଳ ମିଳିନାହିଁ । ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ବିକାଶ ଧାରା ରେ ଚାଲିଛି ବୋଲି ଅନୁରୋଧ କରୁଚୁ ଗାଁ ମଶାଣି କୁ ରାସ୍ତା ଦେବା ସହ ଏକ ବିଶ୍ରାମାଗାର ଦିଅନ୍ତୁ ନହେଲେ ଅନ୍ୟ ଏକ ସ୍ଥାନ ମଶାଣି ପାଇଁ ଜାଗା ଦିଆଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।



Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ